# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ନଭେମ୍ବର ୯/୨୦୧୮ (୧୬ ପୃଷ୍ଠା) | Berhampur, Friday, November 9/ 2018 | ★★★

୧୪ ଶ ଭାଗ ୨୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





**ମହିଳା, ପୁରୁଷଙ୍କୁ ସଚେତନ କରିଛି 'ମିଟୁ': ଆୟେଶା**
'ମିଟୁ' ଆନ୍ଦୋଳନ ମହିଳା ଓ ପୁରୁଷଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିବା ପ୍ରକାଶ କରିଛନ୍ତି ଅଭିନେତ୍ରୀ ଆୟେଶା ଚୋପ୍ରା । **୦୨**

**୧୩** **ଆର୍‌ବିଆଇ ଗଭର୍ନରଙ୍କଠାରୁ କେନ୍ଦ୍ର ଅର୍ଥ ମନ୍ତ୍ରୀ ବଡ଼**
ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କଠାରୁ ଅର୍ଥମନ୍ତ୍ରୀ ବଡ଼। ତାଙ୍କ ମତକୁ ଗଭର୍ନର ସମ୍ମାନ ଦେଇ କାର୍ଯ୍ୟ କରିବାକୁ ହେବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ କହିଛନ୍ତି।









# ଭାରତୀୟ ଦଳରେ ବୀରେନ୍ଦ୍ର, ଅମିତ



ବୀରେନ୍ଦ୍ର ଲାକ୍ରା



ଅମିତ ରୋହିଦାସ

**ହକି ବିଶ୍ୱକପ୍**

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ହକି ପାଇଁ ବଡ଼ ଖବର। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ ପାଇଁ ଗୁରୁବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ବୀରେନ୍ଦ୍ରଙ୍କ ପାଇଁ ଏହା ଦ୍ୱିତୀୟ ବିଶ୍ୱକପ ହେବାକୁ ଯାଉଥିବାବେଳେ ଅମିତଙ୍କ ପାଇଁ ପ୍ରଥମ ଅନୁଭୂତି ସାଉଁଟିବାର ସମୟ ଆସିଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଥିବା ୧୮ ଜଣିଆ ଦଳର ଅଧିନାୟକ ଦାୟିତ୍ୱ ମିଡ୍‌ଫିଲ୍ଡର ମନପ୍ରୀତ ସିଂଙ୍କ ଉପରେ ନ୍ୟସ୍ତ କରାଯାଇଛି। ଚିଙ୍ଗଲେନସାନା ସିଂ କାଙ୍ଗୁଜାମ୍ ଉପଅଧିନାୟକ ମନୋନୀତ ହୋଇଛନ୍ତି। ବୀରେନ୍ଦ୍ର ଓ ଅମିତ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ଓଡ଼ିଶା ହକି ମହଲରେ ସ୍ୱାଭାବିକ ଭାବେ ଆନନ୍ଦର ଲହରି ଖେଳିଯାଇଛି। ପ୍ରକାଶ ଯୋଗ୍ୟ ଯେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ବିଶ୍ୱକପ କ୍ୟାମ୍ପ ପାଇଁ ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲା। ବୀରେନ୍ଦ୍ର ଆହତ ଥିବା ଦର୍ଶା ଯାଇଥିବାବେଳେ ଅମିତଙ୍କୁ ଅଣଦେଖା କରାଯାଇଥିଲା। ଏହାକୁ ନେଇ ଧରିତ୍ରୀ ସମେତ ଓଡ଼ିଶାର ଅନେକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଅମିତ କ୍ୟାମ୍ପରେ ଟ୍ରେନିଂ ନେଉଛନ୍ତି ବୋଲି କହି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସମସ୍ତଙ୍କୁ ବିସ୍ମିତ କରିଥିଲେ। ମାତ୍ର ଏସିଆନ ଚାମ୍ପିୟନ୍ସ ଟ୍ରଫି ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା। କେବଳ କୋର୍ ଗ୍ରୁପ ଖେଳାଳି ହିଁ ଚୂଡ଼ାନ୍ତ ଦଳରେ ☞ପୃଷ୍ଠା–୪

## ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ




ପୁରୀ ଅଫିସ,୮।୧୧

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। କେତେବେଳେ ଭକ୍ତ ସେଲ୍‌ଫି ଉଠାଇ ପୋଷ୍ଟ କରୁଛନ୍ତି ତ ଆଉ କେତେବେଳେ ପୋଲିସ କର୍ମଚାରୀ। ଗୁରୁବାର ପୁଣି ଏକ ଭାଇରାଲ ପଦାକୁ ଆସିଛି। କେତେଜଣ ଇସ୍କନ ଭକ୍ତ କୋଇଲି ବୈକୁଣ୍ଠ, କୀର୍ତ୍ତନ ଚକଡ଼ା, ରୋଷଘର ଆଦିର ଫଟୋକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ହେଲେ ହିତେଶ ସୋନାନୀ ନାମକ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ ଆକାଉଣ୍ଟରେ ☞ପୃଷ୍ଠା–୪


ବିମୁଦ୍ରୀକରଣକୁ ପୂରିଲା ୨ବର୍ଷ
**ସଫଳତା କମ୍, ବିଫଳତା ବେଶି**
........୧୩........


**ଆଜିର ସମ୍ପାଦକୀୟ**

**ପୁନଃ ଆହ୍ୱାନ**

**ଆଜିର ମନ୍ତବ୍ୟ**

"ବିମୁଦ୍ରୀକରଣ ହେଉଛି ସବୁଠାରୁ ବଡ଼ ବିଫଳ ଅର୍ଥନୈତିକ ଗବେଷଣା ।
– ଅଜିତ ପାୱାର, ଏନ୍‌ସିପି ନେତା

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା ରପ୍ତାନିକାରୀଙ୍କ ୮୨,୭୭୫ କୋଟି ଟଙ୍କାର ଜିଏସ୍‌ଟି ରିଫଣ୍ଡ ପ୍ରଦାନ କରାଯାଇଛି।
– ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 08.11.2018 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 64 | 111 | 121 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers


■ ଦାନ୍ତେୱାଡ଼ାରେ ଲାଲ୍ ଆତଙ୍କ

# ବିସ୍ଫୋରଣରେ ୫ ନିହତ

ରାୟପୁର/ମାଲକାନଗିରି, ୮।୧୧(ପି.ଟି./ଡି.ଏନ୍.ଏ.)

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ପୁଣିଥରେ ରକ୍ତର ହୋଲି ଖେଳିଛନ୍ତି ମାଓବାଦୀ। ସେମାନଙ୍କ ଆକ୍ରମଣରେ ଜଣେ ସିଆଇଏସ୍‌ଏଫ୍ ଯବାନ ଶହୀଦ ହୋଇଥିବାବେଳେ ୪ ସାଧାରଣ ନାଗରିକ ନିହତ ହୋଇଛନ୍ତି। ବିଧାନସଭା ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ମାଓବାଦୀମାନେ ଲାଲ ଆତଙ୍କ ଖେଳାଇ ସୁରକ୍ଷା ବଳକୁ ପୁଣି ଚ୍ୟାଲେଞ୍ଜ କରିଛନ୍ତି। ୧୫ ଦିନ ମଧ୍ୟରେ ରାଜ୍ୟରେ ଏହା ହେଉଛି ତୃତୀୟ ମାଓବାଦୀ ଆକ୍ରମଣ। ଛତିଶଗଡ଼ର ମାଓବାଦୀ ପ୍ରଭାବିତ ୧୮ ବିଧାନସଭା ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାନ୍ତେୱାଡ଼ାରୁ ୧୦୦ କି.ମି. ଦୂର ଜଗଦଲପୁର ଜିଲାକୁ ଶୁକ୍ରବାର ଭାଜପା ପାଇଁ ନିର୍ବାଚନ ପ୍ରଚାରରେ ଯିବେ। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ବସ୍ତର ଅଞ୍ଚଳକୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଆସୁଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ ମାଓବାଦୀମାନେ ରାଜଧାନୀ ରାୟପୁରରୁ ୪୫୦ କି.ମି. ଦୂରରେ ଆଇଇଡି ବିସ୍ଫୋରଣ କରି ୫ ଜଣଙ୍କ ଜୀବନ ନେଇଛନ୍ତି। ମିଳିଥିବା ସୂଚନାନୁସାରେ, ☞ପୃଷ୍ଠା–୪



ମାଓବାଦୀଙ୍କ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବସ୍।

**୧୫ ଦିନରେ ତୃତୀୟ ଆକ୍ରମଣ**

- ■ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଟାର୍ଗେଟ
- ■ ଆଇଇଡି ବିସ୍ଫୋରଣରେ ଉଡିଗଲା ବସ୍
- ■ ସିଆଇଏସ୍‌ଏଫ୍ ଯବାନ ଶହୀଦ
- ■ ଅନ୍ୟ ୪ ଜଣଙ୍କ ମୃତ୍ୟୁ

# ନଦୀରେ ବୁଡ଼ିଯାଇ ଭଉଣୀଭାଇ ମୃତ

ମୋହନା,୮।୧୧(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ମୋହନା ପଞ୍ଚାୟତର କଣ୍ଟେଇକୋଳି ଗ୍ରାମ ପଠାଣସାହିରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପିଉସୀ ଘରକୁ ବୁଲିବାକୁ ଆସି ମା' ସହ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ସକାଳେ ଭଉଣୀଭାଇ ବୁଡିଯାଇ ସେମାନଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କଟାମ୍ବାର ଅଶୋକ କୁମାର ସୁଆଲସିଂଙ୍କ ଝିଅ ସୌମ୍ୟା (୬) ଓ ପୁଅ ବିଷ୍ଣୁ (୩)। ପ୍ରକାଶ ଯେ, ମୋହନା ବ୍ଲକ କଟାମ୍ବାର ଅଶୋକ, ସ୍ତ୍ରୀ ମରିୟମ୍, ଝିଅ ସୌମ୍ୟା ଓ ପୁଅ ବିଷ୍ଣୁଙ୍କ ସହ ପଠାଣସାହିସ୍ଥିତ ଭଉଣୀ ଘରକୁ ମଙ୍ଗଳବାର ବୁଲିବାକୁ ଆସିଥିଲେ। ଗୁରୁବାର ସକାଳ ପ୍ରାୟ ୭ଟା ୪୫ରେ ମରିୟମ୍ ଝିଅ ପୁଅଙ୍କୁ ଧରି ନିକଟସ୍ଥ ହରଭଙ୍ଗୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଲୁଗା ସଫା କରୁଥିବାବେଳେ ଝିଅ ସୌମ୍ୟା ଗାଧୋଇବାକୁ ପାଣିକୁ ପଶିଥିଲେ। ମାତ୍ର ନଦୀ ସ୍ରୋତରେ ସେ ଭାସିଯାଇଥିଲେ। ମରିୟମ୍ ଝିଅଙ୍କୁ ବଞ୍ଚାଇବାକୁ ପାଣିକୁ ଲମ୍ଫ ଦେଇଥିଲେ। ମା'ଙ୍କୁ ପାଣିକୁ ଡେଇଁବା ଦେଖି ତୁଠରେ ବସିଥିବା ପୁଅ ବିଷ୍ଣୁ ପାଣି ଭିତରକୁ ପଶିଯାଇଥିଲେ। ଝିଅପୁଅ ଉଭୟ ବୁଡି ଯାଉଥିବା ଦେଖି ମରିୟମ ପାଟି କରିଥିଲେ। ଗ୍ରାମବାସୀ ଧାଇଁ ଆସି ୩ ଜଣଙ୍କୁ ଉଦ୍ଧାର କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୌମ୍ୟା ଓ ବିଷ୍ଣୁଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ.୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଦଳିଦେଲା ଯଶୋଦା

ବନ୍ତଲା, ୮।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରିବା ପାଇଁ ଚନ୍ଦକାରୁ ଆସିଥିବା କୁମକୀ ହାତୀ ଯଶୋଦା ଆକ୍ରମଣରେ ଗୁରୁବାର ପୁରୁଣାକୋଟ ଗ୍ରାମର ସୁଦୁର ପ୍ରଧାନ (୪୫)ଙ୍କ ମୃତ୍ୟୁ ହୋଇଛି।

ଘଟଣାରୁ ପ୍ରକାଶ, ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖ ନନ୍ଦିନୀ ନାଳ ନିକଟରେ ମାହୁନ୍ତ ଯଶୋଦାକୁ ନେଇ ବାଉଁଶ ଖାଇବା ପାଇଁ ବାନ୍ଧି ଆସିଥିଲେ। ସୁଦୁର ସେହି ନାଳରୁ ମାଛ ମାରିବା ପାଇଁ ଯାଇଥିବା ବେଳେ ଏକ କଦଳି ଗଛ ହାତୀକୁ ଖୁଆଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ହାତୀ ଶୁଣ୍ଢରେ ତାଙ୍କୁ କଚାଡି ଦେବାସହ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଆଇଆଇସି ବିଜୟ କୁମାର ହାଇବ୍ରୋ, ରେଞ୍ଜର ଗଜେନ୍ଦ୍ର ବେହେରା ପ୍ରମୁଖ ପହଞ୍ଚି ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ସମ୍ପର୍କୀୟ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ଗଜେନ୍ଦ୍ର ବେହେରା କହିଛନ୍ତି, ଯଶୋଦା ପାଖକୁ ଯିବା ପାଇଁ ଲୋକମାନଙ୍କୁ ପୂର୍ବରୁ ବାରଣ କରାଯାଇଥିଲା।



# ରାଜସ୍ଥାନରେ ଭାଜପା ହାରିବ

■ ଏମ୍‌ପି, ଛତିଶଗଡ଼ରେ କଡ଼ା ଟକ୍କର

**ଇଣ୍ଡିଆ ଟୁଡେ-ପିଏସ୍‌ଇ ସର୍ଭେ**

- ■ ତେଲେଙ୍ଗାନାରେ ପୁଣି ଜିତିବେ କେସିଆର୍
- ■ ରାଜସ୍ଥାନରେ ଅଶୋକ ଗେହଲଟ୍ ପ୍ରଥମ ପସନ୍ଦ
- ■ ଶିବରାଜଙ୍କୁ ଚାହାନ୍ତି ୪୨% ମଧ୍ୟପ୍ରଦେଶ ଭୋଟର
- ■ ରମଣ ସିଂଙ୍କ ପୁନଃ କ୍ଷମତା ଦଖଲ ସମ୍ଭାବନା ୫୫%



ଅଶୋକ ଗେହଲଟ



କେ.ଚନ୍ଦ୍ରଶେଖର ରାଓ

ନୂଆଦିଲ୍ଲୀ,୮।୧୧

୫ ରାଜ୍ୟରେ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ସମୀକରଣ ସେତିକି ବଦଳିବାରେ ଲାଗିଛି। ଭାଜପା ଶାସିତ ୩ ରାଜ୍ୟରେ ଏହି ଦଳର ସ୍ଥିତି ଟଳମଳ ଅବସ୍ଥାରେ। ରାଜସ୍ଥାନରେ ଭାଜପା ହରିବ। ମଧ୍ୟପ୍ରଦେଶ (ଏମ୍‌ପି) ଏବଂ ଛତିଶଗଡ଼ରେ ଗୈରିକ ଦଳକୁ କଡ଼ା ଟକ୍କର ଦେବ କଂଗ୍ରେସ। ଇଣ୍ଡିଆ ଟୁଡେର ପଲିଟିକାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ପିଏସ୍‌ଇ) ପକ୍ଷରୁ କରାଯାଇଥିବା ସଦ୍ୟ ସର୍ଭେରେ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଗୈରିକ ଦଳର ଶିବିରରେ ନୈରାଶ୍ୟ ଖେଳିଯାଇଛି। ଏହାସତ୍ତ୍ୱେ ଭାଜପା ୩ ରାଜ୍ୟକୁ ପୁନଃ ଦଖଲ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛି।

ପିଏସ୍‌ଇ ପକ୍ଷରୁ ଗୁରୁବାର ପ୍ରକାଶିତ ସର୍ଭେ ରିପୋର୍ଟ ଅନୁସାରେ ମଧ୍ୟପ୍ରଦେଶରେ ଭାଜପା ପୁନଃ କ୍ଷମତାସୀନ ହେବାର ୫୨% ସମ୍ଭାବନା ରହିଛି। ଏହି ରାଜ୍ୟରେ ଭାଜପାର ୧% ଓ ବିରୋଧୀ କଂଗ୍ରେସର ୩% ଭୋଟ ହାର ବଢ଼ିବ। ସହରାଞ୍ଚଳରେ ଭାଜପାକୁ ବଡ଼ ସଫଳତା ମିଳିବ। କିନ୍ତୁ ଗ୍ରାମାଞ୍ଚଳ ଭୋଟର ଗୈରିକ ଦଳକୁ ପ୍ରତ୍ୟାଖ୍ୟାନ କରିବେ। ଏଥର କଂଗ୍ରେସ-ବିଏସ୍‌ପି ମେଣ୍ଟକୁ କିଛିମାତ୍ରାରେ ସଫଳତା ମିଳିପାରେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲେ ଦଳ ଆଡ଼କୁ ଅଧିକ ଯୁବ ଭୋଟର ଆକର୍ଷିତ ହୋଇଥାଆନ୍ତେ। ୪୨% ଉତ୍ତରଦାତା ଶିବରାଜ ସିଂ ଚୌହାନଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଚାହୁଁଥିବାବେଳେ ୪୦% ସରକାର ବଦଳାଇବା ସପକ୍ଷରେ ଅଛନ୍ତି। ଏମ୍‌ପି ବିଧାନସଭା ନିର୍ବାଚନରେ ବେକାରି, କୃଷି ସମସ୍ୟା, ଦରଦାମ ବୃଦ୍ଧି, ପାନୀୟ ଜଳ ଆଦି ମୁଖ୍ୟ ପ୍ରସଙ୍ଗ ବୋଲି ୨୯ ସଂସଦୀୟ ଆସନର ୧୧,୭୧୨ ମତଦାତା ଟେଲିଫୋନ୍ ସାକ୍ଷାତ୍‌କାରରେ କହିଛନ୍ତି।

ପଡ଼ୋଶୀ ଛତିଶଗଡ଼ କଥା ଦେଖିଲେ ଏଠାରେ ମୁଖ୍ୟମନ୍ତ୍ରୀ ରମଣ ସିଂ ପୁଣି କ୍ଷମତା ଦଖଲ କରିବା ସମ୍ଭାବନା ୫୫%। ଅଜିତ୍ ଯୋଗୀଙ୍କ ଜନତା କଂଗ୍ରେସ ଛତିଶଗଡ଼ ଏବଂ ବିଏସ୍‌ପି ମେଣ୍ଟ ନିର୍ବାଚନରେ ଭାଜପା ପାଇଁ ସହାୟକ ହେଉଥିବା ଭଳି ମନେହେଉଛି। କାରଣ ଏହି ମେଣ୍ଟ ୭% ଭୋଟ ପାଇବ। ☞ପୃଷ୍ଠା–୪

ଧରିତ୍ରୀ
DHARITRI
ଶୁକ୍ରବାର, ୯ ନଭେମ୍ବର, ୨୦୧୮



ରାଜ୍ୟୱାରି ମେଣ୍ଟ ହେଲେ କଂଗ୍ରେସକୁ ଅନେକ ଫାଇଦା ମିଳିବ । ଏଥିସହିତ ଭାଜପାକୁ ପରାଜିତ କରିବା ସହଜ ହୋଇଯିବ ।

- ପି. ଚିଦାବରମ୍, ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### କାଲିଫର୍ନିଆରେ ଗୁଳିକାଣ୍ଡ: ୧୨ ନିହତ

**ଥାଉଜେଣ୍ଡ ଓକ୍ସ,୮।୧୧(ପି.ଟି.)-** ଆମେରିକାର କାଲିଫର୍ନିଆରେ ଏକ ମ୍ୟୁଜିକ୍ ବାର୍‌ରେ ଘଟିଛି ନରସଂହାର। ବୁଧବାର ବିଳମ୍ବିତ ରାତିରେ କଲେଜ ଛାତ୍ରୀଛାତ୍ର ଜମାଥିବା ଏହି ବାର୍‌କୁ ଜଣେ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳିମାଡ଼ କରିଛନ୍ତି। ଏଥିରେ ୧୨ ଜଣ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ ଅଫିସର ଅଛନ୍ତି। ଲସ୍ ଏଞ୍ଜେଲସ୍ ଉପକଣ୍ଠରେ ଥିବା ବର୍ଡରଲାଇନ୍ ବାର୍‌ରେ ଆକ୍ରମଣକାରୀଙ୍କ ମୃତଦେହ ମଧ୍ୟ ମିଳିଛି। ତେବେ ପୋଲିସ ଗୁଳିମାଡ଼ରେ ସେ ପ୍ରାଣ ହରାଇଛନ୍ତି କିମ୍ବା ନିଜେ ଗୁଳିକରି ଆତ୍ମହତ୍ୟା କରିଛନ୍ତି, ତାହା ଜଣାପଡ଼ିନାହିଁ। ଏହି ଗୁଳିକାଣ୍ଡରେ ୧୦ରୁ ଊର୍ଦ୍ଧ୍ୱ ମଧ୍ୟ ଆହତ ହୋଇଛନ୍ତି ବୋଲି ଗୁରୁବାର ପୋଲିସ ସୂଚନା ଦେଇଛି। ଏହି ଆକ୍ରମଣର ଉଦ୍ଦେଶ୍ୟ କ'ଣ ଏବଂ ଗୁଳିମାଡ଼କାରୀ କିଏ, ସେ ସମ୍ପର୍କରେ ସ୍ପଷ୍ଟ ହୋଇନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବୁଧବାର ରାତି ପ୍ରାୟ ୧୧ଟା ୨୦ରେ ବନ୍ଧୁକଧାରୀ ଉକ୍ତ ବାର୍‌କୁ ପ୍ରବେଶ କରି ଗୁଳି ଚଳାଇଥିଲେ।

### ଆଡଭାନୀଙ୍କୁ ୯୧



**ନୂଆଦିଲ୍ଲୀ,୮।୧୧(ପି.ଟି.)-** ବର୍ଷୀୟାନ ଭାଜପା ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଗୁରୁବାର ୯୧ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ ତାଙ୍କ ଜନ୍ମଦିନ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଅଭିନନ୍ଦନ ଜଣାଇଛନ୍ତି। ଆଡଭାନୀ କେବଳ ଭାରତର ରାଜନୀତିକୁ ପ୍ରଭାବିତ କରିଛନ୍ତି ତାହା ନୁହେଁ, ବରଂ ନିଃସ୍ୱାର୍ଥପର ଭାବେ ଭାଜପାକୁ ସଙ୍ଗଠିତ କରିଛନ୍ତି ବୋଲି ମୋଦି ଟୁଇଟ୍ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଆଡଭାନୀଙ୍କୁ ଜଣେ ମହାନ୍ ରାଜନେତା ଭାବେ ଅଭିହିତ କରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

### ଜିମ୍ବାୱେରେ ବସ୍ ଦୁର୍ଘଟଣା: ୪୭ ମୃତ

**ହାରାରେ,୮।୧୧(ପି.ଟି.)-** ଜିମ୍ବାୱେ ରାଜଧାନୀ ହାରାରେ ଏବଂ ପୂର୍ବାଞ୍ଚଳ ସହ ରୁସାପେ ମଧ୍ୟରେ ଏକ ଜାତୀୟ ରାଜପଥରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଦୁଇଟି ବସ୍ ଧକ୍କା ହେବା ଫଳରେ ୪୭ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଦେଶର ସରକାରୀ କଳ ଦ୍ୱାରା ପରିଚାଳିତ ଖବରକାଗଜ 'ହେରାଲ୍ଡ' ରିପୋର୍ଟ ଅନୁଯାୟୀ ଦୁର୍ଘଟଣାସ୍ଥଳର ଚିତ୍ର ଅତି ଭୟଙ୍କର ଥିଲା। ପ୍ରକାଶ ଯେ, ଜିମ୍ବାୱେରେ ଟ୍ରାଫିକ୍ ସମସ୍ୟା ଯୋଗୁ ଦୁର୍ଘଟଣା ଘଟିବା ନିତିଦିନିଆ କଥା। ବର୍ଷ ବର୍ଷ ଧରି ମରାମତି ହେଉ ନ ଥିବାରୁ ରାସ୍ତା ସାରା ଖାଲ ସୃଷ୍ଟି ହୋଇଛି। ତେଣୁ ଅଧିକ ସଂଖ୍ୟାରେ ଦୁର୍ଘଟଣା ଘଟୁଛି।

### ଇତିହାସର ଆଇନାରେ

**ନଭେମ୍ବର ୯ର ପ୍ରମୁଖ ଘଟଣା**

୧୯୪୭ ନଭେମ୍ବର ୯ରେ ପାକିସ୍ତାନଠାରୁ ଜୁନାଗଡ଼ ଛଡ଼ାଇ ଆଣିଥିଲା ଭାରତ। ବର୍ତ୍ତମାନ ଜନାଗଡ଼ ଗୁଜରାଟରେ ଅବସ୍ଥିତ ଏବଂ ଏହା ହେଉଛି ରାଜ୍ୟର ସପ୍ତମ ସର୍ବବୃହତ୍ ସହର। ଦେଶ ବିଭାଜନ ପରେ ଜୁନାଗଡ଼ ସ୍ୱତନ୍ତ୍ର ହୋଇ ରହିଥିଲା। ଭାରତ ଏବଂ ପାକିସ୍ତାନର ସୀମାକୁ ଲାଗିଥିଲେ ସୁଦ୍ଧା ଜୁନାଗଡ଼ର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥିଲା। କିନ୍ତୁ ସେଠାରେ ବିଦ୍ରୋହ ଦେଖାଦେଇଥିଲା।

୧୯୯୪ ନଭେମ୍ବର ୯ରେ ଡାର୍ମଷ୍ଟାଡ୍‌ଟିୟମ୍ ନାମକ ଏକ କେମିକାଲର ଉଦ୍ଭାବନ କରାଯାଇଥିଲା। ଜର୍ମାନୀର ଡାର୍ମଷ୍ଟାଡ୍‌ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଭି ଆଇଅନ୍ ରିସର୍ଚ୍ଚଠାରେ ସିଗାର୍ଡ ହୋଫ୍‌ମ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ପିଟର୍ ଆର୍ମବଷ୍ଟର୍ ଏବଂ ଗଟ୍‌ଫ୍ରାଇଡ୍ ମୁଜେନ୍‌ବର୍ଗ ଏହାକୁ ସୃଷ୍ଟି କରିଥିଲେ। ଡାର୍ମଷ୍ଟାଡ୍‌ଟିୟମ ହେଉଛି ଏକ ସିନ୍ଥେଟିକ୍ ରାସାୟନିକ ତତ୍ତ୍ୱ। ଏହାକୁ 'ଡିଏସ୍' ବିବେଚନା କରାଯାଉଥିବାବେଳେ ଏହାର ଆଟୋମିକ୍ ନମ୍ବର ହେଉଛି ୧୧୦। ଏହା ହେଉଛି ଏକ ଜଟିଳ ରେଡିଓଆକ୍ଟିଭ୍ ସିନ୍ଥେଟିକ ପଦାର୍ଥ।

■ ଭାରତ ଉପରେ ଡ୍ରାଗନ୍ ଆଖି

# ଲୁଟିନେବ ପ୍ରତିରକ୍ଷା ତଥ୍ୟ

**ନୂଆଦିଲ୍ଲୀ,୮।୧୧**

ଭାରତର ପ୍ରତିରକ୍ଷା ତଥ୍ୟ ଉପରେ ଆଖି ପକାଇଛି ଡ୍ରାଗନ୍। ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ପାଇଁ ସାଇବର୍ ତଥ୍ୟ ଚୋରି କରୁଥିବା ସେନାର ୟୁନିଟ୍ ୬୧୩୯୮ ସାଇବର ଆକ୍ରମଣ କରି ଭାରତୀୟ ସେନାର ବହୁ ଗୋପନୀୟ ତଥ୍ୟ ହାତେଇବାକୁ ଷଡ଼ଯନ୍ତ୍ର ରଚିଛି। ଏହି ବିଷୟ ଜଣାପଡ଼ିବା ପରେ ଭାରତର ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ଆଲର୍ଟ ଜାରି କରାଯାଇଛି।

ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନାନୁସାରେ ଚାଇନାର କୁଖ୍ୟାତ୍ ସାମରିକ ୟୁନିଟ ୬୧୩୯୮ ଭାରତୀୟ ପ୍ରତିରକ୍ଷା ଘାଟିଗୁଡ଼ିକ ଉପରେ କଡ଼ା ନଜର ରଖିଛି। ୬୧୩୯୮ରେ କାର୍ଯ୍ୟରତ ସାଇବର ହ୍ୟାକର୍‌ମାନେ ସାଇବର୍ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେମାନେ ଭୂଅବସ୍ଥିତି ଗୋଇନ୍ଦା ତଥ୍ୟ ସଂଗ୍ରହ, ସାଇବର ସ୍ପେସ୍‌ରୁ ସୂଚନା ଉତ୍ସ ଟ୍ରାକିଂ ବା ଠାବ କରିବା, ଇଣ୍ଟରସେପ୍‌ଶନ (ମଝିରେ ପ୍ରତିରୋଧ କରି ଛଡ଼ାଇନେବା) ଏବଂ ବିଶ୍ୱବ୍ୟାପୀ ଡିଜିଟାଲ ଯୋଗାଯୋଗକୁ ଆୟତ୍ତ କରି ତାକୁ ବୁଝିବା ଭଳି କାମରେ ସେମାନେ ବ୍ୟସ୍ତ ଅଛନ୍ତି। ୟୁନିଟ୍ ୬୧୩୯୮ର ମୁଖ୍ୟାଳୟ ସାଂଘାଇରେ ଅବସ୍ଥିତ। ଏହାର ହ୍ୟାକରମାନେ ଚାଇନା ଗୋଇନ୍ଦା ଅଧିକାରୀଙ୍କ ସହାୟତାରେ ଗୁପ୍ତଚରଗିରି କରୁଥିବା କୁହାଯାଉଛି। ସେମାନେ ବିଦେଶୀ ଶିଳ୍ପ ଓ ସରକାରୀ ସଂସ୍ଥାଗୁଡ଼ିକର ତଥ୍ୟ ଚୋରି କରିବା ପାଇଁ ଏପିଟି ସିଷ୍ଟମ୍‌କୁ ବ୍ୟବହାର କରିଥାନ୍ତି। ୟୁନିଟ୍ ୬୧୩୯୮ ତଥ୍ୟ ଲୁଟ୍ ପାଇଁ ଆଇସ୍ ବ୍ୟାଗ୍, ହିଡେନ୍ ଲିଙ୍କ୍ସ ଏବଂ ଏପିଟି ଭଳି କେତେକ ମାଲୱେର୍ ବ୍ୟବହାର କରୁଛି। ଏଭଳି ମାଲୱେର୍ ଜରିଆରେ ସେମାନେ ଭାରତୀୟ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଲୁଟ୍ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଏହା ଆମ ପାଇଁ ଚିନ୍ତାର ବିଷୟ ବୋଲି ପରିଚୟ ଗୋପନ ରଖିବା ସର୍ତ୍ତରେ ଜଣେ ଭାରତୀୟ ଗୋଇନ୍ଦା ଅଧିକାରୀ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ପିଏଲ୍ଏର ଜେନେରାଲ୍ ଷ୍ଟାଫ୍ ଡିପାର୍ଟମେଣ୍ଟକୁ ୟୁନିଟ୍ ୬୧୩୯୮ ନାମରେ ନାମିତ କରାଯାଇଛି। ଏହା ପିଏଲ୍ଏର ପ୍ରତିରକ୍ଷା ସହାୟକ ବଳ। ତେଣୁ ଏହାକୁ ପିଏଲ୍ଏଏସ୍ଏସ୍ଏଫ୍ କୁହାଯାଏ। ଏଠାରେ ଚାଇନାର ଜାତୀୟ ପ୍ରତିରକ୍ଷା ନାମରେ ସ୍ୱତନ୍ତ୍ର ଫାଇବର ଅପ୍ଟିକ୍ କମ୍ୟୁନିକେଶନ୍ ଭିତ୍ତିଭୂମି ମଧ୍ୟ ରହିଛି। ଏସବୁକୁ ବ୍ୟବହାର କରି ଚାଇନା ପୂର୍ବରୁ ମଧ୍ୟ ଆମେରିକାର କେତେକ ସମ୍ବେଦନଶୀଳ ତଥ୍ୟ ଚୋରି କରିବାରେ ସକ୍ଷମ ହୋଇଥିଲା। ଏବେ ଭାରତୀୟ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଏହି ୟୁନିଟ୍‌ର ନଜର ଥିବାରୁ ଦେଶରେ ସାଇବର ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି।

**ୟୁନିଟ୍ ୬୧୩୯୮ର ସାଇବର ଆକ୍ରମଣ ଷଡ଼ଯନ୍ତ୍ର**



■ ସିବିଆଇରେ ଅନ୍ତର୍କନ୍ଦଳ

# ସିଭିସିଙ୍କ ନିକଟରେ ହାଜର ବର୍ମା

**ନୂଆଦିଲ୍ଲୀ, ୮।୧୧(ପି.ଟି.)**

**ଅସ୍ଥାନା ଆଣିଥିବା ଅଭିଯୋଗ ମିଥ୍ୟା ବୋଲି କହିଲେ ସିବିଆଇ ମୁଖ୍ୟ**



ଦୁଇ ମୁଖିଆଙ୍କ ମଧ୍ୟରେ ଅହମିକାର ଲଢ଼େଇ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଭିତିରି କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ୁଛି। ଏତିକିବେଳେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଆଣିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଦେଇଛି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)। ଗୁରୁବାର କମିଶନର କେ.ଭି. ଚୌଧୁରୀଙ୍କ ଆଗରେ ହାଜର ହୋଇ ସଫେଇ ଦେଇଛନ୍ତି ବର୍ମା। ଅପରାହ୍ନରେ ସିଭିସି କାର୍ଯ୍ୟାଳୟରେ ପହଞ୍ଚି ଚୌଦ୍‌ରୀ ଏବଂ ଭିଜିଲାନ୍ସ କମିଶନର ଶରଦ କୁମାରଙ୍କ ନିକଟରେ ହାଜର ହେବା ପରେ ବର୍ମାଙ୍କୁ ୨ ଘଣ୍ଟା ପଚରାଉଚରା କରାଯାଇଥିଲା। କିନ୍ତୁ ତାଙ୍କ ବିରୋଧରେ ଅସ୍ଥାନା ଆଣିଥିବା ଲାଞ୍ଚ ଅଭିଯୋଗ ମିଥ୍ୟା ବୋଲି ବର୍ମା କହିଛନ୍ତି। ଅସ୍ଥାନା ମଧ୍ୟ ସିଭିସିଙ୍କୁ ଭେଟିଥିବା ଅଧିକାରୀମାନେ କହିଛନ୍ତି।

ସିବିଆଇର ନମ୍ବର ୧ ଏବଂ ୨ ଅଫିସର ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ପରେ ବିବାଦ ଘନୀଭୂତ ହେବାରୁ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲା। ଏହି ଦୁର୍ନୀତି ମାମଲାର ତଦନ୍ତ ଦୁଇସପ୍ତାହ ମଧ୍ୟରେ ଶେଷ କରିବାକୁ ଗତ ଅକ୍ଟୋବର ୨୬ରେ ସିଭିସିକୁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ। ବିବାଦ ବଢ଼ିବାରୁ ବର୍ମା ଏବଂ ଅସ୍ଥାନାଙ୍କୁ କାର୍ଯ୍ୟରୁ ନିବୃତ୍ତ କରିବା ଲାଗି ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି କେନ୍ଦ୍ର ସରକାର। ସିବିଆଇ ମୁଖ୍ୟଙ୍କ ନାଁରେ ଅସ୍ଥାନା ଲାଞ୍ଚ ଅଭିଯୋଗ ଆଣିବା ପରେ ଏହି ମାମଲାର ତଦନ୍ତ କରିଥିବା ସିବିଆଇ ଅଧିକାରୀମାନଙ୍କୁ ନିକଟରେ ଭିଜିଲାନ୍ସ କମିଶନ ପକ୍ଷରୁ ପଚରାଉଚରା କରାଯାଇଥିଲା। ସିବିଆଇର ଇନ୍ସପେକ୍ଟର ପାହ୍ୟାଠାରୁ ଆରମ୍ଭ କରି ଏସ୍‌ପି ପର୍ଯ୍ୟନ୍ତ ଅଧିକାରୀଙ୍କ ବୟାନ ରେକର୍ଡ କରାଯାଇଥିଲା।

ପ୍ରକାଶ ଯେ, ମାଂସ ରପ୍ତାନିକାରୀ ମୋଇନ୍ କୁରେଶୀଙ୍କ ନାଁରେ ଚାଲିଥିବା ମାମଲା ଚପାଇବା ଲାଗି ବ୍ୟବସାୟୀ ସାନା ସଥୀଶ ବାବୁ ଏବଂ ମଧ୍ୟସ୍ଥ ମନୋଜ ପ୍ରସାଦ ଓ ସୋମେଶ ପ୍ରସାଦଙ୍କ ଜରିଆରେ ଅସ୍ଥାନାଙ୍କୁ ୨ କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅକ୍ଟୋବର ୧୫ରେ ତାଙ୍କ ବିରୋଧରେ ମଧ୍ୟ ଏତଲା ହୋଇଥିଲା। ଅଗଷ୍ଟ ୨୪ରେ ଅସ୍ଥାନା ମଧ୍ୟ ବର୍ମାଙ୍କ ନାଁରେ ସମାନ ଅଭିଯୋଗ ଆଣିଥିଲେ। ସାନାଙ୍କୁ ଜେରାରୁ ଆଶ୍ୱସ୍ତି ଦେବା ଲାଗି ବର୍ମା ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ସେ ଦର୍ଶାଇଥିଲେ। ଏଭଳି ଆରୋପ ସିବିଆଇର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମହାମେଣ୍ଟ ପାଇଁ ଅଣ୍ଟା ଭିଡ଼ିଲେ ଚନ୍ଦ୍ରାବାବୁ ନାଇଡୁ

**ବାଙ୍ଗାଲୋର/କୋଲ୍‌କାତା, ୮।୧୧(ପି.ଟି.)**

**କୁମାରସ୍ୱାମୀ, ଦେବେଗୌଡ଼ାଙ୍କ ସହ ସାକ୍ଷାତ**

**ଭାଜପା-ବିରୋଧୀ ମେଣ୍ଟର ନେତୃତ୍ୱ ନେବ କଂଗ୍ରେସ**



୨୦ଲୋକ ସଭା ନିର୍ବାଚନରେ ଭାଜପାକୁ ପ୍ରତିହତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଅଣ୍ଟା ଭିଡ଼ିଲେଣି। ସମଭାବାପନ୍ନ ଦଳଗୁଡ଼ିକୁ ନେଇ ଭାଜପା-ବିରୋଧୀ ମେଣ୍ଟ କରିବା ଲାଗି ଏବେ ଅଣ୍ଟା ଭିଡ଼ିଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ। ଗୁରୁବାର ସେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କୁ ସେ ସାକ୍ଷାତ୍ କରିଛନ୍ତି। ଖୁବ୍‌ଶୀଘ୍ର ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଏକ ମହାମେଣ୍ଟ ଗଠନ ହେବ ଏବଂ କଂଗ୍ରେସ ଏହାର ନେତୃତ୍ୱ ନେବ ବୋଲି ନାଇଡୁ କହିଛନ୍ତି।

କର୍ଣ୍ଣାଟକରେ ୩ ଲୋକ ସଭା ଏବଂ ୨ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଜେଡିଏସ୍-କଂଗ୍ରେସ ମେଣ୍ଟ ଭାଜପାକୁ ବାଜିମାତ୍ ଦେବାର ଦୁଇଦିନ ପରେ ଜେଡିଏସ୍‌ର ଦୁଇ ପ୍ରମୁଖ ନେତା କୁମାରସ୍ୱାମୀ ଏବଂ ଦେବେଗୌଡ଼ାଙ୍କ ସହ ନାଇଡୁଙ୍କ ସାକ୍ଷାତ୍ ହୋଇଛି। ଏହି ବୈଠକକୁ ନେଇ ଏବେ ଜୋର୍ ଧରିଛି ଚର୍ଚ୍ଚା। ବିରୋଧୀ ମେଣ୍ଟ ଗଠନ ଲାଗି ମଞ୍ଚ ପ୍ରସ୍ତୁତ କରି ନାଇଡୁ କହିଛନ୍ତି ଯେ, ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଉପରୁ ଦେଶବାସୀଙ୍କ ଆସ୍ଥା ତୁଟିଗଲାଣି। ତେଣୁ ଖୁବ୍‌ଶୀଘ୍ର ଆଞ୍ଚଳିକ ଦଳଗୁଡ଼ିକ ହାତ ମିଳାଇବେ। ମେଣ୍ଟ ଗଠନ ଲାଗି ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ସବୁକିଛି ସ୍ଥିର ହୋଇଯିବା ପରେ କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ଗ୍ରହଣ ହେବ ବୋଲି ନାଇଡୁ ପ୍ରକାଶ କରିଛନ୍ତି।

# ଜେଲରେ ସଂଘର୍ଷ: ୨୨ ମୃତ

**ଦୁଶାନ୍‌ବେ,୮।୧୧(ଏ.ଏଫ୍.ପି.)-** କାଜାକ୍‌ସ୍ତାନର ଦ୍ୱିତୀୟ ବୃହତ୍ତମ ସହର ଖୁଜାନ୍ଦସ୍ଥିତ କଡ଼ା ସୁରକ୍ଷା ବଳୟରେ ଥିବା ଏକ ଜେଲ୍‌ରେ ଗୁରୁବାର କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୨୦ ବନ୍ଦୀ ଓ ୨ ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ଖୁଜାନ୍ଦରେ ବହୁ ସଙ୍ଗିନ ଅପରାଧରେ ସମ୍ପୃକ୍ତ ଓ ଦୀର୍ଘ ସମୟ ଧରି ଦଣ୍ଡାଦେଶ ଭୋଗୁଥିବା ଜେଲ ରହିଛି। ଜେଲରେ ଥିବା ଏକ କର୍ମଶାଳାରେ ଧାରୁଆ ଅସ୍ତ୍ର ଜବତ ହେବା ପରେ ବୁଧବାର ରାତିରେ ଦୁଇ କଏଦୀ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଠାରେ ପୂର୍ବରୁ ମଧ୍ୟ ଏକାଧିକ ଥର ଏଭଳି ସଂଘର୍ଷ ଯୋଗୁ କଏଦୀମାନେ ଚମ୍ପଟ ମାରିଥିବା ଅନେକ ନଜିର ରହିଛି।

## ଫୁରସତ


# କ୍ୟାନ୍‌ସର ସେଲ୍ ନଷ୍ଟ କରିବ କାର୍ବନ ନାନୋମ୍ୟାଟେରିଆଲ୍

**ନୂଆଦିଲ୍ଲୀ:**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁର୍କୀର ଗବେଷକମାନେ ଏକ ଫ୍ଲୋରେସେଣ୍ଟ କାର୍ବନ ନାନୋଡଟ୍‌ସ ବିକାଶ କରିଛନ୍ତି। ଏହା କ୍ୟାନ୍‌ସର ଚିହ୍ନଟ କରିବା ସହିତ କ୍ୟାନସର ସେଲ୍‌କୁ ନଷ୍ଟ କରିଦେଇପାରିବ। ଗବେଷଣାର ନେତୃତ୍ୱ ନେଇଥିବା ପି. ଗୋପୀନାଥ କହନ୍ତି, କ୍ୟାନ୍‌ସର ନିରୋଧୀ ଚିକିତ୍ସା ପାଇଁ ଏହି ପଦ୍ଧତିକୁ ବ୍ୟବହାର କରାଯାଇ ପାରିବ। ଉକ୍ତ ଗବେଷଣା ପାଇଁ ଆଇଆଇଟି ଗବେଷକମାନଙ୍କୁ ସହାୟତା କରିଛନ୍ତି ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍‌ଇଆର୍‌ବି), ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜି (ଡିବିଟି) ଏବଂ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ।

କ୍ୟାନ୍‌ସର ସେଲ୍ ଚିହ୍ନଟ ଏବଂ ନଷ୍ଟ କରିବା ଦୀର୍ଘ ଦଶନ୍ଧି ଧରି ଚିକିତ୍ସା କ୍ଷେତ୍ରରେ ଏକ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ତେବେ ଆଇଆଇଟି ଗବେଷକଙ୍କ ଗବେଷଣାମୂଳକ ଫଳାଫଳ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଏକ ବିପ୍ଳବ ଆଣିବ ବୋଲି ଗୋପୀନାଥ ପ୍ରକାଶ କରିଛନ୍ତି।

# ପଟେଲଙ୍କ ପ୍ରତିମୂର୍ତ୍ତି ପାଇଁ ବ୍ରିଟେନର ଦାନ



**ନୂଆଦିଲ୍ଲୀ/ଲଣ୍ଡନ:** ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ବୀରପୁଙ୍ଗବ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ କେନ୍ଦ୍ର ସରକାର ପ୍ରଚୁର ଅର୍ଥ ବ୍ୟୟ କରିଛନ୍ତି। ଅଥଚ ଏହି କାର୍ଯ୍ୟ ପାଇଁ ବ୍ରିଟେନ୍‌ର ଦାନ ପାଖାପାଖି ୧ବିଲିୟନ ପାଉଣ୍ଡ ଷ୍ଟର୍ଲିଂ ବୋଲି ସୂଚନା ମିଳିଛି। ପଟେଲ୍‌ଙ୍କ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିର ଉଚ୍ଚତା ନ୍ୟୁୟର୍କସ୍ଥିତ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉଚ୍ଚତାର ୨ଗୁଣ। ଦେଶର ଏହି ଗୌରବମୟ ପ୍ରତୀକକୁ ପ୍ରଧାନମନ୍ତ୍ରୀ କିଛିଦିନ ତଳେ ଉଦ୍‌ଘାଟନ କରିଛନ୍ତି। ଷ୍ଟାଚ୍ୟୁ ଅଫ୍ ୟୁନିଟିର ନିର୍ମାଣ କାର୍ଯ୍ୟ ୫୬ ମାସରେ ସମ୍ପନ୍ନ ହୋଇଥିଲା। ଏଥିପାଇଁ ୩୩୦ ମିଲିୟନ ପାଉଣ୍ଡ ଷ୍ଟର୍ଲିଂ ବ୍ୟୟ ହୋଇଥିବା ବେଳେ ବ୍ରିଟେନ୍‌ର କରଦାତାମାନେ ବୈଦେଶିକ ସହାୟତା ସ୍ୱରୂପ ଏଥିପାଇଁ ୧.୧୭ ବିଲିୟନ ପାଉଣ୍ଡ ଷ୍ଟର୍ଲିଂ ଦାନ କରିଥିଲେ ବୋଲି ବ୍ରିଟେନ୍ ସରକାରୀ ସୂତ୍ରରୁ ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜସ୍ୱ ରାଜ୍ୟର ନର୍ମଦା ତଟରେ ଏହି ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏହି ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ୨୦୧୨ରେ ଆରମ୍ଭ ହୋଇଥିଲା। ବ୍ରିଟେନ୍ ଦାନ କରିଥିବା ଅର୍ଥ ଭାରତକୁ ୨୦୧୩, ୨୦୧୪ ଏବଂ ୨୦୧୫ ଏପରି ୩ଟି ପର୍ଯ୍ୟାୟରେ ପ୍ରଦାନ କରାଯାଇଥିଲା। ବ୍ରିଟେନ୍‌ରୁ ଆର୍ଥିକ ଅନୁଦାନର ପ୍ରବାହ ଘଟିବା ପରେ ଭାରତୀୟ କର୍ତ୍ତୃପକ୍ଷ ଏଥିପାଇଁ ଆଖିବୁଜା ଅର୍ଥ ବ୍ୟୟ କରିଥିଲେ। ଟୋରି ଏମ୍‌ପି ପିଟର ବୋନ୍‌ଙ୍କ କହିବାନୁଯାୟୀ, ବ୍ରିଟେନ୍‌ରୁ ଭାରତ ସହାୟତା ସ୍ୱରୂପ ୧.୧ ବିଲିୟନ୍ ପାଉଣ୍ଡ ଷ୍ଟର୍ଲିଂ ଦାନ କରିଥିବା ବେଳେ ଭାରତ ତହିଁରୁ ୩୩୦ ମିଲିୟନ୍ ଷ୍ଟାଚ୍ୟୁ ପାଇଁ ବ୍ୟୟ କରିବା ସମ୍ପୂର୍ଣ୍ଣ ଅଜ୍ଞାନତାର ପରିଚୟ ବୋଲି କୁହାଯାଇଛି।

# ସଚେତନ କରିଛି '# ମିଟୁ'




**ମୁମ୍ବାଇ:** '# ମିଟୁ' ଆନ୍ଦୋଳନ କର୍ମସ୍ଥଳରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛି ବୋଲି ଅଭିନେତ୍ରୀ ଆୟେଶା ଚୋପ୍ରା ପ୍ରକାଶ କରିଛନ୍ତି। ଯେଉଁ ମହିଳାମାନେ ସେମାନଙ୍କ ପ୍ରତି ହୋଇଥିବା ଯୌନ ଶୋଷଣ ବିରୋଧରେ ମୁହଁ ଖୋଲିଛନ୍ତି ସେମାନଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, '# ମିଟୁ' ଆନ୍ଦୋଳନ ସମସ୍ତଙ୍କ ମଧ୍ୟରେ ଏକ ସକାରାତ୍ମକ ସଚେତନତା ସୃଷ୍ଟି କରିପାରିଛି। ଏହାଦ୍ୱାରା କର୍ମସ୍ଥଳରେ ମହିଳାମାନେ ନିଜକୁ ନିରାପଦ ମଣିବେ ବୋଲି ସେ ପ୍ରକାଶ କରିଛନ୍ତି।

ହଲିଉଡ୍‌ରେ '# ମିଟୁ' ଆନ୍ଦୋଳନ ପରେ କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ବିରୋଧରେ ବଲିଉଡ୍‌ର କେତେକ ଅଭିନେତ୍ରୀ ମୁହଁ ଖୋଲିବା ଆରମ୍ଭ କରିଥିଲେ। ଅଭିନେତ୍ରୀ ତନୁଶ୍ରୀ ଦତ୍ତ ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଏହି ଆନ୍ଦୋଳନ ତ୍ୱରାନ୍ୱିତ ହୋଇଥିଲା। ଏହାପରେ ଅନେକ ଅଭିନେତ୍ରୀ ଯୌନ ନିର୍ଯାତନା ବିଷୟ ପଦାକୁ ଆଣିବା ପରେ ବଲିଉଡ୍ ସହ ଜଡ଼ିତ ସାଜିଦ ଖାନ୍, ଆଲୋକ ନାଥ, ରଜତ କପୁର ଏବଂ ବିକାଶ ବହଲଙ୍କ ଭଳି ବ୍ୟକ୍ତିବିଶେଷ ଚର୍ଚ୍ଚାର ପରିସରକୁ ଆସିଥିଲେ। ଏହି ଆନ୍ଦୋଳନ ମହିଳାଙ୍କ ନିମନ୍ତେ କାର୍ଯ୍ୟସ୍ଥଳ ନିରାପଦ କରିପାରିବ ବୋଲି ଆୟେଶା ବିଶ୍ୱାସ କରିଛନ୍ତି। ନୂତନ ପିଢ଼ିର ମହିଳା ବିଭିନ୍ନ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇ ପାତରଅନ୍ତର ବିରୋଧରେ ଛିଡ଼ା ହୁଅନ୍ତୁ ବୋଲି ଆୟେଶା ପ୍ରକାଶ କରିଛନ୍ତି। ଆୟେଶା 'ନୀରଜା', 'ଆଲିଗଡ଼' ଫିଲ୍ମ ଏବଂ ଟେଲିଭିଜନ ଶୋ 'ପାଓ-ବନ୍ଦୀ ଯୁଦ୍ଧ କେ'ରେ ଅଭିନୟ ପାଇଁ ବେଶ୍ ପ୍ରଶଂସିତ।


## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୫ | ୧୯.୮ |
| ଚାନ୍ଦବାଲି | ୨୮.୨ | ୨୧.୯ |
| କଟକ | --- | ୨୦.୮ |
| ପାରାଦ୍ୱୀପ | ୩୦.୨ | ୨୨.୫ |
| ଭୁବନେଶ୍ୱର | ୩୧.୮ | ୨୨.୦ |
| ଗୋପାଳପୁର | ୩୩.୦ | ୨୩.୩ |
| ପୁରୀ | ୩୧.୦ | ୨୩.୪ |
| ଅନୁଗୋଳ | ୩୧.୯ | ୧୯.୬ |
| ବାରିପଦା | ୨୮.୨ | ୨୦.୪ |
| ଝାରସୁଗୁଡ଼ା | ୩୧.୪ | ୧୯.୪ |
| କେନ୍ଦୁଝର | ୨୮.୬ | ୧୮.୦ |
| ସମ୍ବଲପୁର | ୩୨.୨ | ୨୦.୯ |
| ସୁନ୍ଦରଗଡ଼ | --- | ୧୭.୦ |
| ହୀରାକୁଦ | ୩୧.୧ | ୨୧.୭ |
| ତାଳଚେର | ୩୫.୫ | ୨୦.୬ |
| ଭବାନୀପାଟଣା | ୩୨.୫ | ୨୦.୦ |
| ବଲାଙ୍ଗୀର | ୩୧.୦ | ୨୨.୦ |
| କୋରାପୁଟ | ୨୯.୬ | ୧୭.୦ |
| ଫୁଲବାଣୀ | ୩୧.୦ | ୧୫.୮ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୫.୨ | ୧୯.୬ |
| ଦାରିଙ୍ଗିବାଡ଼ି | ୨୮.୦ | ୧୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




## ସଂକ୍ଷେପରେ

### ୧୦୦ ଯୁକ୍ତ୨ ଛାତ୍ରୀଙ୍କୁ ଦିଆଯିବ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):** ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ। ୭୮ ଜୁନିୟର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପାଖାପାଖି ୧୦୦ ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଉତ୍କଳ କରାଟେ ସ୍କୁଲର ସମ୍ପାଦକଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ଜଣାଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ କେତେକ ଜିଲାର ଜୁନିୟର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୦୦ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବ। ଏହି ପ୍ରଶିକ୍ଷଣ ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଦିଆଯିବ।




# ବିବାଦ ଶେଷ କରିବାକୁ କୋହଲିଙ୍କ ସଫେଇ

**ନୂଆଦିଲ୍ଲୀ, ୮।୧୧(ପି.ଟି.)**

ନିଜ ମନ୍ତବ୍ୟ ନେଇ ବିବାଦ ଓ ଝଡ଼ ସୃଷ୍ଟି ହେବାରୁ ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ଭାବମୂର୍ତ୍ତି ସୁଧାରିବାକୁ ଚେଷ୍ଟା କରିଛନ୍ତି। ଏ ସଂକ୍ରାନ୍ତରେ ସେ ନିଜର ମତ ରଖି ସଫେଇ ଦେଇଛନ୍ତି ଓ ବିବାଦ ସମାପ୍ତ କରିବାକୁ ପ୍ରୟାସ କରିଛନ୍ତି।

ପ୍ରକୃତରେ ବୁଧବାର ଘଟଣା ଆରମ୍ଭ ହୋଇଥିଲା ଜଣେ ପ୍ରଶଂସକଙ୍କ କମେଣ୍ଟରୁ। ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ କୋହଲି ଏକ ଭିଡିଓରେ ଜଣେ ପ୍ରଶଂସକଙ୍କ ମତ ଉପରେ ପ୍ରତିକ୍ରିୟା ରଖିଥିଲେ। ପ୍ରଶଂସକ ଜଣକ କୋହଲିଙ୍କୁ ଜଣେ ଓଭର ରେଟେଡ୍ ବା ବାସ୍ତବିକତାଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବ୍ୟାଟ୍ସମ୍ୟାନ ବୋଲି କମେଣ୍ଟରେ ଲେଖିଥିଲେ। କୋହଲିଙ୍କ ବ୍ୟାଟିଂରେ ସେଭଳି କିଛି ଖାସ୍ ନାହିଁ ବୋଲି ବ୍ୟକ୍ତିଗତ ଭାବେ ସେ ଚିନ୍ତା କରନ୍ତି ବୋଲି କହିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଅପେକ୍ଷା ସେ ଇଂଲଣ୍ଡ ଓ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ବ୍ୟାଟିଂକୁ ଅଧିକ ଉପଭୋଗ କରିଥା'ନ୍ତି ବୋଲି ପ୍ରଶଂସକ ଜଣକ କମେଣ୍ଟରେ ଉଲ୍ଲେଖ କରିଥିଲେ। ତେବେ ଏହାର ଜବାବରେ ପ୍ରତିକ୍ରିୟା ରଖି କୋହଲି ବେଶ୍ ବିବାଦୀୟ ହୋଇଥିଲେ। ଆପଣ ଭାରତରେ ରହିବା ଉଚିତ ନୁହଁ ଓ ଦେଶ ଛାଡି ଚାଲିଯିବା ସହ



- ପ୍ରଶଂସକଙ୍କୁ କୋହଲିଙ୍କ ପ୍ରତ୍ୟୁତ୍ତର
- ଭାରତୀୟ ଖେଳାଳିଙ୍କୁ ଭଲ ନ ପାଇଲେ ବିଦେଶ ଯାଅ

ଅନ୍ୟସ୍ଥାନରେ ରହିବା ଦରକାର ବୋଲି କୋହଲି ଜବାବ ରଖିଥିଲେ। ଅନ୍ୟ ଦେଶର ଖେଳାଳିଙ୍କୁ ଭଲ ପାଉଥିବା ବେଳେ ଆମ ଦେଶରେ କାହିଁକି ରହୁଛ ବୋଲି କୋହଲି ସମ୍ପୃକ୍ତ ପ୍ରଶଂସକଙ୍କୁ ପ୍ରଶ୍ନ ପଚାରିଥିଲେ। ତମେ ମୋତେ ପସନ୍ଦ ନ କଲେ ମୁଁ କିଛି ଭାବୁ ନାହିଁ। କିନ୍ତୁ ତମେ ଆମ ଦେଶରେ ରହିବା ଉଚିତ ନୁହଁ । ପ୍ରଥମେ ତମେ କେଉଁଟାକୁ ପ୍ରାଥମିକତା ଦେଉଛ ତାହା ସ୍ପଷ୍ଟ କରିବା ଦରକାର ବୋଲି କୋହଲି ଜବାବରେ କହିଥିଲେ। ତେବେ ଏହା ପରେ ସୋସିଆଲ ମିଡିଆରେ କୋହଲି ଜବରଦସ୍ତ ସମାଲୋଚନା ତଥା ଟ୍ରୋଲ୍‌ର ସମ୍ମୁଖୀନ ହୋଇଥିଲେ। ଏପରିକି କୋହଲିଙ୍କ ମନ୍ତବ୍ୟକୁ କ୍ରିକେଟ ଭାଷ୍ୟକାର ହର୍ଷ ଭୋଗ୍‌ଲେ ନାପସନ୍ଦ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ କୋହଲିଙ୍କ ଏତାଦୃଶ ମନ୍ତବ୍ୟକୁ ନାପସନ୍ଦ କରିଛି। କୋହଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଛନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆଗକୁ କୋହଲି ବୁଝି ବିଚାରି ମନ୍ତବ୍ୟ ଦେବା ଉଚିତ ବୋଲି ସେ ସତର୍କ କରାଇ ଦେଇଛନ୍ତି। ତେବେ ଏହା କୋହଲିଙ୍କ ବ୍ୟକ୍ତିଗତ ମନ୍ତବ୍ୟ। ଏଥିରେ ବିସିସିଆଇର କୌଣସି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କମେଣ୍ଟରେ ପ୍ରଶଂସକ ଜଣକ 'ଜଣେ ଭାରତୀୟ' ବୋଲି ଉଲ୍ଲେଖ କରିଥିଲେ। ଏହାକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଥିଲି। କିଏ କାହାକୁ ପସନ୍ଦ କରିବ ଓ କାହାକୁ ନ କରିବ ତାହା ତା'ର ବ୍ୟକ୍ତିଗତ ସ୍ୱାଧୀନତା। ଏହାକୁ ସେ ମଧ୍ୟ ସମ୍ମାନ କରନ୍ତି ବୋଲି କୋହଲି କହିଛନ୍ତି। ତେବେ ଏହି ଘଟଣାକୁ ଅଧିକ ଗୁରୁତ୍ୱ ନ ଦେଇ ପାର୍ବଣ ଋତୁର ଆନନ୍ଦ ନେବାକୁ କୋହଲି ସମସ୍ତଙ୍କୁ କହିଛନ୍ତି। ଅବଶ୍ୟ ଏହି ଘଟଣାରେ ବିସିସିଆଇ ଅସନ୍ତୋଷ ଜାହିର କରିବା ପରେ କୋହଲି ଏଭଳି ସଫେଇ ଦେବାକୁ ପ୍ରୟାସ କରିଛନ୍ତି ବୋଲି କୁହାଯାଉଛି।

# ୧୬ରୁ ଯୁକ୍ତ୨ ଫର୍ମ ପୂରଣ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

୨୦୧୯ ଯୁକ୍ତ୨ ବାର୍ଷିକ ପରୀକ୍ଷା ନିମନ୍ତେ ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗର ଛାତ୍ରୀଛାତ୍ର ନିଜ କଲେଜକୁ ଯାଇ ଫର୍ମ ପୂରଣ କରିବେ। ପ୍ରାକ୍ଟିକାଲ ପେପରକୁ ଛାଡ଼ି ଫର୍ମ ପୂରଣ ପାଇଁ ସାଧାରଣ ଦେୟ ୫୨୦ ଟଙ୍କା ରହିଛି। ଏହି ଫିକୁ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କଲାବେଳେ କଲେଜରେ ପଇଠ କରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ବୁଧବାର ବିଜ୍ଞପ୍ତି ପ୍ରକାଶ କରିଛି।

ଫର୍ମ ପୂରଣ ୧୬ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାକ୍ଟିକାଲ ପେପର ପିଛା ଅତିରିକ୍ତ ୨୦ ଟଙ୍କା ପଇଠ କରିବାକୁ ହେବ। ଏହି ସମୟ ଭିତରେ ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ ନ କରିବେ ତେବେ ସେମାନେ ୫୦ ଟଙ୍କା ଜରିମାନା ଦେଇ ଆସନ୍ତା ୨୭ରୁ ୩୦ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଯଦି ଉକ୍ତ ସମୟ ମଧ୍ୟରେ କୌଣସି ପିଲା ଫର୍ମ ପୂରଣ କରି ନ ପାରନ୍ତି, ତେବେ ସେମାନେ ଅତିରିକ୍ତ ୩୫୦ ଟଙ୍କା ଜରିମାନା ଦେଇ ଡିସେମ୍ବର ୧ରୁ ୪ ମଧ୍ୟରେ ଫର୍ମ ପୂରଣ କରିପାରିବେ। ସିଏଚ୍‌ଏସ୍‌ଇ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜୁନିୟର କଲେଜ ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଇଛି। ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ ନ କରନ୍ତି, ତେବେ ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ସିଏଚ୍‌ଏସ୍‌ଇ ଦାୟୀ ରହିବ ନାହିଁ ବୋଲି କହିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ପ୍ରଥମ ସପ୍ତାହରେ ଯୁକ୍ତ ୨ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। କିନ୍ତୁ ଯଦି ଡିସେମ୍ବରରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ହୁଏ ତେବେ ମାର୍ଚ୍ଚ ମାସରେ ସାଧାରଣ ନିର୍ବାଚନ ହେବା ସମ୍ଭାବନା ଅଧିକ ରହିଛି। ଗୋଟିଏ ମାସରେ ନିର୍ବାଚନ ଏବଂ ଯୁକ୍ତ ୨ ପରୀକ୍ଷା ପରିଚାଳନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିବା ସମ୍ଭାବନା ରହିଛି। ଏ ନେଇ ସିଏଚ୍‌ଏସ୍‌ଇର ଡେପୁଟି ପରୀକ୍ଷା ନିୟନ୍ତ୍ରଣ ପ୍ରବୋଧ କୁମାର ପଣ୍ଡା କୁହନ୍ତି, ନିର୍ବାଚନ ତାରିଖ ଘୋଷଣା ହେଲେ ସେହି ଅନୁସାରେ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ କରାଯିବ।

## ଶୀତକୁ ରୋକୁଛି ପ୍ରଦୂଷଣ, ଜଳୀୟବାଷ୍ପ

# ଥାଇଲାଣ୍ଡ ଉପକୂଳରେ ଲଘୁଚାପ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ନଭେମ୍ବର ପ୍ରଥମ ସପ୍ତାହ ଟପିବାକୁ ବସିଲାଣି। ଦେହ ଥରାଇବା ଭଳି ଶୀତ ଅନୁଭୂତ ହେଉନାହିଁ। ସର୍ବନିମ୍ନ ତାପମାତ୍ରା ଆଭ୍ୟନ୍ତରୀଣ ଓଡ଼ିଶାରେ ୧୬ଡିଗ୍ରୀ ରହୁଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ୨୩ ଡିଗ୍ରୀ ମଧ୍ୟରେ ରହୁଛି। ପାହାନ୍ତିଆ ହାଲକା ଶୀତ ଲାଗୁ ଥିଲେ ମଧ୍ୟ ପ୍ରକୋପ ବଢୁନାହିଁ। ପାଣିପାଗ ବିଶେଷଜ୍ଞଙ୍କ କହିବା କଥା ହେଲା ରାଜ୍ୟରେ ଆକାଶ ଜଳୀୟବାଷ୍ପରେ ଭରି ରହୁଛି। ମେଘ ଖଣ୍ଡ ଦେଖାଦେଉଥିଲେ ମଧ୍ୟ ବର୍ଷା ହେଉ ନାହିଁ। ଏହାଛଡ଼ା ଉତ୍ତର ଭାରତରୁ ପ୍ରଦୂଷିତ ଜଳୀୟବାଷ୍ପ ବାୟୁମଣ୍ଡଳକୁ ଢାଙ୍କିଦେଉଛି। ଏଥିଯୋଗୁ ତାପମାତ୍ରା ତଳକୁ ଖସୁନାହିଁ। ଏଥିସହିତ ଥାଇଲାଣ୍ଡ ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଦେଇ ଗତିକରିବା ସମ୍ଭାବନା ରହିଛି। ଏହା ତାମିଲନାଡୁ କିମ୍ବା ଶ୍ରୀଲଙ୍କା ଆଡ଼କୁ ଯିବା ସମ୍ଭାବନା ରହିଛି। ଯଦି ଏହା ଉର୍ଦ୍ଧ୍ୱମୁହାଁ ହେବ ତେବେ ଆସନ୍ତା ୧୧ ଓ ୧୨ ତାରିଖରେ ରାଜ୍ୟରେ ପାଗ ମେଘୁଆ ରହିବ। ଜଳୀୟବାଷ୍ପ ଅପସରି ନ ଯିବା ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୩୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସର୍ବନିମ୍ନ ୧୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

DSPL - 241



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରତୀକ୍
ପରିବାରବର୍ଗ


ମାରୁତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047



## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9040307584, 9778832554. D-9258

Infocity-2 Campus ପାଖରେ 200' ରୋଡକୁ ଲାଗି ଘରବାରି plot ମିଳୁଅଛି। 9439864322. D-64369

Ready for booking/sale ! Duplex 1900 sqft. on land 1200 sqft. triplex 2800 sqft. on land 1200 sqft. at Saikutir, Santoshi Vihar, Canal Road, Laxmisagar, Bhubaneswar. Contact: Sabat Infrastructure Pvt. Ltd. Plot No.- 33/A, BJB Nagar. Mobile. 9861035662, 8270795532. D-58005

3BHK luxurious flats available for booking at BJB Nagar extension area (1.5km. from Kalpana Square) Price-65 lakhs to 72.50 lakhs. Please contact: 9439543532, 9861157958. D-9318

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

Gharabari boundary plot infront Krupajal Engineering College Bhubaneswar. 9090899282, 8908805482. D-65053

2000 sqft. plot (10 nos.) at Sankarpur, Vipul Garden backside, Bhubaneswar ( Electricity, supply water 30'road). 7381544227.D-65054

Now Matrimonial ads. only on Wednesday & Sunday
Book 1 Get 1 FREE



Construct your building in finished house contact: 9937064680. D-27282

## GENERAL
## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353



Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

Bank/ commercial main road, Kalinganagar, BBSR G+1+2= 6000 sqft. 9438556363, 9337718848. D-9298



Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



**ପ୍ରତୀକ୍ ପ୍ରୀତମ୍ ପୃଷ୍ଟି**
ପ୍ଲଟ୍ ନଂ୧୧୫, ବଡ଼ଗଡ଼ ବ୍ରିଟ୍ କଲୋନୀ
ଆଜି ତୁମର ପବିତ୍ର ସପ୍ତମ ସ୍ୱନକ୍ଷତ୍ର ଦିବସରେ ଜଗତ ଜନନୀ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ, ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ଅନାମ ଚରଣ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଅଙ୍କିତ, ପୂଜା, ବୁଟୁ, ବନ୍ଧୁ ଓ ପରିବାରବର୍ଗ। ଧ-୯୨୧୬

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ମାରୁତି)
**ଆଦିତ୍ୟନାଥ ବେହେରା**
ଡେରିକି, ନାଉଗାଁ, ଜଗତ୍‌ସିଂହପୁର
ପିତା- ଭଜମନ ବେହେରା,
ମାତା- କବିତା ବେହେରା
ଶୁଭେଚ୍ଛା ସହ: ଜେଜେବାପା, ମାମୁ,
ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୩୪

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସୁଧାଂଶୁବାଳା ରାୟ**
୧୯୪୦-୧୯୯୫
(କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା)
ସ୍ୱାମୀ: ସ୍ୱର୍ଗତ ସୁଧୀର କୁମାର ରାୟ
ବଗଲଗଡ଼
ଅମରାତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି:
ବନ୍ଧୁ ଓ ପରିବାରବର୍ଗ।
ଧ-୬୪୯୧୦

### ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ଦିବ୍ୟନାରାୟଣ ବାବୁ**
(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ସମ୍ବଲପୁର
ଆବିର୍ଭାବ: ୦୫।୧୨।୧୯୩୭
ତିରୋଧାନ: ୦୯।୧୧।୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିରପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛି। ଶୋକସନ୍ତପ୍ତ: ସ୍ତ୍ରୀ-ସଂଯୁକ୍ତା ବାବୁ, ପୁଅ- ସୌମିକ, ପୁତ୍ରବଧୂ-ପ୍ରତୀକ୍ଷା, ଝିଅ-ସ୍ୱରଲିପି, ଜ୍ୱାଇଁ-ଆନନ୍ଦ ଚନ୍ଦ୍ର ପତି, ନାତୁଣୀ ଅନୁଷ୍କା। ଧ-୬୨୪୫୭

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସବିତା ମହାନ୍ତି**
ସ୍ୱାମୀ- ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି
ସୁକିନ୍ଦା, ମାଛଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୩୦।୦୫।୧୯୫୪
ତିରୋଧାନ: (ଗୋବର୍ଦ୍ଧନ ପୂଜା) ୨୪।୧୦।୨୦୧୪
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ତୁମେ ଆମକୁ ପବିତ୍ର ଗୋବର୍ଦ୍ଧନ ପୂଜା ଦିନରେ ଛାଡି ଆରପାରିକୁ ଚାଲିଗଲ। ତୁମର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ମମତା ଓ ଭଲପାଇବା ଆମ ପାଇଁ ଚିରସ୍ମରଣୀୟ ଓ ପଥପ୍ରଦର୍ଶକ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏହା ହିଁ ଆମର କାମନା। ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି: ସ୍ୱାମୀ- ଶ୍ରୀକୃଷ୍ଣଚନ୍ଦ୍ର ମହାନ୍ତି, ପୁତ୍ର- ଶିବୁ ଓ ବୁବୁ, କନ୍ୟା- ରୁନି, ଝିଅ- ଝିଲି, ଶିଲି, ନିନି, ବୁନି, ଜ୍ୱାଇଁ- ବାପୁ, ରତନ, ବାପି, ବବ୍ଲୁ, ନାତି- ସୋମନାଥ, ନାତୁଣୀ- ଶ୍ୱେତଲିନା, ସୁଶ୍ରୀ, ଜୟଶ୍ରୀ। ଧ-୬୫୦୫୨

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ର**
ତିରୋଧାନ: ୩୧।୧୦।୨୦୧୮
(କାର୍ତ୍ତିକ, କୃଷ୍ଣପକ୍ଷ, ସପ୍ତମୀ)
ଜନ୍ମସ୍ଥାନ: ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ
ବାସସ୍ଥାନ: ଶୈଳଶ୍ରୀ ବିହାର, ଭୁବନେଶ୍ୱର
ନନା, ତୁମେ ଚାଲିଯିବାର ଦଶଦିନ ହୋଇଯାଇଥିଲେ ମଧ୍ୟ ଆମ୍ଭର ବିଶ୍ୱାସ ହେଉନାହିଁ। ତୁମ ନୀତି, ଆଦର୍ଶ ଏବଂ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ଆମେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛୁ। ତୁମ ଆଶୀର୍ବାଦ ସର୍ବଦା ଆମ ସହିତ ରହିଥାଉ। ତୁମ୍ଭ ପବିତ୍ର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଏବଂ ନାତୁଣୀମାନେ। ଧ-୯୨୯୩


# ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ ୧୦ରେ

ବ୍ରହ୍ମପୁର ଅଫିସ,୮।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୦ ତାରିଖରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ। ତାଙ୍କ ନିର୍ବାଚନମଣ୍ଡଳୀର ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଜିଲା ସଦର ମହକୁମା ଛତ୍ରପୁରରେ ନବନିର୍ମିତ ଗଞ୍ଜାମ ଜିଲା ପରିଷଦ ଭବନ ଉଦ୍‌ଘାଟନ ସହ ପ୍ରଥମ ଥର ପରିଷଦ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଛତ୍ରପୁରରେ ବ୍ରହ୍ମପୁର ମହାନଗରର ୨୪ କାର୍ଯ୍ୟକ୍ରମର ଶିଳାନ୍ୟାସ, ଉଦ୍‌ଘାଟନ ଓ ଚିହ୍ନଟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଜୀବ ଆବାସ ଯୋଜନାରେ ବାସଗୃହ ବଣ୍ଟନ କରିବେ। ବ୍ରହ୍ମପୁରର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୧୦୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି।

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

- ବିଏମ୍‌ସିର ୨୪ ଯୋଜନାର ଶିଳାନ୍ୟାସ, ଉଦ୍‌ଘାଟନ
- ସମସ୍ତ କାର୍ଯ୍ୟକ୍ରମ ଛତ୍ରପୁରରେ କରିବେ ନବୀନ
- ବ୍ୟୟ ଅଟକଳ ୧୦୧ କୋଟି

ସୂଚନାଯୋଗ୍ୟ, ଜିଲାପାଳ ବିଏମ୍‌ସିର ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ ହୋଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସହରାଞ୍ଚଳରେ ୫.୭୬ କୋଟି ଟଙ୍କାରେ ୪ ଅଣ୍ଡର ଗ୍ରାଉଣ୍ଡ ବିନ୍, ୧୮ ଲକ୍ଷ ବ୍ୟୟରେ ସରକାରୀ ବିଲ୍‌ଡିଂରେ ୯ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ଏବଂ ଗୋପାଳପୁର ରେଲୱେ ଓଭରବ୍ରିଜରେ ୨୨ ଲକ୍ଷ ଟଙ୍କା ବ୍ୟୟରେ ଆଲୋକ ବ୍ୟବସ୍ଥା ରହିଛି।

ସେହିପରି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୪୬ କୋଟି ଟଙ୍କା ବ୍ୟୟରେ ଓଡିଆରପି (ଓଡ଼ିଶା ଡିଜାଷ୍ଟର ରିକଭରି ପ୍ରୋଜେକ୍ଟ)ର ଦ୍ୱିତୀୟ ପ୍ୟାକେଜ ରୋଡ, ୨୪ କୋଟି ବ୍ୟୟ ଅଟକଳରେ ଦ୍ୱିତୀୟ ଫେଜ୍ ଡ୍ରେନ ଓ ରୋଡ ନିର୍ମାଣ, ୪ କୋଟି ଖର୍ଚ୍ଚରେ ୪୦ ମଲଟି ପରପୋଜ କମ୍ୟୁନିଟି ସେଣ୍ଟରର ଟଏଲେଟ ଆଦି ଅନ୍ତର୍ଭୁକ୍ତ। ଆଙ୍କୁଲି ରେଲୱେ ଓଭରବ୍ରିଜରେ ଆଲୋକ ବ୍ୟବସ୍ଥା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯିବ। ମହାନଗରର ସ୍ୱାଭିମାନ ରାମଲିଙ୍ଗମ ପୋଖରୀ ପୁନରୁଦ୍ଧାର, ଆଧୁନିକୀ ଓ ସୌନ୍ଦର୍ଯ୍ୟକରଣ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଲାଗି ନବୀନ ଶିଳାନ୍ୟାସ କରିବେ। ଏ ବାବଦରେ ୩.୯୭ କୋଟି ବରାଦ ହୋଇଛି। ଖବରଦାତାଙ୍କୁ ଜିଲାପାଳ ସୂଚନା ଦେବା ବେଳେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ଦଳରେ ...

ସ୍ଥାନ ପାଇବାର ନିୟମ ଥିବାରୁ ସମ୍ଭବତଃ ଅମିତଙ୍କ ପାଇଁ ସୁଯୋଗ ନ ଥିଲା। ପରେ ବିଶ୍ୱକପ କୋର୍ ଗ୍ରୁପ ତାଲିକାରେ ଅମିତଙ୍କୁ ସାମିଲ କରାଯାଇଥିବା ଆନୁଷ୍ଠାନିକ ଘୋଷଣା ହୋଇଥିଲା। ଇତିମଧ୍ୟରେ ବୀରେନ୍ଦ୍ର ମଧ୍ୟ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି। ଫଳ ସ୍ୱରୂପ ବିଶ୍ୱକପ ଖେଳାଳି ତାଲିକାରେ ଉଭୟ ବୀରେନ୍ଦ୍ର ଓ ଅମିତଙ୍କୁ ସାମିଲ କରାଯାଇଛି। ବୀରେନ୍ଦ୍ର ପୂର୍ବରୁ ୨୦୧୪ ହକି ବିଶ୍ୱକପ ଖେଳିଥିଲେ। ଆଗାମୀ ହକି ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।

### ରାଜସ୍ଥାନରେ ଭାଜପା...

ବିରୋଧୀ ଭୋଟ ବିଭାଜିତ ହେଲେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଓ କଂଗ୍ରେସର ଭୋଟ ବ୍ୟବଧାନ କମିବ। ରମଣ ସିଂଙ୍କ ସ୍ମାର୍ଟଫୋନ୍ ବଣ୍ଟନ ଯୋଜନାରୁ ଭାଜପା ଲାଭବାନ ହେବ। କିନ୍ତୁ ମାଓବାଦୀ ପ୍ରଭାବିତ ବସ୍ତର ଅଞ୍ଚଳରେ ଭାଜପାର ଲୋକପ୍ରିୟତା ହ୍ରାସ ପାଇଥିବା ସର୍ଭେରୁ ଜଣାପଡ଼ିଛି। ତେବେ ଯୋଗୀ, କଂଗ୍ରେସ ନେତା ଭୂପେଶ ଭାଗେଲଙ୍କ ତୁଳନାରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ରମଣ ସିଂ ଆଗରେ ରହିଛନ୍ତି। ନିର୍ବାଚନରେ ବେକାରି ସମସ୍ୟା ମୁଖ୍ୟ ପ୍ରସଙ୍ଗ ବୋଲି ୧୧ ଲୋକ ସଭା ନିର୍ବାଚନମଣ୍ଡଳୀର ୪,୪୮୬ ମତଦାତା ପ୍ରକାଶ କରିଛନ୍ତି।

ହେଲେ ରାଜସ୍ଥାନରେ ବସୁନ୍ଧରା ରାଜେ ସିନ୍ଧିଆ ଆଉ ଥରେ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ୩୫%କୁ ଖସିଛି। କଂଗ୍ରେସ ବସୁନ୍ଧରା ସରକାରଙ୍କୁ ଧୂଳି ଚଟେଇ କ୍ଷମତା ଦଖଲ କରିବ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଏଠାରେ କଂଗ୍ରେସ ନେତା ଅଶୋକ ଗେହଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଅଧିକାଂଶ ମତଦାତା ଦେଖିବାକୁ ଚାହାନ୍ତି। ଭାଜପା ବିରୋଧରେ ନିମ୍ନ ଜାତି ଓ ମୁସଲମାନ ସମ୍ପ୍ରଦାୟର ଭୋଟରଙ୍କ ମଧ୍ୟରେ ବଢ଼ିଚାଲିଥିବା କ୍ରୋଧ ଭାଜପା ସରକାରଙ୍କ ପତନର କାରଣ ସାଜିପାରେ। କାରଣ ଗୈରିକ ଦଳ ତା'ର ପାରମ୍ପରିକ ସହରାଞ୍ଚଳ ଭୋଟରଙ୍କ ଆସ୍ଥା ହରାଇଛି। ରାଜ୍ୟରେ ସରକାର ବିରୋଧୀ ହାୱା ବହୁଥିଲେ ହେଁ ନରେନ୍ଦ୍ର ମୋଦି ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ଏବେ ବି ଭୋଟରଙ୍କ ପ୍ରଥମ ପସନ୍ଦ। ମୁଖ୍ୟମନ୍ତ୍ରୀ ଚେହେରା ବଦଳାଯାଇଥିଲେ ନିର୍ବାଚନ ସମୀକରଣରେ ପରିବର୍ତ୍ତନ ଆସିଥାନ୍ତା। ଭାଜପା ଏବଂ କଂଗ୍ରେସ ମଧ୍ୟରେ ଭୋଟ ହାର ବ୍ୟବଧାନ ୩%ରୁ ୫% ମଧ୍ୟରେ ରହିବ ବୋଲି ଜଣାପଡ଼ିଛି। ୨୫ ଲୋକ ସଭା ଆସନର ୧୦,୧୩୬ ଭୋଟରଙ୍କୁ ନେଇ କରାଯାଇଥିବା ସର୍ଭେରେ ଜଣାପଡ଼ିଛି ଯେ, ବେକାରି ସମସ୍ୟା, କୃଷି ସମସ୍ୟା, ପାନୀୟ ଜଳ, ଦରଦାମ ବୃଦ୍ଧି ରାଜସ୍ଥାନ ମତଦାତାଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ତେଲେଙ୍ଗାନାରେ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯିବ। ଏଠାରେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସପକ୍ଷରେ ୭୫% ମତଦାତା ରହିଥିବାରୁ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ପୁଣିଥରେ କ୍ଷମତା ଦଖଲ କରିପାରନ୍ତି। କାରଣ ଏଠାରେ ସରକାର ସପକ୍ଷରେ ହାୱା ବହୁଛି। କେସିଆର୍ ସବୁ ବର୍ଗର ଭୋଟରଙ୍କଠାରେ ନିଜ ଲୋକପ୍ରିୟତା ବଜାୟ ରଖିପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସାମାଜିକ-ମଙ୍ଗଳକାରୀ ଯୋଜନାଗୁଡ଼ିକ କେସିଆର୍‌ଙ୍କ ପାଇଁ ବୋନସ୍ ଭାବେ କାମ କରୁଛି। ସେହିପରି ରାଜ୍ୟ ବିଧାନସଭାକୁ ଆଗୁଆ ଭଙ୍ଗ କରିଦେବା ପଦକ୍ଷେପକୁ କେସିଆର୍‌ଙ୍କ ଏକ ମାଷ୍ଟରଷ୍ଟ୍ରୋକ୍ ଭାବେ ଦେଖୁଛନ୍ତି ଭୋଟର। କଂଗ୍ରେସ ଏବଂ ଟିଡିପି ମଧ୍ୟରେ ସଦ୍ୟ ହୋଇଥିବା ମେଣ୍ଟ ସଫଳ ହେବନାହିଁ ବୋଲି ସର୍ଭେରେ ଜଣାପଡ଼ିଛି। ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ହାଇଦ୍ରାବାଦ ଅଞ୍ଚଳରେ କଂଗ୍ରେସର ଭାଗ୍ୟ ବିଗାଡ଼ିପାରେ। ତେଲେଙ୍ଗାନାର ୧୭ ଲୋକ ସଭା ନିର୍ବାଚନମଣ୍ଡଳୀରେ କରାଯାଇଥିବା ଏହି ସର୍ଭେରେ ୬,୮୭୭ ମତଦାତା ଭାଗନେଇଥିଲେ।

### ବିସ୍ଫୋରଣରେ ୫...

ଦାନ୍ତେୱାଡ଼ାର ବୈଲାଡିଲା ଖଣି ଅଞ୍ଚଳରେ ନିର୍ବାଚନ କାର୍ଯ୍ୟ ପାଇଁ ସିଆଇଏସ୍‌ଏଫ୍ ଟିମ୍‌କୁ ଏକ ଘରୋଇ ବସ୍ ପ୍ରଦାନ କରାଯାଇଥିଲା। ଯବାନମାନେ ମାର୍କେଟରୁ ଜିନିଷପତ୍ର କିଣି ଉକ୍ତ ବସ୍‌ରେ ଆକାଶନଗର କ୍ୟାମ୍ପକୁ ଫେରୁଥିଲେ। ସେମାନେ ବଚେଲିର ପାହାଡ଼ିଆ ଅଞ୍ଚଳ ଦେଇ ଆସୁଥିବାବେଳେ କର୍ଭ ନଂ. ୬ ନିକଟରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଏଥିରେ ଜଣେ ସିଆଇଏସ୍‌ଏଫ୍ ହେଡ୍ କନ୍‌ଷ୍ଟେବଲ ଡି.ଇ. ମୁଖୋପାଧ୍ୟାୟ ଶହୀଦ ଓ ୨ ଆହତ ହୋଇଛନ୍ତି। ବସ୍ ଡ୍ରାଇଭର ରମେଶ ପାଟ୍‌କର, ହେଲ୍‌ପର ରମେଶ କୁମାର ସାହୁଙ୍କ ସମେତ ସୁଶିଲ ବାନାର୍ଜୀ ଓ ଜୋହନ ନାୟକ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଓବାଦୀଙ୍କୁ ନିପାତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ଦାନ୍ତେୱାଡ଼ା ଏସ୍‌ପି ଅଭିଷେକ ପଲ୍ଲବ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅକ୍ଟୋବର ୩୦ରେ ଦାନ୍ତେୱାଡ଼ାର ଅରନପୁର ଅଞ୍ଚଳରେ ମାଓବାଦୀଙ୍କ ଆକ୍ରମଣରେ ଦୂରଦର୍ଶନର ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ ନିହତ ହୋଇଥିବାବେଳେ ୩ ପୋଲିସ କର୍ମୀ ଶହୀଦ ହୋଇଥିଲେ। ଏହାର ୩ ଦିନ ପୂର୍ବରୁ ମାଓବାଦୀମାନେ ବିଜାପୁର ଜିଲାରେ ସିଆର୍‌ପିଏଫ୍‌କୁ ଟାର୍ଗେଟ କରିଥିଲେ। ଏଥିରେ ସୁରକ୍ଷା ବଳର ୪ ଯବାନ ଶହୀଦ ଓ ୨ ଆହତ ହୋଇଥିଲେ। ମାଓବାଦୀମାନେ ଭୋଟ ବର୍ଜନ ପାଇଁ ଆହ୍ୱାନ ଦେଇଥିବାବେଳେ ନିର୍ବାଚନ କରାଯାଉଥିବାରୁ ସେମାନେ ବାରମ୍ବାର ଏପରି ଟାର୍ଗେଟ କରୁଥିବା କୁହାଯାଉଛି। ଅବଶିଷ୍ଟ ୭୨ ଆସନ ପାଇଁ ଆସନ୍ତା ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଡିସେମ୍ବର ୧୧ରେ ଭୋଟ ଗଣତି କରାଯିବ।

### ପୁଣି ଶ୍ରୀମନ୍ଦିର ...

ଗୁରୁବାର ଶ୍ରୀମନ୍ଦିର ଭିତରର ଏକାଧିକ ଫଟୋ ପୋଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ଏକାଧିକ ଇସ୍କନ ଭକ୍ତ ହାତରେ ମାଳି ଗଡାଉଥିବା ଫଟୋ ରହିଛି। ସେହିପରି ଶ୍ରୀମନ୍ଦିର ଭିତରେ ସେଲ୍‌ଫି ନେବାର ଫଟୋ ମଧ୍ୟ ହିତେଶଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ ହୋଇଛି।

ଶ୍ରୀମନ୍ଦିର ଚାରିଦ୍ୱାରରେ ପୋଲିସ ମୁତୟନ ରହିଛନ୍ତି। ଭକ୍ତଙ୍କୁ ଯାଞ୍ଚ କରି ଭିତରକୁ ଛାଡୁଛନ୍ତି। ତେବେ ଏମାନେ କିପରି ମୋବାଇଲ ଭିତରକୁ ନେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏହି ଘଟଣା ନୁହେଁ, ଏଭଳି ଘଟଣା ବାରମ୍ବାର ଘଟୁଛି। ଗତ ମାସକ ମଧ୍ୟରେ ୩ଟି ଘଟଣା ପଦାକୁ ଆସିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ କାହାର ଆନ୍ତରିକତା ନ ଥିବା ମନେହେଉଛି।

ସୂଚନାଯୋଗ୍ୟ, ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ୍ୟ ବାହାରେ ବୁଲୁଛି। ନିକଟରେ ଗତମାସ ୮ ତାରିଖରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶ ପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ସେହିପରି ଗତ ୪ ତାରିଖରେ ବେଙ୍ଗାଲୁରୁର ମେଘା ଲୁଥ୍ରା ନାମ୍ନୀ ଜଣେ ମହିଳାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିରର ଫଟୋ ପୋଷ୍ଟ କରାଯାଇଥିବା ପଦାକୁ ଆସିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଅଷ୍ଟମ ଭାବରେ ଗୁରୁଚାନ୍ଦ୍ରି ଯୋଗ ସମସ୍ୟା ମଧ୍ୟରେ ଅର୍ଥ ସମ୍ପଦ ପ୍ରାପ୍ତି କରାଇବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**

ଶୁଭଗ୍ରହମାନଙ୍କ ଦୃଷ୍ଟିପଥରେ ଆପଣଙ୍କ ରାଶିର ଶୁଭତ୍ୱ ବୃଦ୍ଧିପାଇବା ସହ ପ୍ରତ୍ୟେକ ଅଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ନିଜର ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**

ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ କିନ୍ତୁ ହଠାତ୍ କୌଣସି ଦୃଢ଼ ପଦକ୍ଷେପ ନେଲେ ଝମେଲା ବଢି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲାର ସମାଧାନ ଆଶା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ**

କର୍ମକ୍ଷେତ୍ରରେ କୌଣସି ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପାଇଁ ବାଧ ହୋଇପାରନ୍ତି। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରେ। ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ଦେଖାଦେବ।

**ସିଂହ**

ମାନସିକ ଅସ୍ଥିରତା କାରଣରୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟା ବୃଦ୍ଧିର ପୃଷ୍ଠଭୂମି ପାଲଟିଯିବ। ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା**


ଆଜିର ଗ୍ରହସମ୍ପର୍କ ପ୍ରଭାବରେ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସୀ ହୋଇଯିବ। ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ ତଥାପି ବୁଝିବିଚାରି କାମ କରନ୍ତୁ ନଚେତ୍ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ବନ୍ଧୁଙ୍କ ଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ବ୍ୟବସାୟ ଓ ନିର୍ମାଣ କାମରୁ ଲାଭବାନ୍ ହେବେ।

**ତୁଳା**

ଆର୍ଥିକ ଅଭିବୃଦ୍ଧି ସହ କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ସୁନାମ ଅର୍ଜନ କରିପାରିବେ। ପରୋକ୍ଷ ଶତ୍ରୁତା କାରଣରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟିକ କିମ୍ବା ବିବାଦୀୟ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ। ଫଳରେ ଦୂରଯାତ୍ରା କରିବାକୁ ପଡିପାରେ।

**ବିଛା**

ଚନ୍ଦ୍ରଙ୍କ ପ୍ରତି ରାହୁଙ୍କ ଦୃଷ୍ଟି କାରଣରୁ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପ୍ରତ୍ୟେକ ସ୍ତରରେ ମତାନ୍ତର ଘଟିବ। କଳା, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପରିସ୍ଥିତିରେ ପଡି ବହୁତ୍ ଗୁଡିଏ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**ଧନୁ**

ଅନ୍ୟମାନଙ୍କ ଘରୋଇ କଥାରେ ଆଲୋଚନା କରି ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କଲେ ଉପକୃତ ହେବେ। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**ମକର**

ଆଜି ଆପଣଙ୍କ କୌଣସି କାମ ଅଟକିବ ନାହିଁ ଆକସ୍ମିକ ସାହାଯ୍ୟ ଲାଭକରି ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ**

ଶନି ମୂଳା ନକ୍ଷତ୍ରରେ ରହିଥିବାରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ମୀନ**

ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହିତ ମାନସିକ ସ୍ତରରେ ଖୁସୀ ଅନୁଭବ କରିବେ। ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଦୀର୍ଘଦିନରୁ ଚେଷ୍ଟା କରୁଥିବା ଆନୁଷ୍ଠାନିକ କାମରେ ଅବଶ୍ୟ ସଫଳତା ପାଇବେ।

କାର୍ତ୍ତିକ ଶୁକ୍ଳପକ୍ଷର ଯମ ଦ୍ୱିତୀୟା ଶୁକ୍ରବାର, ଶ୍ରୀକ୍ଷେତ୍ରେ ଯମେଶ୍ୱରଙ୍କ ଯାତ୍ରା, ନଭେମ୍ବର ୯ ତାରିଖ, ଜାତୀୟ ଆଇନ ସେବା ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୨୩ମି. ମଧ୍ୟେ ଘ୩।୪୦ମି. ଗତେ, ଘ୫।୫୨ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୨୩ମି. ଗତେ ଘ୮।୪୬ମି. ମଧ୍ୟେ, ଘ୧୧।୩୬ମି. ଗତେ ଘ୧।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୬ମି. ଗତେ ଘ୧୧।୩୦ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ବୈଠକ

- ଛାତ୍ରୀଛାତ୍ରଙ୍କ ଟିକେଟରେ ୫୦ପ୍ରତିଶତ ରିହାତି
- ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ପରିଦର୍ଶନ ସୁବିଧା

ଭୁବନେଶ୍ୱର, ୮।୧୧(ବ୍ୟୁରୋ): କଟକସ୍ଥିତ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଗ୍ରହାଳୟର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ କଟକ ସହରର ଏକ ଲୋକପ୍ରିୟ ଦର୍ଶନୀୟ ସ୍ଥାନଭାବେ ବିକଶିତ ହୋଇପାରିଛି। ସଂଗ୍ରହାଳୟକୁ ଆସୁଥିବା ଦର୍ଶକମାନଙ୍କ ସଂଖ୍ୟା ବୃଦ୍ଧି ଘଟୁଛି। ଏହି ସଂଗ୍ରହାଳୟ ଆମ ନୌବାଣିଜ୍ୟ ପରମ୍ପରାର ଗୌରବମୟ ସ୍ମୃତି ବହନ କରୁଛି। ଛାତ୍ରୀଛାତ୍ରମାନଙ୍କୁ ଏ ବାବଦରେ ସଚେତନତା କରିବା ପାଇଁ କଟକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ନୌବାଣିଜ୍ୟ ସଂଗ୍ରହାଳୟରେ ସୂଚନା ପତ୍ରିକା ବଣ୍ଟନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସଂଗ୍ରହାଳୟରେ ଥିବା ଏସ୍‌ଏଫ୍‌ଏକ୍ସ ଏବଂ ଆକ୍ୱାରିଅମ ପ୍ରଦର୍ଶନରେ ଆସୁଥିବା ୧୪ ବର୍ଷରୁ କମ୍ ବୟସ ଛାତ୍ରୀଛାତ୍ରଙ୍କୁ ଟିକେଟରେ ୫୦ପ୍ରତିଶତ ରିହାତି ମିଳିବ। ଏହାଛଡା ଦିବ୍ୟାଙ୍ଗମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପରିଦର୍ଶନ ସୁବିଧା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆକ୍ୱାରିଅମ ସମ୍ପ୍ରସାରଣ ଓ ମିରର୍ ମେଜ୍ ପ୍ରତିଷ୍ଠା କରାଯିବ। ଛୁଟିଦିନଗୁଡିକରେ ନୌବାଣିଜ୍ୟ ସଂଗ୍ରହାଳୟର କର୍ମଚାରୀମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ବର୍ଷକୁ ଅଧିକ ୨୧ଦିନର ଦରମା ଦିଆଯିବ। ଏହାସହ କର୍ମଚାରୀମାନଙ୍କ ଦରମା ପୁନଃନିର୍ଦ୍ଧାରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମୁଖରେ ମହାନଦୀ ତଟର ସ୍ୱତନ୍ତ୍ର ବିକାଶ ଓ ସୌନ୍ଦର୍ଯ୍ୟ କରିବାକୁ ବୈଠକରେ ଆଲୋଚନା କରାଯାଇଛି।

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଆସନ୍ତା ୧୧ ତାରିଖରୁ ରାଜଧାନୀର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ। ଏହା ୧୫ ତାରିଖ ଯାଏ ଚାଲିବ। ଏ ନେଇ ରାଜ୍ୟ ସରକାର ପ୍ରସ୍ତୁତି ମଧ୍ୟ ଜୋରଦାର ଚଳାଇଛନ୍ତି। ଏହି କନ୍‌କ୍ଲେଭ ଓଡିଶାର ଶିଳ୍ପାୟନ ଯାତ୍ରାକୁ ତ୍ୱରାନ୍ୱିତ କରିବ। ଯାହାକି ପୂର୍ବରୁ କେବେ ଦେଖିବାକୁ ମିଳି ନାହିଁ। ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବ୍ୟବସାୟୀ ଗୋଷ୍ଠୀଙ୍କର ମୁଖ୍ୟଙ୍କୁ ଆମେ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିଛୁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଥିରେ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ଦେଶର ସବୁଠାରୁ ବଡ଼ ବ୍ୟବସାୟିକ ଘଟଣା ହେବ। ଏଥିରେ ଭାରତରୁ ୧୫୦ ଜଣ ଏବଂ ଦେଶ ବାହାରୁ ଏପରି କି ଆମେରିକା, ଫ୍ରାନ୍ସ ଭଳି ଦେଶରୁ ପ୍ରତିନିଧିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ବିଭାଗର ମନ୍ତ୍ରୀ ଓ ସଚିବମାନେ ବ୍ୟକ୍ତିଗତ ସ୍ତରରେ ହେବାକୁ ଥିବା ଆଲୋଚନାରେ ଅଂଶଗ୍ରହଣ କରିବେ। ଏଥିରେ ଭାବର ଆଦାନ ପ୍ରଦାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମେକ୍ ଇନ୍ ଓଡିଶା କନ୍‌କ୍ଲେଭ ୨୦୧୮କୁ ସଫଳତାର ସହ ପରିଚାଳନା କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୫ଟି ବିଭାଗ ୪ ଦିନ ଧରି ବିଭିନ୍ନ କ୍ଷେତ୍ର ଉପରେ ଅଧିବେଶନ ଆୟୋଜନ କରୁଛନ୍ତି। ଏହି କନ୍‌କ୍ଲେଭ ବ୍ୟବସାୟୀଙ୍କୁ ସେମାନଙ୍କ ନେଟୱର୍କ ବୃଦ୍ଧି ଓ ଅଂଶୀଦାର ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି। ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ବର୍ତ୍ତମାନ ସମଗ୍ର ପୃଥିବୀ ଏକ ବିଶ୍ୱ ଗ୍ରାମରେ ପରିଣତ ହୋଇଛି। ଏହି କନ୍‌କ୍ଲେଭ କେବଳ ବଡ ବଡ ଶିଳ୍ପ ଯଥା ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ରସାୟନ ଶିଳ୍ପ କିମ୍ବା ପେଟ୍ରୋ କେମିକାଲ ଶିଳ୍ପ ମଧ୍ୟରେ ସୀମିତ ରହି ନାହିଁ। ରାଜ୍ୟର ଆର୍ଥିକ ବିକାଶ ଦିଗରେ ମଧ୍ୟ ଏହା ସହାୟକ ହେବ। କେବଳ ପୁଞ୍ଜିନିବେଶ ନୁହେଁ। ରାଜ୍ୟ ବିଷୟରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ଏହାର ଲକ୍ଷ୍ୟ ବୋଲି ସଚିବ କହିଛନ୍ତି। ଓଡିଶା ବାହାରେ ରହୁଥିବା ଲୋକମାନେ ଓଡିଶାକୁ ଭଲ ଭାବରେ ଜାଣିନାହାନ୍ତି। ସୂଚନା ପ୍ରଦାନରେ ଦୂରତ୍ୱ ରହି ଯାଇଛି। ଓଡିଶା ବିଷୟରେ ଅନେକ ଭ୍ରାନ୍ତଧାରଣା ରହିଛି। ଏହାକୁ ଦୂର କରିବାରେ ଏହି କନ୍‌କ୍ଲେଭ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଗତ କନ୍‌କ୍ଲେଭରେ ୨ ଲକ୍ଷ କୋଟିର ବିଭିନ୍ନ କ୍ଷେତ୍ରର ୧୨୪ଟି ପ୍ରସ୍ତାବ ଆସିଥିଲା। ସେଥିରୁ ୬୫ ପ୍ରତିଶତ ପ୍ରସ୍ତାବ କାର୍ଯ୍ୟକାରୀ ହେବା ପାଇଁ ବିଭିନ୍ନ ସ୍ତରରେ ରହିଛି। ନଭେମ୍ବର ୧୨ ତାରିଖରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଆଲୋଚନା ଚକ୍ରରେ ବିଜ୍‌ନେସ ଲିଡରଶିପ ସମ୍ମିଟ୍‌ରେ ମୁକେଶ ଅମ୍ବାନୀ ହେବେ ମୁଖ୍ୟବକ୍ତା। ଏଥିରେ ଆଗାମୀ ପିଢିର ନେତୃତ୍ୱଙ୍କୁ ପ୍ରେରଣା ଦେବା ସକାଶେ ଶିଳ୍ପ କ୍ୟାପଟେନମାନେ ଲିଡରଶିପ ଦିଗ ଉପରେ ଆଲୋଚନା କରିବେ। ଏଥିରେ ସ୍ଥାନୀୟ ଶିଳ୍ପପତି ଓ ଉଦ୍ୟୋଗପତିଙ୍କ ସମେତ ବହୁରାଷ୍ଟ୍ରୀୟ ଓ ସ୍ଥାନୀୟ ଶିଳ୍ପାନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ରାଜ୍ୟର ସମୃଦ୍ଧ ସଂସ୍କୃତି ଐତିହ୍ୟକୁ ଦର୍ଶକମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ କୋଷ୍ଟାଲ ଫନ ରନ, ହେରିଟେଜ ୱାକ, ଗଲ୍ଫ ଟୁର୍ନାମେଣ୍ଟ ଏବଂ ଆଦିବାସୀ ସଂଗ୍ରହାଳୟ ଏବଂ କଳାଭୂମି (ଓଡ଼ିଶା ହସ୍ତତନ୍ତ ସଂଗ୍ରହାଳୟ) ପରିଦର୍ଶନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଜନା କରାଯାଇଛି। ନଭେମ୍ବର ୧୨ରେ ପ୍ଲେନାରୀ ଅଧିବେଶନ ବେଳେ ଓଡିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ରାଜ୍ୟର ଇତିହାସ ଓ ସଂସ୍କୃତି ଉପରେ କଳାତ୍ମକ ଅନୁବାଦ ପ୍ରଦର୍ଶନ ହେବ। ରାଉରକେଲା ଜନ୍ମିତ ଏବଂ ଆମେରିକାର ପ୍ରଖ୍ୟାତ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର କ୍ରଏଟିଭ ଅର୍ଥନୀତି ଉପରେ ଏକ ଟେଡ୍ ଷ୍ଟାଇଲ ଅଭିଭାଷଣ ପ୍ରଦାନ କରିବେ।

ଏହାଛଡା ଷ୍ଟାର୍ଟଅପ ଟକ୍ ଏବଂ ଆକାଂକ୍ଷା ଉଦ୍ୟୋଗୀଙ୍କ ପାଇଁ ଏହା ଲକ୍ ପ୍ଲାଟଫର୍ମ ହେବ। ଏଥିରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ନିବେଶକ, ମେଣ୍ଟର ଓ ଉଦ୍ୟୋଗୀଙ୍କ ସହ ଆଲୋଚନା କରିବାର ସୁଯୋଗ ମିଳିବ। ଟେକ୍ ଟକ୍ କାର୍ଯ୍ୟକ୍ରମରେ ମିସ ୟେଭେତ କନୌଫ ଆମେରିକାର ପ୍ରଗତିଶୀଳ ଟେକ୍ନୋଲୋଜି ଉପରେ ଏକ ଅଭିଭାଷଣ ଦେବେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଥର ଲାଗି ରାଜ୍ୟରେ ଓଡ଼ିଶା ସିଏସ୍‌ଆର୍ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟର ସାମଜିକ ଓ ଆର୍ଥିକ କ୍ଷେତ୍ରର ବିକାଶ ଦିଗରେ ଓଡ଼ିଶାରେ ଥିବା କମ୍ପାନୀଗୁଡିକର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଦିଆଯିବ। ନଭେମ୍ବର ୧୨ ତାରିଖରେ ୩ଟି ଶ୍ରେଷ୍ଠ କମ୍ପାନୀକୁ ଶ୍ରେଷ୍ଠ ଷ୍ଟଲ୍ ପାଇଁ ପୁରସ୍କୃତ କରାଯିବ। ଏଥିସହିତ ସୋସିଆଲ ମିଡିଆରେ 'ଆଇ ଆମ୍ ଓଡ଼ିଶା' ଅଭିଯାନ ସଫଳତା ପୂର୍ବକ ଶେଷ ହେବା ପରେ ଓଡିଶାଭିତ୍ତିକ ୭ ଜଣ ସଫଳ ଉଦ୍ୟୋଗୀ ସେମାନଙ୍କ କେସ୍ ଷ୍ଟଡି ପ୍ରଦାନ କରିବେ। ୩ ଜଣ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଓଡିଶା ଗୌରବ' ଭାବେ ସମ୍ମାନିତ କରାଯିବ। ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ଜାପାନ କଣ୍ଟ୍ରି ପାର୍ଟନର ରହିଛି। ନଭେମ୍ବର ୧୨ରେ ଜାପାନ କମ୍ପାନୀଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଛି। ଏହି କର୍ମଶାଳାରେ ଜାପାନ କମ୍ପାନୀଗୁଡ଼ିକ ଓଡିଶାର ମାନୁଫାକ୍ଚରିଂ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ପ୍ରଦର୍ଶନ କରିବେ। ରାଜ୍ୟରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ ଆୟୋଜନ କରାଯିବ। ଏଥିପାଇଁ ୨୯୩ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେମାନଙ୍କୁ ୯୩ଟି ଟିମ୍‌ରେ ବିଭକ୍ତ କରାଯାଇଛି। ୩୬ ଘଣ୍ଟିଆ ସ୍ମାର୍ଟ ଓଡ଼ିଶା ହାକାଥନ ବିଜେତାଙ୍କୁ ନଭେମ୍ବର ୧୫ରେ ପୁରସ୍କୃତ କରାଯିବ। ଓଡ଼ିଶା ଥିମ ପାଭେଲିୟନ ହେବ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ।



ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଖବରଦାତା ସମ୍ମିଳନୀରେ ଅତିଥିମାନଙ୍କ ସହ ମନ୍ତ୍ରୀ ଅନନ୍ତ ଦାସ(ବାମରୁ ଦ୍ୱିତୀୟ)।

- ଉଦ୍ୟୋଗୀଙ୍କ ପାଇଁ ସୁଯୋଗ
- ବିଜ୍‌ନେସ ଲିଡରଶିପ୍‌ରେ ମୁକେଶ ଅମ୍ବାନୀ ଦେବେ ଅଭିଭାଷଣ
- ଶିଳ୍ପ ସହ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ହେବ
- ଦେଶର ହେବ ପ୍ରଥମ ବୃହତ୍ କନ୍‌କ୍ଲେଭ
- ପ୍ରଦର୍ଶିତ ହେବ ସଂସ୍କୃତି, କଳା, ପର୍ଯ୍ୟଟନ
- ପ୍ରଥମଥର ପାଇଁ ଓଡ଼ିଶା ସିଏସ୍‌ଆର୍ ପୁରସ୍କାର

# ନିଯୁକ୍ତି ରାଜନୀତି: ପିଏସ୍‌ୟୁ ସମ୍ମୁଖରେ ବିଜେଡିର ବିକ୍ଷୋଭ


**ପ୍ରତିକ୍ରିୟା ରଖିଲେ ବିରୋଧୀ**

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଓଡ଼ିଶାରୁ ବିପୁଳ ଖଣିଜ ସମ୍ପଦ ଉତ୍ତୋଳନ କରି ମଧ କେନ୍ଦ୍ର ଅନୁରୂପ ନିଯୁକ୍ତି ସୁଯୋଗ ଯୁବତୀଯୁବକଙ୍କୁ ଯୋଗାଇନାହିଁ । କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବର୍ଷକୁ ୨ କୋଟି ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେହି ନ୍ୟାୟରେ ୪ ବର୍ଷ ୬ ମାସ ପରେ ୯ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା କଥା। ପରିସଂଖ୍ୟାନ ଦୃଷ୍ଟିରୁ ପ୍ରାୟ ୩୬ ଲକ୍ଷ ଚାକିରି ଓଡ଼ିଶା ଭାଗରେ ପଡିବା କଥା। ହେଲେ ତାହା ଯୋଗାଇବାରେ କେନ୍ଦ୍ର ବିଫଳ ହୋଇଥିବା ଅଭିଯୋଗ କରିଛି ବିଜେଡି। ଏହାର ପ୍ରତିବାଦରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କ୍ଷେତ୍ର ମଧ୍ୟରେ ଆସୁଥିବା ପବ୍ଲିକ ସେକ୍ଟର ୟୁନିଟ୍ (ପିଏସ୍‌ୟୁ) ସମ୍ମୁଖରେ ବିଜେଡି ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ବିକ୍ଷୋଭରେ ଛାତ୍ର ଏବଂ ଯୁବ ବିଜେଡି ପକ୍ଷରୁ ଦଳର ଶତାଧିକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ରାଜଧାନୀରେ ଆୟୋଜିତ ପ୍ରତିବାଦ ସଭାରେ ଯୋଗଦେଇ ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ବିମୁଦ୍ରୀକରଣ ଯୋଗୁ ଦେଶ କୋଟି କୋଟି ନିଯୁକ୍ତି ସୁଯୋଗ ହରାଇଛି। ଓଡ଼ିଶାରେ ଶିଳ୍ପର ପ୍ରଗତି ପାଇଁ ଶିଳ୍ପ କରିଡର୍‌ର ଆବଶ୍ୟକତା ରହିଛି। କିନ୍ତୁ କେନ୍ଦ୍ର ସରକାର ରାଜ୍ୟକୁ ତାହା ଯୋଗାଇ ପାରିନାହିଁ। ରାଜ୍ୟରେ ୩୦ରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଥିଲାବେଳେ ଓଡ଼ିଆ ଯୁବତୀଯୁବକଙ୍କ ସେଥିରେ ନିଯୁକ୍ତି ସୁଯୋଗ ନାହିଁ। ସେହିପରି ବିଜେଡି ଛାତ୍ର-ଯୁବ ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡା ସମାଲୋଚନା କରାଯାଇଛି। ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି ଯେ, ବିଗତ ୪ ବର୍ଷରେ କେତେ ଓଡ଼ିଆଙ୍କୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାରେ ନିଯୁକ୍ତି ମିଳିଛି, ତାହାର ତାଲିକା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିପାରିବେ କି। ଯେଉଁ ପରିମାଣ ରାଜସ୍ୱ ଓଡ଼ିଶାରୁ କେନ୍ଦ୍ର ନେଉଛି, ସେହି ଅନୁପାତରେ ବିଭିନ୍ନ ଯୋଜନାରେ ଅନୁଦାନ ଆସୁନାହିଁ କାହିଁକି। ଯେଉଁ ଦିନଠାରୁ ଏନ୍‌ଡିଏ ସରକାର ଆସିଛି, ରାଜ୍ୟ ସରକାରଙ୍କ ପ୍ରାୟ ୮ଟି ଯୋଜନାକୁ ବନ୍ଦ କରାଯାଇଛି। ଦୁଇ ଡଜନରୁ ଅଧିକ ଯୋଜନାରେ ଅନୁଦାନ ହ୍ରାସ ପାଇଛି। ରୋଜଗାର ମାଗୁଥିବା ଯୁବକଙ୍କୁ ପକୁଡି ବିକିବାକୁ କହି ଯୁବବର୍ଗଙ୍କୁ କେନ୍ଦ୍ର ସରକାର ଠକି ଥିବା ଚିନ୍ମୟ କହିଛନ୍ତି। ବିଜେଡି ପକ୍ଷରୁ ଏମ୍‌ସିଏଲ୍, ଆଇଓସିଏଲ୍ , ପୂର୍ବତଟ-ରେଲୱେ ଏବଂ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ବିଜେଡିର ଆନ୍ଦୋଳନ ଡାକରାକୁ କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟ ସରକାର ଶିଳ୍ପମାରଣ ନୀତି ଅବଲମ୍ବନ କରିଛନ୍ତି। ବିଜେଡି ଦେଇଥିବା ଲକ୍ଷ ଲକ୍ଷ ନିର୍ବାଚନୀ ପ୍ରତିଶ୍ରୁତି କୁଆଡେ ଗଲା। ଓଏମ୍‌ସି, ଇଡ୍‌କୋ, ଇପିକଲ୍ ଏବଂ ଯୋଗାଣ ନିଗମରେ କେତେ ସଂଖ୍ୟକ ପିଲା ନିଯୁକ୍ତ ହୋଇଛନ୍ତି। ଏନ୍‌ଟିପିସି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୦ ହଜାର କୋଟି ଟଙ୍କାର ଅନୁଦାନ ଦେଇ ସାରିଛନ୍ତି। ହେଲେ ରାଜ୍ୟ ସରକାର ଜମି ଅଧିଗ୍ରହଣ ନ କରି ଓଡ଼ିଆ ଯୁବକଙ୍କ ନିଯୁକ୍ତିରେ ବାଧକ ହୋଇଛନ୍ତି।

DSPL - 240



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ୨ଗୋଟି ନୂତନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+2 Science)ର
ଶୁଭ ଉଦ୍‌ଘାଟନ
ବଡ଼ଭରଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ନିଷାନହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଜିଲ୍ଲା - ନବରଙ୍ଗପୁର
ତା. ୯.୧୧.୨୦୧୮
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ, ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଓଡ଼ିଶା
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ବଳଭଦ୍ର ମାଝୀ, ମାନ୍ୟବର ସାଂସଦ, ନବରଙ୍ଗପୁର
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ ତଥା ଅଧକ୍ଷ, ଜିଲ୍ଲା ଯୋଜନା କମିଟି, ନବରଙ୍ଗପୁର
ଶ୍ରୀଯୁକ୍ତ ମୋତିରାମ ନାୟକ, ଅଧକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ନବରଙ୍ଗପୁର
ଶ୍ରୀମତୀ ଭଗବତୀ ଭତ୍ରା, ଅଧକ୍ଷା, ଜିଲ୍ଲା ପରିଷଦ, ନବରଙ୍ଗପୁର
ଏହି ଉଦ୍‌ଘାଟନୀ ଉତ୍ସବରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା
26001/13/0013/1819

CLASSIFIED DISPLAY










LOOKING FOR INVESTORS / PARTNERS / LEASE FACILITY
For running Automobile Workshop having Servicing / Painting / Welding and Repairing 5000 sqft area with Shed / Office / Staff Qtrs 3 phase Electric, own water supply.
Mob : 8114721727






ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ଼ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। - ଶ୍ରୀଅରବିନ୍ଦ



# ପୁନଃ ଆହ୍ବାନ

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଓ ତଜ୍ଜନିତ କୃଷକମାନଙ୍କ ଦୁର୍ଦ୍ଦଶା କିଛି ନୂଆ କଥା ନୁହେଁ। ରାଜ୍ୟର ତିନିଚତୁର୍ଥାଂଶ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାବେଳେ ରାଜ୍ୟର ଅର୍ଥନୀତି ପ୍ରକାରାନ୍ତରେ ପ୍ରକୃତିର ମର୍ଜି ଓ ଦୟା ଉପରେ ନିର୍ଭର କରିଥାଏ। ବାସ୍ତବରେ ସବୁଠାରୁ ଅଧିକ ପ୍ରାକୃତିକ ଦୁର୍ବିପାକ ପୀଡ଼ିତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏପରି କ୍ୱଚିତ୍ ବର୍ଷ ଥିବ ଯେଉଁବର୍ଷ ଓଡ଼ିଶାର ଆଂଶିକ ବା ବ୍ୟାପକ ଅଂଶ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ବିଧ୍ୱସ୍ତ ହୋଇ ନ ଥିବ। ଏମିତି ବି ଅନେକ ଉଦାହରଣ ଅଛି, ଯେତେବେଳେ ଗୋଟିଏ ବର୍ଷରେ ଉଭୟ ବର୍ଷାହୀନତା ଓ ବୃଷ୍ଟିବହୁଳତା ଦ୍ୱାରା ରାଜ୍ୟ କ୍ଷତିଗ୍ରସ୍ତ ହୋଇଛି। ଚଳିତବର୍ଷ ହେଉଛି ତା'ର ଏକ ଉଦାହରଣ। ଉପକୂଳ ଓ ଦକ୍ଷିଣ ଓଡ଼ିଶା ଏବେ ବି ବାତ୍ୟା ତିତ୍‌ଲିର ପରପ୍ରଭାବରୁ ମୁକ୍ତ ହେବାକୁ ସଂଘର୍ଷ କରୁଛନ୍ତି। ଅଥଚ ରାଜ୍ୟର ଅନ୍ୟ କିଛି ଅଂଶରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି।

ଅତୀତରେ ରାଜ୍ୟ ସରକାର ବାତ୍ୟାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ଅଧିକ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ଜୀବନହାନିର ଆଶଙ୍କାକୁ ହ୍ରାସ କରିପାରିଥିଲେ। ଏହା ଘଟିଥିଲା ଫାଇଲିନ୍ ଓ ହୁଡ୍‌ହୁଡ୍ ସମୟରେ। ତିତ୍‌ଲି ସମୟରେ ବି ସେପରି ପଦକ୍ଷେପ ନିଆଯାଇଥିଲା। ତେବେ ମରୁଡ଼ି ସମୟରେ ଏପରି କିଛି ଆଗୁଆ ପଦକ୍ଷେପ ନେବା ସମ୍ଭବ ହୋଇପାରିନି। ମରୁଡ଼ି ପରେ ସରକାର ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେଇଥାନ୍ତି। କିନ୍ତୁ ଏହା ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଯଥେଷ୍ଟ ହୋଇ ନ ଥାଏ। ମରୁଡ଼ି ବର୍ଷଗୁଡ଼ିକରେ ହଜାର ହଜାର କୃଷିଜୀବୀ ଘରଦ୍ୱାର ଛାଡ଼ି ବାହାର ରାଜ୍ୟକୁ ରୋଜଗାର ଉଦ୍ଦେଶ୍ୟରେ ଚାଲିଯିବାର ଦେଖାଯାଏ। ଏହି ପରିବାରଗୁଡ଼ିକ ସାଧାରଣତଃ ଏକକ ଉପାର୍ଜନକାରୀ ପରିବାର ହୋଇଥାନ୍ତି। ସରକାରଙ୍କ ସାହାଯ୍ୟ ସେମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ପଣା ପରି ହୋଇଥାଏ। ଚଳିତବର୍ଷ ସରକାର ରାଜ୍ୟର ୯ଟି ଜିଲାକୁ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରିବା ଏକ ସମୟୋଚିତ ପଦକ୍ଷେପ। ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ୨,୩୩,୧୭୪ ହେକ୍ଟର ଧାନଜମି ମରୁଡ଼ିପୀଡ଼ିତ ବୋଲି ସରକାର ଘୋଷଣା କରିଛନ୍ତି। ଏହିସବୁ ଅଞ୍ଚଳରେ କୃଷି ଉତ୍ପାଦନରେ ୩୩ ପ୍ରତିଶତ କ୍ଷତିହେବ ବୋଲି ଆକଳନ କରାଯାଇଛି। ତେବେ ଚଳିତବର୍ଷ ମରୁଡ଼ି-ପୀଡ଼ିତ ବୋଲି ଘୋଷଣା କରାଯାଇଥିବା ଅଧିକାଂଶ ଜିଲା ରାଜ୍ୟର ସବୁଠାରୁ ଧାନ ଅମଳକାରୀ ଜିଲା ଭାବେ ପରିଚିତ। ରାଜ୍ୟର ମୋଟ ଧାନ ଅମଳର ପ୍ରାୟ ଅଧା ଭାଗ ଏହି ୯ଟି ଜିଲା ଅମଳ କରିଥାନ୍ତି। ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ହେଉଛି ସବୁଠାରୁ ଅଧିକ ଧାନ ସଂଗ୍ରହ କରାଯାଉଥିବା ତିନୋଟି ଜିଲା।

ଓଡ଼ିଶାର ବାହାର ରାଜ୍ୟକୁ ଯାଉଥିବା ଅଧିକାଂଶ ଦାଦନ ଶ୍ରମିକ ହେଉଛନ୍ତି ପଶ୍ଚିମ ଓଡ଼ିଶାର। ସବୁଠାରୁ ବେଶି ଶ୍ରମିକ ଯାଇଥାନ୍ତି ବଲାଙ୍ଗୀର ଓ ନୂଆପଡ଼ା ଜିଲାରୁ। ତେଣୁ ରାଜ୍ୟ ସରକାର ମରୁଡ଼ିପୀଡ଼ିତ ଘୋଷଣା କରି ତ୍ୱରିତ ଓ ସମୟଭିତ୍ତିକ ପଦକ୍ଷେପ ନେଇଛନ୍ତି। ସରକାର ଅଣଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ଟ୬,୮୦୦, ଜଳସେଚିତ ଅଞ୍ଚଳ ପାଇଁ ଟ୧୩,୫୦୦ ଏବଂ ସବୁ ଋତୁରେ ଚାଷ ହୋଇପାରୁଥିବା ଦୋଫସଲି ଜମି ପାଇଁ ଟ୧୮,୦୦୦ କ୍ଷତିପୂରଣ ଘୋଷଣା କରିଛନ୍ତି। ୨୦୧୬ ମସିହାରେ ବି ଏପରି ପରିସ୍ଥିତି ଉପୁଜିଥିଲା। ସେତେବେଳେ ସରକାର ଉଣା-ଅଧିକେ ଅନୁରୂପ ସାହାଯ୍ୟ ଘୋଷଣା କରିଥିଲେ। କିନ୍ତୁ ତାହା ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ପଳାୟନ କରିବାରୁ ଗରିବ ଶ୍ରମଜୀବୀ ଲୋକମାନଙ୍କୁ ରୋକିପାରି ନ ଥିଲା। ଗତବର୍ଷ ସମ୍ବଲପୁର ଜିଲାର ଜୁଜୁମୁରା ଓ ଜମନ୍‌କିରା ପରି ବ୍ଲକ୍ ଅଞ୍ଚଳରେ ଏପରି ଘଟଣା କିପରି ବ୍ୟାପକ ଭାବେ ଘଟିଥିଲା, ସେ ବିଷୟରେ ଧରିତ୍ରୀରେ ରିପୋର୍ଟ ପ୍ରକାଶ ପାଇଥିଲା। ସେତେବେଳେ ସରଳ କୃଷକ ଓ ଭାଗଚାଷୀମାନେ ମଧ୍ୟସ୍ଥ ଓ ଦଲାଲମାନଙ୍କ ଦ୍ୱାରା କିପରି ଠକାମିର ଶିକାର ହୋଇଥିଲେ ତାହା ଆମେ ଦେଖିଛୁ। ମରୁଡ଼ି ବର୍ଷଗୁଡ଼ିକରେ ଅନେକ କୃଷକ ଆତ୍ମହତ୍ୟା କରିବାର ମଧ୍ୟ ରିପୋର୍ଟ ପ୍ରକାଶ ପାଇଥାଏ। ଏଥର ପୁଣି ସେପରି ଆହ୍ବାନ ଆସିଛି। ସମଗ୍ର ପଶ୍ଚିମ ଓଡ଼ିଶା ମରୁଡ଼ି-ପୀଡ଼ିତ ହୋଇଥିବାରୁ ଏହି ଅଞ୍ଚଳଗୁଡ଼ିକରୁ ଗରିବ ଲୋକମାନେ ଦାଦନ ଖଟିବାକୁ ବାହାରକୁ ଯିବାର ସମ୍ଭାବନା ରହିଛି। ଦଲାଲ ଓ ମଧ୍ୟସ୍ଥମାନେ ଏବେ ବି ସକ୍ରିୟ ଅଛନ୍ତି। ଏହା ଏକ ଆବର୍ତ୍ତୀ (ପୁନଃ ପୁନଃ ଘଟୁଥିବା) ଆହ୍ବାନ, ଯାହାର ମୁକାବିଲା ପାଇଁ ସରକାର ସଚେତନ ରହି ପଦକ୍ଷେପ ନେବା ଆବଶ୍ୟକ।

## ଆଜିର ଅର୍ଥନୀତି

## ଚିରନ୍ତନୀ

ସରଳ ମତି ସହଜ ଗତି
ଯା'ନ୍ତି ଚଳି ବାଳୀ
ନ ବୁଝି ଏ ନିଦାଘ ପଥେ
କି ରୂପରାଶି ଢାଳି।

(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | 5 | 6 | A | | | 3 | | | | | |
| | | 3 | | 1 | | 0 | 8 | | | 5 | | | | 2 |
| | 4 | | | | B | | | 1 | 6 | D | 2 | E | | |
| | | | | | C | | | | | | | D | 7 | |
| 0 | 1 | C | 3 | | | B | 9 | | | | | | | A |
| | 6 | | | | | | 4 | | | | | | | 7 |
| | | 8 | | | | 3 | E | A | | 2 | | | | |
| B | | D | | E | | | 6 | | | | | | 5 | 9 |
| | A | | | | 5 | | | C | 9 | | | | | 6 |
| | | | 0 | 4 | 2 | 7 | | | E | | | | D | |
| | B | 9 | | 7 | 8 | | | | C | | | | | |
| | | 0 | 1 | | | 9 | 5 | | 4 | | | | | |
| | | A | C | 6 | 3 | | | E | | | B | 9 | | |
| 3 | | 1 | | | | D | A | B | | | 7 | | | 4 |
| | 5 | | | | A | | 7 | 2 | D | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 6 | 1 | E | D | 9 | 0 | A | 4 | 5 | C | 8 | B | 7 |
| 5 | A | 1 | C | 0 | 9 | E | 7 | 2 | B | 8 | 3 | 4 | 6 | D |
| 0 | 9 | E | 6 | 2 | B | 8 | 4 | 3 | 7 | D | 1 | C | 5 | A |
| 8 | 7 | C | A | 4 | 5 | B | 1 | D | 2 | E | 6 | 0 | 3 | 9 |
| D | B | 4 | 3 | 7 | 8 | 6 | C | 5 | A | 9 | 0 | E | 1 | 2 |
| 7 | E | 3 | 0 | A | 1 | C | 6 | 4 | 5 | B | 9 | 2 | D | 8 |
| 4 | D | B | 9 | C | 2 | 0 | 3 | 1 | 6 | 7 | 8 | 5 | A | E |
| 1 | 6 | 5 | D | 3 | 4 | 2 | 8 | 7 | C | A | E | B | 9 | 0 |
| 2 | 8 | 9 | B | 5 | 7 | D | A | E | 0 | 1 | 4 | 6 | C | 3 |
| C | 0 | A | E | 8 | 6 | 5 | B | 9 | D | 3 | 2 | 7 | 4 | 1 |
| 9 | 5 | 8 | 4 | B | E | 7 | D | 0 | 3 | C | A | 1 | 2 | 6 |
| B | 3 | 2 | 8 | 1 | C | A | 9 | 6 | E | 4 | 7 | D | 0 | 5 |
| 6 | 1 | 7 | 2 | 9 | 3 | 4 | 5 | B | 8 | 0 | D | A | E | C |
| A | C | D | 5 | 6 | 0 | 1 | E | 8 | 9 | 2 | B | 3 | 7 | 4 |
| E | 4 | 0 | 7 | D | A | 3 | 2 | C | 1 | 6 | 5 | 9 | 8 | B |

ଗତକାଲିର ଉତ୍ତର

# ଆଇନର ଶାସନ: କିଛି କଥା, କିଛି ବ୍ୟଥା



ଗିରିଜାଶଙ୍କର ତରାସିଆ

ଦିନ ଥିଲା ଶାସକ ନିଜ ଇଚ୍ଛାରେ ଶାସନ କରୁଥିଲେ। ଏବେ କିନ୍ତୁ ଚାଲିଛି ଆଇନର ଶାସନ। ଏହାର ପରିଭାଷା ବ୍ୟାପକ ହେଲେ ମଧ୍ୟ ପରିସୀମା ଅସ୍ପଷ୍ଟ। କାରଣ ଥିଲାବାଲା ଏବଂ ନ ଥିଲାବାଲା କ'ଣ ସତରେ ଆଇନ ଆଗରେ ସମାନ? ଏହି ପ୍ରଶ୍ନଟି ଏବେ ମୋ ମନରେ ଜଟିଳ ରୂପ ଧାରଣ କରିଛି ଓକିଲାତି ପେସାରେ ପ୍ରାୟ ତେତିଶ ବର୍ଷ ବିତାଇବା ପରେ। ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ଷୋଳବର୍ଷ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଷ୍ଠା ଏବଂ ସାଧୁତାର ସହିତ କାର୍ଯ୍ୟ କରିବା ପରେ ଆମ୍ଭ ବିରୋଧରେ କୌଣସି ଅଭିଯୋଗ ନ ଥାଇ ବିନା ନୋଟିସରେ ଆମ୍ଭକୁ କାର୍ଯ୍ୟରୁ ଅପସାରିତ କରିବା ସହିତ ଆମ୍ଭଠାରୁ କନିଷ୍ଠ ଏବଂ ଅପେକ୍ଷାକୃତ ଅନଭିଜ୍ଞ ବ୍ୟକ୍ତିଙ୍କୁ ଆମ୍ଭ ସ୍ଥାନରେ ନିଯୁକ୍ତି ଦିଆଗଲା। କାହାକୁ ନିଯୁକ୍ତି ଦେବା ନ ଦେବା ସରକାରଙ୍କର ଇଚ୍ଛାଧୀନ ବ୍ୟାପାର। କିନ୍ତୁ ଆମ୍ଭଠାରୁ ବରିଷ୍ଠ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲେ ଆମ୍ଭର ଅସନ୍ତୋଷ ରହି ନ ଥାନ୍ତା। ବରିଷ୍ଠତାକୁ ସମ୍ମାନ ନ ଦେଇ ଭାରତର ଉଚ୍ଚତମ ନ୍ୟାୟାଳୟର ତତ୍କାଳୀନ ପୂର୍ବତନ ପ୍ରଧାନ ବିଚାରପତି କନିଷ୍ଠ ବିଚାରପତିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମକଦ୍ଦମା ବିଚାର କରିବାକୁ ସୁଯୋଗ ଦେଉଥିବାର ଅଭିଯୋଗ କରି ଉଚ୍ଚତମ ନ୍ୟାୟାଳୟର ଚାରିଜଣ ବରିଷ୍ଠ ବିଚାରପତି ଚେଲମେଶ୍ୱର, ରଞ୍ଜନ ଗୋଗୋଇ (ବର୍ତ୍ତମାନର ପ୍ରଧାନ ବିଚାରପତି), ଏମ୍.ବି. ଲୋକୁର ଏବଂ କୁରିଏନ୍ ଜୋସେଫ ୨୦୧୮ ଜାନୁୟାରୀ ୧୨ ତାରିଖରେ ଏକ ଅଭୂତପୂର୍ବ ସାମ୍ବାଦିକ ସମ୍ମିଳନୀ ଆହ୍ବାନ କରି ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଗଣତନ୍ତ୍ରର ସୁରକ୍ଷା ପାଇଁ ଏପରି କରିଥିବା କହିଥିଲେ।

ଆଇନ ଆଗରେ ସମସ୍ତେ ସମାନ ବୋଲି ଭାରତୀୟ ସମ୍ବିଧାନ ଘୋଷଣା କରିଥିଲେ ମଧ୍ୟ ଆଇନକୁ ଫାଙ୍କି ହଜାର ହଜାର କୋଟି ଟଙ୍କା ହଡ଼ପ କରି ବିଜୟ ମାଲ୍ୟାଙ୍କ ପରି ବ୍ୟକ୍ତି ବିଦେଶକୁ ପଳାଇଯାଇ ପାରୁଥିବା ବେଳେ ମାତ୍ର କେତେ ହଜାର ଟଙ୍କା ଋଣ ଶୁଝି ନ ପାରି ଚାଷୀଟିଏ ଆତ୍ମହତ୍ୟା କରୁଛି। ଏହାକୁ କ'ଣ ଆଇନର ସମାନତା ବୋଲି କୁହାଯିବ? ଆମେରିକା ସର୍ବୋଚ୍ଚ ନ୍ୟାୟାଳୟର ଜନୈକ ବିଚାରପତି ବ୍ରିନାନ୍ ଏକଦା ମତପୋଷଣ କରିଥିଲେ- Nothing rankles more in human heart than a brooding sense of injustice. ଆଇନର ଉତ୍ସ କୁହାଯାଉଥିବା ମାଗ୍‌ନାକାର୍ଟା ଚୁକ୍ତି ଇଂଲଣ୍ଡରୁ ଜନ୍ମଲାଭ କରିଥିଲା। ନ୍ୟାୟପୂର୍ଣ୍ଣ ତଥା ଶୃଙ୍ଖଳିତ ଜୀବନଯାପନ ନିମନ୍ତେ ଇଂଲଣ୍ଡର ରାଜା ଏବଂ ବ୍ୟାରନ୍‌ଙ୍କ ମଧ୍ୟରେ ତ୍ରୟୋଦଶ ଶତାବ୍ଦୀରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଲଣ୍ଡନର ପ୍ରସିଦ୍ଧ ଟେମ୍‌ସ ନଦୀକୂଳରେ ଅବସ୍ଥିତ ରୁନିମେଡ଼େ ମନୋରମ ଉଦ୍ୟାନରେ ୧୨୧୫ ଖ୍ରୀଷ୍ଟାବ୍ଦ ଜୁନ୍ ୧୫ ତାରିଖରେ ଇଂଲଣ୍ଡର ତତ୍କାଳୀନ ସମ୍ରାଟ ଜନ୍ ଐତିହାସିକ ମାଗ୍‌ନାକାର୍ଟା ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

## ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ

୧୯୪୯ ମସିହା ମାର୍ଚ୍ଚରେ ବମ୍ବେ ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଏନ୍.ଏଚ୍. ଭଗବତୀଙ୍କ ଅଧ୍ୟକ୍ଷତାରେ ସ୍ୱଳ୍ପ ଆୟକାରୀ ବ୍ୟକ୍ତି ତଥା ପଛୁଆବର୍ଗ ଲୋକଙ୍କୁ ଆଇନ ସହାୟତା ଯୋଗାଇଦେବା ନିମନ୍ତେ ବମ୍ବେ ସରକାର ଏକ କମିଟି ଗଠନ କଲେ। ଅନୁରୂପଭାବେ ସେହି ସମୟରେ ବଙ୍ଗଳା ସରକାର କଲିକତା ଉଚ୍ଚନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ବିଚାରପତି ସାର୍ ଆର୍ଥର ଟ୍ରେଭୋର ହାରିସ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଉଭୟ କମିଟି ନିଜ ନିଜ ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ରଭାବେ ସେମାନଙ୍କର ସୁପାରିସ ପ୍ରଦାନ କରିଥିଲେ ମଧ୍ୟ ଏହି ରିପୋର୍ଟକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥିଲା। ଭାରତୀୟ ବିଚାର ବିଭାଗର ଦୁଇଜଣ ପ୍ରଚଣ୍ଡ ପ୍ରତିଭା ଜଷ୍ଟିସ୍ ପି.ଏନ୍. ଭଗବତୀ ଏବଂ ଜଷ୍ଟିସ ଭି.ଆର୍. କ୍ରିଷ୍ଣା ଆୟାର ଭିନ୍ନ ଭିନ୍ନ ଭାବେ ଆଇନ ସହାୟତା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସେମାନଙ୍କର ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ଭି.ଆର୍. କ୍ରିଷ୍ଣା ଆୟାର ୧୯୭୩ ମସିହାରେ କରିଥିବା ସୁପାରିସକୁ ଗ୍ରହଣ କରି ତତ୍କାଳୀନ କେନ୍ଦ୍ର ସରକାର ୧୯୭୬ ମସିହା ୪୨ତମ ସମ୍ବିଧାନ ସଂଶୋଧନରେ ଧାରା ୩୯(କ) ସଂଯୋଗ କରାଇ ଗରିବମାନଙ୍କୁ ଆଇନ ସହାୟତା ଯୋଗାଇଦେବା ପାଇଁ ବ୍ୟବସ୍ଥା କଲେ। ସର୍ବୋଚ୍ଚ ନ୍ୟାୟାଳୟର ତଦାନୀନ୍ତନ ବିଚାରପତି ଜଷ୍ଟିସ୍ ଭଗବତୀଙ୍କ ଅଧ୍ୟକ୍ଷତାରେ ୧୯୮୦ ସେପ୍ଟେମ୍ବର ୨୬ ତାରିଖରେ ଏକ କମିଟି ଗଠନ କରାଯାଇଥିଲା। ସମଗ୍ର ଦେଶରେ ମାଗଣା ଆଇନ ସହାୟତା ଏବଂ ଉପଦେଶ ଦେବା ନିମନ୍ତେ ଏହି କମିଟି ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲା। କମିଟି ସୁପାରିସ ଅନୁଯାୟୀ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଆଇନ ସହାୟତା ଏବଂ ଉପଦେଷ୍ଟା ବୋର୍ଡମାନ ଗଠନ କଲେ। ଜଷ୍ଟିସ୍ ଭଗବତୀଙ୍କ ସୁପାରିସ ଆଧାରରେ ସଂସଦରେ ଆଇନସେବା ପ୍ରାଧିକରଣ ଆଇନ ୧୯୮୭ ଗୃହୀତ ହେବା ପରେ ସେହିବର୍ଷ ଅକ୍ଟୋବର ୧୧ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ତେବେ ଏହି ଆଇନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏଥିରେ କିଛି ସଂଶୋଧନ କରାଯାଇ ପୁନଃ ମହାମହିମ ରାଷ୍ଟ୍ରପତିଙ୍କ ସ୍ୱୀକୃତି ହାସଲ କରିବା ପରେ ଏହା ୧୯୯୫ ନଭେମ୍ବର ୯ ତାରିଖରୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେଲା ଏବଂ ସେହିବର୍ଷଠାରୁ ପ୍ରତିବର୍ଷ ନଭେମ୍ବର ୯ ତାରିଖକୁ ଜାତୀୟ ଆଇନସେବା ଦିବସ ଭାବେ ପାଳନ କରାଯାଉଛି।

୧୯୮୭ ଆଇନ ସେବା ପ୍ରାଧିକରଣ ଆଇନ ଅନୁଯାୟୀ ତାଲୁକ ସ୍ତରରୁ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଏହିସବୁ ମାଗଣା ଆଇନସେବା ଯୋଗାଇଦେବା କାର୍ଯ୍ୟରେ କ'ଣ ସବୁ ସ୍ଥଳରେ ଅଭିଜ୍ଞ, ଦକ୍ଷ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯାଉଛି? କେତେକ ସ୍ଥାନରେ ଗ୍ରାମାଞ୍ଚଳରେ ରୋଗୀଟିଏ ସରକାରୀ ଡାକ୍ତରଖାନାରୁ ମାଗଣାରେ ଔଷଧ ଆଣି ରୋଗ ଉପଶମ ନ ହେବା ଏବଂ ଥିଲାବାଲା ପଇସା ଖର୍ଚ୍ଚକରି ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିବା ପରି ମାଗଣା ଆଇନସେବା ଯୋଗାଇଦେବା ଅବସ୍ଥା ନ ହେଉ। ପରିସଂଖ୍ୟାନ ଦୃଷ୍ଟିରୁ ମାଗଣାରେ ବ୍ୟାପକ ଆଇନ ସେବା ଯୋଗାଇ ଦିଆଯାଉଛି ବୋଲି ଦାବି ନ କରି ଗୁଣାତ୍ମକ ଭାବେ ତାଲୁକ ସ୍ତରରୁ ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଦକ୍ଷ, ଅଭିଜ୍ଞ ଏବଂ ନିଷ୍ଠାବାନ୍ ଆଇନଜୀବୀଙ୍କୁ ନିୟୋଜିତ କରାଗଲେ ମାଗଣା ଆଇନସେବା ଯୋଗାଇଦେବାର ଲକ୍ଷ୍ୟ ସାଧିତ ହୋଇପାରିବ।

ଦେଶସେବା କରିବା ପାଇଁ ନିର୍ବାଚିତ ହୋଇଥିବା ସାଂସଦ ତଥା ବିଧାୟକମାନେ ଦିନ କେଇଟା ଦାୟିତ୍ୱ ତୁଲାଇବା ପରେ ଜୀବନସାରା ଅବସରକାଳୀନ ଭତ୍ତା ପାଇବାକୁ ଯୋଗ୍ୟ ହେଉଥିଲା ବେଳେ ସ୍ୱଳ୍ପ ପାରିଶ୍ରମିକରେ ଷୋଳବର୍ଷ ଧରି ସରକାରଙ୍କ ପକ୍ଷରୁ ଅଦାଲତରେ ମକଦ୍ଦମା ଲଢ଼ି ପରେ କୌଣସି ଆର୍ଥିକ ସହାୟତା ଏବଂ ପେନ୍‌ସନ୍ ପାଇବାର ସୁଯୋଗ ନ ପାଇ ରୋଗଶଯ୍ୟାରେ ପଡ଼ି ଛଟପଟ ହେଉଥିବା ଆମ୍ଭ ପରି ନାଗରିକଟିର ଦୁରବସ୍ଥା ଆଇନର ଅସମାନତାର ଶିକାର ହେଉଥିବା ହଜାର ହଜାର ଅସହାୟ ବ୍ୟକ୍ତିଙ୍କର ଏକ ଉଦାହରଣ ମାତ୍ର।

ମୋ- ୯୯୩୭୩୩୪୮୦୦

# ବିମୁଦ୍ରୀକରଣ ଓ ତା'ର ପ୍ରଭାବ



ଅରୁଣ ଜେଟ୍‌ଲୀ

ଆଜି ଆମେ ବିମୁଦ୍ରୀକରଣର ଦୁଇବର୍ଷ ପୂରଣ କରୁଛୁ। ଅର୍ଥବ୍ୟବସ୍ଥାକୁ ଔପଚାରିକ କରିବା ଦିଗରେ କେନ୍ଦ୍ର ସରକାର ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୃଙ୍ଖଳା ମଧ୍ୟରୁ ବିମୁଦ୍ରୀକରଣ ଏକ ପ୍ରମୁଖ ପଦକ୍ଷେପ। ସରକାର ପ୍ରଥମେ ଭାରତ ବାହାରେ ଥିବା କଳାଧନକୁ ଟାର୍ଗେଟ୍ କରିଥିଲେ। ଜରିମାନା ଟିକସ ପଇଠ କରି ଏହିସବୁ ସମ୍ପତ୍ତିକୁ ଦେଶ ଭିତରକୁ ଆଣିବା ଲାଗି ସମ୍ପତ୍ତିଧାରକମାନଙ୍କୁ କୁହାଯାଇଥିଲା। ଯେଉଁମାନେ ଏହା କରିବାରେ ବିଫଳ ହୋଇଛନ୍ତି ସେମାନଙ୍କୁ କଳାଧନ ଆଇନ ଅଧୀନରେ ଦଣ୍ଡିତ କରାଯାଇଛି। ବିଦେଶରେ ଥିବା ଜମା ଏବଂ ସମ୍ପତ୍ତିର ବିବରଣୀ ଯାହା ସରକାରଙ୍କୁ ମିଳିଲା, ସେସବୁର ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଗଲା।

ରିଟର୍ନ ଦାଖଲ କରିବା ଏବଂ ଟିକସ ଆଧାରକୁ ସମ୍ପ୍ରସାରଣ କରିବାର ସୁବିଧା ପ୍ରଦାନ ଲାଗି ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ କ୍ଷେତ୍ରରେ ପ୍ରଯୁକ୍ତିର ଉପଯୋଗ କରାଗଲା। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାଦ୍ୱାରା ସମାଜର ଦୁର୍ବଳ ବର୍ଗର ଲୋକମାନେ ମଧ୍ୟ ଔପଚାରିକ ଅର୍ଥବ୍ୟବସ୍ଥାର ଅଂଶବିଶେଷ ହୋଇପାରିଲେ। ଜନଧନ ଜମାଖାତା ଦ୍ୱାରା ବହୁସଂଖ୍ୟକ ଲୋକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଯୋଡ଼ିହୋଇ ପାରିଲେ। ଆଧାର ଆଇନ ଦ୍ୱାରା ସରକାରଙ୍କ ସହାୟତା ବ୍ୟବସ୍ଥା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଜରିଆରେ ସିଧାସଳଖ ହିତାଧିକାରୀଙ୍କ ଜମାଖାତାକୁ ପହଞ୍ଚିପାରିଲା। ପରୋକ୍ଷ ଟିକସ କ୍ଷେତ୍ରରେ ଜିଏସ୍‌ଟି ଦ୍ୱାରା ଟିକସ ପ୍ରକ୍ରିୟା ଆହୁରି ସରଳ ହୋଇପାରିଲା। ବର୍ତ୍ତମାନ ଟିକସ ଫାଙ୍କିବା ଦିନକୁ ଦିନ ଅଧିକ କଷ୍ଟକର ହୋଇପଡୁଛି।

ଭାରତ ଏକଦା ନଗଦଭିତ୍ତିକ ଅର୍ଥବ୍ୟବସ୍ଥା ଥିଲା। ନଗଦ ଦ୍ୱାରା ସନ୍ଦେହଜନକ କାରବାର ହେଉଥିଲା। ଏହା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଏଡ଼ାଇବା ସହିତ ଅଧିଗ୍ରହୀତାଙ୍କୁ ଟିକସ ଫାଙ୍କିବାର ସୁଯୋଗ ଦେଉଥିଲା। ବିମୁଦ୍ରୀକରଣ ଦ୍ୱାରା ନଗଦଧାରୀମାନେ ବ୍ୟାଙ୍କରେ ଟଙ୍କା ଜମା କରିବା ଲାଗି ବାଧ୍ୟ ହେଲେ। ବିପୁଳ ପରିମାଣର ଟଙ୍କା ଜମା ହେଲା ଏବଂ ଜମାକାରୀଙ୍କ ପରିଚୟ ମିଳିଲା। ୧୭.୪୨ ଲକ୍ଷ ଖାତାଧାରୀଙ୍କ କାରବାର ସନ୍ଦେହଜନକ ମନେହେବାରୁ ସେମାନଙ୍କଠାରୁ ଅନଲାଇନରେ ଜବାବ ଗ୍ରହଣ କରାଗଲା। ଉଲ୍ଲଂଘନକାରୀ ଦଣ୍ଡ ଭୋଗିଲେ। ଏହି ଟଙ୍କା ମଧ୍ୟରୁ ଅଧିକାଂଶ ପରବର୍ତ୍ତୀ ନିବେଶ ଲାଗି ମ୍ୟୁଚୁଆଲ ଫଣ୍ଡରେ ଉପଯୋଗ କରାଗଲା। ଏହା ଔପଚାରିକ ବ୍ୟବସ୍ଥାର ଅଂଶବିଶେଷ ହେଲା।

ବିମୁଦ୍ରୀକରଣ ବିରୋଧରେ ଏକ ତଥ୍ୟହୀନ ଅଭିଯୋଗ କରାଗଲା ଯେ ବ୍ୟାଙ୍କରେ ସବୁତକ ନଗଦ ଟଙ୍କା ଜମାଖାତାକୁ ଆସିଗଲା। ନଗଦ ଟଙ୍କା ଜବତ କରିବା ବିମୁଦ୍ରୀକରଣର ଲକ୍ଷ୍ୟ ନ ଥିଲା। ଏହା ପଛରେ ବଡ଼ ଲକ୍ଷ୍ୟଟି ଥିଲା ସବୁ ନଗଦ ଟଙ୍କାକୁ ଔପଚାରିକ ଅର୍ଥବ୍ୟବସ୍ଥା ଅଧୀନକୁ ଆଣିବା ଏବଂ ନଗଦଧାରୀମାନଙ୍କୁ ଟିକସ ଦେବା ଲାଗି ବାଧ୍ୟ କରିବା। ଭାରତକୁ ନଗଦରୁ ଡିଜିଟାଲ କାରବାରବିଶିଷ୍ଟ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ବ୍ୟବସ୍ଥାରେ ଏପରି ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ଥିଲା। ଉଚ୍ଚ ଟିକସ ରାଜସ୍ୱ ଏବଂ ଏକ ଉଚ୍ଚ ଟିକସ ଆଧାର ଉପରେ ଏହାର ପ୍ରଭାବ ନିଶ୍ଚିତ ଭାବେ ଥିଲା। ବ୍ୟକ୍ତିଗତ ଆୟକର ସଂଗ୍ରହରେ ବିମୁଦ୍ରୀକରଣର ପ୍ରଭାବ ଅନୁଭୂତ ହୋଇଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୦୧୮-୧୯ରେ ଏହି ସଂଗ୍ରହ (୩୧।୧୦।୨୦୧୮ ସୁଦ୍ଧା) ୨୦.୨% ଅଧିକ ଥିଲା। ଏପରି କି କର୍ପୋରେଟ ଟିକସ ସଂଗ୍ରହ ମଧ୍ୟ ପୂର୍ବାପେକ୍ଷା ୧୯.୫% ଅଧିକ ଥିଲା। ବିମୁଦ୍ରୀକରଣ ପୂର୍ବ ଦୁଇବର୍ଷରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଯଥାକ୍ରମେ ୬.୬% ଏବଂ ୯% ବଢ଼ିଥିଲା। ବିମୁଦ୍ରୀକରଣ ପରବର୍ତ୍ତୀ ଦୁଇବର୍ଷରେ ଏହି ବୃଦ୍ଧି ୧୪.୫% ଏବଂ ୧୮% ରହିଛି। ସେହିପରି ୨୦୧୭-୧୮ରେ ଟିକସ ରିଟର୍ନ ସଂଖ୍ୟା ୬.୮୬ କୋଟିରେ ପହଞ୍ଚିଥିଲା, ଏହା ବିଗତ ବର୍ଷ ତୁଳନାରେ ୨୫% ଅଧିକ। ଚଳିତବର୍ଷ, ୩୧।୧୦।୨୦୧୮ ସୁଦ୍ଧା ୫.୯୯ କୋଟି ରିଟର୍ନ ଦାଖଲ ହୋଇସାରିଲାଣି, ଯାହାକି ଗତ ଆର୍ଥିକ ବର୍ଷ ତୁଳନାରେ ୫୪.୩୩% ଅଧିକ। ଚଳିତ ବର୍ଷ ଅତିରିକ୍ତ ୮୬.୩୫ ଲକ୍ଷ ଟିକସଦାତା ଯୋଡ଼ି ହୋଇଛନ୍ତି। ମେ ୨୦୧୪ରେ ବର୍ତ୍ତମାନର ସରକାର ଯେତେବେଳେ ନିର୍ବାଚିତ ହେଲେ, ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୩.୮ କୋଟି ଥିଲା। ଏ ସରକାରଙ୍କ ପ୍ରଥମ ଚାରିବର୍ଷରେ ଏହା ୬.୮୬ କୋଟିକୁ ବୃଦ୍ଧି ପାଇଛି।

ବିମୁଦ୍ରୀକରଣ ଏବଂ ଜିଏସ୍‌ଟିର କାର୍ଯ୍ୟାନ୍ୱୟନ ଦ୍ୱାରା ବ୍ୟାପକଭାବେ ନଗଦ କାରବାର ହ୍ରାସ ପାଇଛି। ଡିଜିଟାଲ କାରବାରରେ ବୃଦ୍ଧି ଘଟିଛି। ଅର୍ଥବ୍ୟବସ୍ଥାର ଏହି ଔପଚାରୀକରଣ ଫଳରେ ଟିକସଦାତାଙ୍କ ସଂଖ୍ୟାର ଆଧାର ଜିଏସଟି ଲାଗୁ ହେବା ପୂର୍ବରୁ ୬.୪ ମିଲିୟନ ଥିବା ବେଳେ ଜିଏସଟି ଲାଗୁ ହେବା ପରେ ବୃଦ୍ଧି ପାଇ ୧୨ ମିଲିୟନରେ ପହଞ୍ଚିଛି। ଏହା ଅର୍ଥବ୍ୟବସ୍ଥାରେ ପରୋକ୍ଷ ଟିକସ ବୃଦ୍ଧିକୁ ବ୍ୟାପକ କରିପାରିଛି। ଏହା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଲାଭାନ୍ୱିତ କରିଛି। କ୍ଷୁଦ୍ର ଟିକସଦାତାମାନଙ୍କୁ ୯୭,୦୦୦ କୋଟି ଟଙ୍କାର ଆୟକର ରିହାତି ଏବଂ ଜିଏସଟି ପ୍ରଦାନକାରୀମାନଙ୍କୁ ୮୦, ୦୦୦ କୋଟି ଟଙ୍କାର ରିହାତି ପ୍ରଦାନ କରିବା ସତ୍ତ୍ୱେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଟିକସର ଦର, ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ କ୍ଷେତ୍ରରେ, ହ୍ରାସ କରାଯାଇଛି, କିନ୍ତୁ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଟିକସ ଆଧାର ସମ୍ପ୍ରସାରିତ ହୋଇପାରିଛି।

ସରକାର ଏସବୁ ସମ୍ବଳକୁ ଉନ୍ନତ ଭିତ୍ତିଭୂମି ନିର୍ମାଣ, ସାମାଜିକ କ୍ଷେତ୍ର ଏବଂ ଗ୍ରାମୀଣ କ୍ଷେତ୍ରରେ ଉପଯୋଗ କରୁଛନ୍ତି। ଯାହା ହେଉ ଆମେ ଆଜି ଗାଁକୁ ସଂଯୋଗ କରୁଥିବା ରାସ୍ତା, ପ୍ରତି ଘରକୁ ବିଦ୍ୟୁତ୍ ସଂଯୋଗ, ଗ୍ରାମୀଣ ସ୍ୱଚ୍ଛତା ପ୍ରସାର ୯୨%କୁ ବୃଦ୍ଧି, ଏକ ସଫଳ ଆବାସ ଯୋଜନା, ୮ କୋଟି ଗରିବ ପରିବାରଙ୍କୁ ଗ୍ୟାସ୍ ସଂଯୋଗ ଦେଇପାରିଛୁ। ୧୦ କୋଟି ପରିବାରଙ୍କୁ ଆୟୁଷ୍ମାନ ଯୋଜନା ଅଧୀନରେ ସାମିଲ କରାଯାଇଛି, ସବ୍‌ସିଡିଯୁକ୍ତ ଖାଦ୍ୟ ପାଇଁ ୧,୬୨,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, କୃଷକମାନଙ୍କ ପାଇଁ ଏମ୍ଏସ୍‌ପିରେ ୫୦% ବୃଦ୍ଧି ଏବଂ ଏକ ସଫଳ ବୀମା ଯୋଜନା ପ୍ରଚଳନ କରାଯାଇଛି। ଅର୍ଥବ୍ୟବସ୍ଥାର ଔପଚାରୀକରଣ ଫଳରେ ୧୩କୋଟି ଉଦ୍ୟୋଗୀଙ୍କୁ ମୁଦ୍ରା ଋଣ ଯୋଗାଇ ଦିଆଯାଇଛି। ମାତ୍ର କିଛି ସପ୍ତାହ ମଧ୍ୟରେ ସପ୍ତମ ବେତନ ଆୟୋଗ ଲାଗୁ କରାଯାଇଛି ଏବଂ ଶେଷରେ ଓଆରଓପି (ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ) ଲାଗୁ ହୋଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ, ଭାରତ

## ଏଇ ଭାରତରେ

ଟାଙ୍ଗୋ ବାଦ୍ୟ ଭାରତର ଏକ ପାରମ୍ପରିକ ବାଦ୍ୟ ହୋଇଥିବା ବେଳେ ଏହାକୁ ଲୋକେ ଭୁଲିଯିବାକୁ ବସିଲେଣି। କିନ୍ତୁ ଚଳିତବର୍ଷ ନଭେମ୍ବର ୧୧ ତାରିଖରେ ମହାରାଷ୍ଟ୍ରର ମୁମ୍ବାଇ ମହାନଗରୀରେ ଏକ ୩ ଦିନିଆ ଟାଙ୍ଗୋ ସଂଗୀତ ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଆର୍ଜେଣ୍ଟିନାର କନ୍‌ସୁଲେଟ୍ ଜେନେରାଲଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉପସ୍ଥାପନ କରାଯିବ। ଟାଙ୍ଗୋ ବାଦ୍ୟ ଦ୍ୱାରା ଭାରତରେ ବିଦେଶୀ ଢାଞ୍ଚାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପ୍ରଥମ ଘଟଣା। 'ଭିଭୋ ଟାଙ୍ଗୋ ମିଲୋଙ୍ଗା' ନାମରେ ହେଉଥିବା ଏହି ଉତ୍ସବ ଲୋୟର ପାରେଲ୍‌ସ୍ଥିତ ହାଇଷ୍ଟ୍ରିଟ୍ ଫୋନିକ୍ସରେ ଉକ୍ତ ଦିନ ସନ୍ଧ୍ୟା ୭ ଘଟିକାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ପାରମ୍ପରିକ ଟାଙ୍ଗୋ ଯନ୍ତ୍ର ବାଦନ କରାଯିବ। ଏଥି ସହ ଆର୍ଜେଣ୍ଟିନୀୟ ସଂଗୀତ ଶୈଳୀରେ ସ୍ଥାନୀୟ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ନଭେମ୍ବର ୧୨ ତାରିଖରେ ପୃଥ୍ୱୀ ଥିଏଟରରେ ଇଣ୍ଡିଆ ଚାମ୍ବର ଅର୍କେଷ୍ଟ୍ରା ଏହାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ। ଏହା ପରଦିନ ଅର୍ଥାତ୍ ୧୩ ତାରିଖରେ ନ୍ୟାଶନାଲ୍ ସେଣ୍ଟର ଫର ପର୍‌ଫର୍ମିଙ୍ଗ୍ ଆର୍ଟ୍‌ସ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହା ପୂର୍ବରୁ ଆର୍ଜେଣ୍ଟିନୀୟ ଟାଙ୍ଗୋ ଦକ୍ଷିଣ, କେନ୍ଦ୍ରୀୟ ଓ ଉତ୍ତର ଆମେରିକା, ୟୁରୋପ ଏବଂ ଏସିଆରେ କାର୍ଯ୍ୟକ୍ରମ ପରିବେଷଣ କରି ପ୍ରଶଂସା ଅର୍ଜନ କରିପାରିଛି। ଏ ସମ୍ପର୍କରେ ମୁମ୍ବାଇସ୍ଥିତ ଆର୍ଜେଣ୍ଟିନାର କନସଲ ଜେନେରାଲ ଆଲେଜାଣ୍ଡ୍ରୋ ଜୋଥନର ମେୟିର କହନ୍ତି ଯେ, ଭାରତରେ ଆର୍ଜେଣ୍ଟିନୀୟ ସଂସ୍କୃତିର ପ୍ରସାର କରିବା ପାଇଁ ଏକ ସୁଯୋଗ ସୃଷ୍ଟି ହୋଇପାରିଛି। ବାସ୍ତବରେ ଭାରତୀୟ ପାରମ୍ପରିକ କଳା ଏବଂ ବିଦେଶୀ ସଂସ୍କୃତିର ଏହା ଏକ ମହାମିଳନ କହିଲେ ଅତ୍ୟୁକ୍ତି ହେବନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୩

- ରୁଷିଆ ଓ ଚାଇନା ମଧ୍ୟରେ ସାମରିକ ସହଯୋଗ ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଖ୍ୟାତନାମା ସାହିତ୍ୟିକ ମୁଲକ ରାଜ ଆନନ୍ଦ ୧୯୯୩ ମସିହାର ଉଇଲିୟମ କାରୋ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।
- ପ୍ରାୟ ଚାରି ଦଶନ୍ଧି ପରେ ଜୋର୍ଡାନରେ ପ୍ରଥମ ବହୁଦଳୀୟ ନିର୍ବାଚନ ଅନୁଷ୍ଠିତ।

## ପାଠକ ଶ୍ରେଷ୍ଠ ବିଚାରକ

### ବରପୁତ୍ରମାନଙ୍କୁ ଅପମାନିତ କରା ନ ଯାଉ

ମହାଶୟ,

କିଛିବର୍ଷ ତଳେ ଆମ ରାଜ୍ୟ ସରକାର ଭୁବନେଶ୍ୱର ସହରର ଏକ ପ୍ରମୁଖ ରାସ୍ତାକୁ ଓଡ଼ିଆ ରୀତିଯୁଗୀୟ ସାହିତ୍ୟର ସୁଯୋଗ୍ୟ ବିନ୍ଧାଣି ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରିଥିଲେ। ମାତ୍ର ୨୦୧୬ ମସିହାରେ ସେହିରାସ୍ତାକୁ ପୁଣିଥରେ ମଦର ଟେରେସାଙ୍କ ନାମରେ ନାମିତ କରାଯାଇଛି, ଯାହା ଅଭିମନ୍ୟୁଙ୍କ ପ୍ରତି ଅପମାନ। ମଦର ଟେରେସାଙ୍କ ନାମରେ ନାମିତ କରିବା ପାଇଁ କ'ଣ ଭୁବନେଶ୍ୱର ସହରରେ ରାସ୍ତାର ଅଭାବ ଅଛି? ଜଣେ ବରପୁତ୍ରଙ୍କ ନାମରେ ଥରେ ନାମିତ ହୋଇଥିବା ରାସ୍ତାକୁ ଅନ୍ୟ ଜଣଙ୍କ ନାମରେ ପୁନର୍ନାମିତ କରିବା କେତେଦୂର ଯୁକ୍ତିଯୁକ୍ତ? କ'ଣ ଏଇ କେତେ ବର୍ଷ ଭିତରେ କବି ଅଭିମନ୍ୟୁଙ୍କ ପ୍ରତିଭା/ଅବଦାନ କମିଗଲା? ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ଆନ୍ଦୋଳନ କରିଆସୁଥିବା ସଙ୍ଗଠନଗୁଡ଼ିକ ଏ ଦିଗରେ ନୀରବ କାହିଁକି? ସେଇ ରାସ୍ତାକୁ ପୁଣିଥରେ ବିଦଗ୍ଧକବିଙ୍କ ନାମରେ ନାମିତ କରି ଭୁଲ୍‌ର ସଂଶୋଧନ କରାଯାଉ ଏବଂ ଅନ୍ୟ ଏକ ରାସ୍ତାକୁ ମଦର ଟେରେସାଙ୍କ ନାମରେ ନାମିତ କରାଯାଉ।

ଡ. ନିରଞ୍ଜନ ସାହୁ, ସାହୁପଡା, ବରୀ, ଯାଜପୁର

### ସତ୍ୟବାଦୀର ସତ୍ୟ ଘଟଣା

ପବିତ୍ର ପୀଠ ସତ୍ୟବାଦୀର ଉନ୍ନତି ପାଇଁ ଏବେ ସମସ୍ତଙ୍କର ନଜର। କିନ୍ତୁ ରାଜକୋଷରୁ ଆସୁଥିବା ଅର୍ଥ ଏଠାରେ ସୁବିନିଯୋଗ ହେଉନାହିଁ। ସେ ସତ୍ୟବାଦୀ ଗୋଷ୍ଠୀର ସାଧକଗଣ ଆଉ ନାହାନ୍ତି, ଯେଉଁମାନେ ଅଖିଆ ପେଟରେ ଏ ଓଡ଼ିଆ ଜାତି ପାଇଁ ପ୍ରାଣ ଦେଇଥିଲେ। ଏବେ କିନ୍ତୁ ଏଠାରେ ନିଜ ସ୍ୱାର୍ଥ ପାଇଁ ଅନ୍ୟର ପ୍ରାଣ ନେବାକୁ ପଛାଉନାହାନ୍ତି। ଏଠି ଅନେକ ସମସ୍ୟା ରହିଛି। ଡାକ୍ତରଖାନାରେ ଡାକ୍ତର ଅଭାବ, ରେଳଷ୍ଟେଶନର ଅବସ୍ଥା ସେହିପରି, ସାକ୍ଷୀଗୋପାଳ କଲେଜ ସ୍ୱୟଂଶାସିତ ହେଲା ନାହିଁ। ବକୁଳବନର କୀର୍ତ୍ତି ଲିଭିଗଲାଣି। ସ୍ମୃତିପୀଠରେ ମଦ୍ୟପାନ ଓ ଖରାପ କାମ, ସାକ୍ଷୀଗୋପାଳ ମନ୍ଦିରର ଜରାଜୀର୍ଣ୍ଣ ଅବସ୍ଥା। ଯଦି ସରକାରଙ୍କ ତରଫରୁ ଉନ୍ନୟନ କର୍ତ୍ତୃପକ୍ଷ (ପରିଷଦ) ଗଠନ ହୁଅନ୍ତା, ତେବେ ଉନ୍ନତି ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ବିଜୟ କୁମାର ଛାଟୋଇ, ମହୁରା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଭିନ୍ନ ଦାବି ନେଇ ରାସ୍ତାରୋକୋ

- ଦାରିଙ୍ଗବାଡ଼ିରୁ ବ୍ରହ୍ମପୁର, ବ୍ରାହ୍ମଣୀଗାଁ ରାସ୍ତାରେ ଯାତାୟାତ ଠପ୍
- ଆନ୍ଦୋଳନ ଜାରି ରଖିବାକୁ ଜିଦ୍‌ରେ ଅଟଳ ଗ୍ରାମବାସୀ
- ୧୧ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଛି
- ପୁଣି ଶୁକ୍ରବାର ଆନ୍ଦୋଳନ ଚେତାବନୀ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୮।୧୧(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆ ପଞ୍ଚାୟତବାସୀ ବିଭିନ୍ନ ଦାବିନେଇ ମହାଗୁଡ଼ିରେ ଦାରିଙ୍ଗବାଡ଼ି ବ୍ରାହ୍ମଣୀଗାଁଦେଇ ବ୍ରହ୍ମପୁର ଯାଇଥିବା ରାସ୍ତାକୁ ସକାଳ ୫ ଟାରୁ ଅବରୋଧ କରିଥିଲେ। ଅପରାହ୍ନ ସାଢ଼େ ୩ରେ ଅବରୋଧରୁ ହଟିଥିଲେ ସୁଦ୍ଧା ପୁଣି ଶୁକ୍ରବାର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ବନ୍ଦ ଖବର ପାଇ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକ,ଦାରିଙ୍ଗବାଡ଼ି ପଞ୍ଚାୟତ ସମିତିର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ଗାନିକ, ଆକାଉଣ୍ଟସ ଅଫିସର କ୍ଷେତ୍ରୀବର ଜାନୀ, କନିଷ୍ଠ ଯନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ପଞ୍ଚାୟତବାସୀ ଆନ୍ଦୋଳନରୁ ହଟି ନ ଥିଲେ। ପୋଲିସ ପକ୍ଷରୁ ପ୍ରଶାସନର ଲିଖିତ ପ୍ରତିଶ୍ରୁତି ଦିଆଯିବ ବୋଲି କହିଥିଲେ ସୁଦ୍ଧା ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି କହିଥିଲେ। ଫଳରେ ବ୍ଲକରୁ ଯାଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟମାନେ ନିରାଶରେ ଫେରିଥିଲେ। ସେମାନଙ୍କ ଦାବି ହେଲା, ପୂର୍ତ୍ତ ବିଭାଗ ରାସ୍ତାର ମହାଗୁଡ଼ିରୁ ତାଜୁଙ୍ଗିଆର କଲିଙ୍ଗି ଦେଇ କିଲିମେରା ପର୍ଯ୍ୟନ୍ତ ପ୍ରାୟ ୧୦ କି.ମି ରାସ୍ତାକୁ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସବୁଦିନିଆ ପକ୍କାରାସ୍ତା କରାଯିବା ସହ ଏହା ପଞ୍ଚାୟତ ସମିତି ଅଧୀନରେ ଥିବାରୁ ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସ୍ଥାନାନ୍ତର କରାଯାଉ। ସେହିପରି ଉକ୍ତ ବ୍ଲକ ସୋନପୁର ପଞ୍ଚାୟତ ମୁରୁଡ଼ିପଙ୍କା ଦେଇ ତାଜୁଙ୍ଗିଆ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ସହ ରାଶନ ସାମଗ୍ରୀ ଉକ୍ତ ପଞ୍ଚାୟତର ମହାଗୁଡ଼ି ବଦଳରେ ପଞ୍ଚାୟତରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଉ। ପାନୀୟ ଜଳ ସମସ୍ୟା ଦୂର କରିବା ଏବଂ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଅଞ୍ଚଳର ବିକାଶ ପାଇଁ ପଦକ୍ଷେପ ନେବାକୁ ପ୍ରଶାସନ ପ୍ରାଥମିକତା ଦେବାକୁ ଦାବି ରହିଛି। ୭ ବର୍ଷ ହେଲା ଅନୁଦାନ ଆସିଥିଲେ ସୁଦ୍ଧା ପ୍ରଶାସନ ତାଜୁଙ୍ଗିଆକୁ ଏହି ରାସ୍ତା ନିର୍ମାଣ କରିବାରେ କାହିଁକି ବିଳମ୍ବ କରିଥିଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଏଥିସହ ଏବେ ଆନ୍ଦୋଳନ କଥା ଶୁଣି ପ୍ରଶାସନ ରାତିରେ ରାସ୍ତା ସମ୍ପ୍ରସାରଣ କରୁଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ଶତାଧିକ ଲୋକ ତାଜୁଙ୍ଗିଆରୁ ଭୋର ୪ରୁ ପ୍ରାୟ ୫ କି.ମି. ଦୂର ଆସି ମହାଗୁଡ଼ିରେ ପହଞ୍ଚି ଅବରୋଧ କରିଥିବା ତାଜୁଙ୍ଗିଆ ଗ୍ରାମ୍ୟ ଉନ୍ନୟନ ପରିଷଦ ଉପସଭାପତି ଲିଓ ନାୟକ କହିଛନ୍ତି। ଆନ୍ଦୋଳନକାରୀମାନେ ବିକ୍ଷୋଭ ବେଳେ କହିଥିଲେ, ଦୀର୍ଘ ୩୪ ବର୍ଷ ହେଲା ପଞ୍ଚାୟତ ଗଠନ ହେଲାଣି, କିନ୍ତୁ ଆଜି ପର୍ଯ୍ୟନ୍ତ ପଞ୍ଚାୟତ ମୁଖ୍ୟାଳୟକୁ ସବୁଦିନିଆ ରାସ୍ତାଟିଏ ନାହିଁ। ପ୍ରାୟ ୪ କି.ମି.ଦୂର ଘାଟି ଚଢ଼ି ଲୋକଙ୍କୁ ଯାତାୟାତ କରିବାକୁ ପଡୁଛି। ସାଧାରଣ ବଣ୍ଟନ ସାମଗ୍ରୀ ନିଜ ପଞ୍ଚାୟତ ମୁଖ୍ୟାଳୟରେ ବଣ୍ଟନ ହେବା ପରିବର୍ତ୍ତେ ମହାଗୁଡ଼ିରେ ବଣ୍ଟନ କରାଯାଉଛି। ଏସବୁର ମୂଳ କାରଣ ସବୁଦିନିଆ ରାସ୍ତା ଖଣ୍ଡିଏ ନାହିଁ। ସେହିପରି ପକ୍କା ରାସ୍ତା ନ ଥିବାରୁ ତାଜୁଙ୍ଗିଆରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବା ବଦଳରେ ଉକ୍ତ ପଞ୍ଚାୟତର ସିକରମାହାରେ ଏହା କରାଯାଇଛି। ଏଭଳି ପରିସ୍ଥିତିରେ ବାରମ୍ବାର ଅଭିଯୋଗ କଲେ ମଧ ରାସ୍ତା ସମ୍ପ୍ରସାରଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଉନ୍ନୟନ ପରିଷଦ ସଭାପତି ଦୀପ୍ତି ଚନ୍ଦ୍ର ନାୟକ, ଉପସଭାପତି ଲିଓ ନାୟକ ପ୍ରମୁଖ କହିଛନ୍ତି। ତେବେ ବ୍ଲକ ପ୍ରଶାସନ ପକ୍ଷରୁ ଏବେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରାଯିବା ସହ ଆନ୍ଦୋଳନର ଆବଶ୍ୟକତା ନାହିଁ ବୋଲି ଦାରିଙ୍ଗବାଡ଼ି ବିଡିଓ ତ୍ରିଲୋଚନ ପାତ୍ର ତାଜୁଙ୍ଗିଆବାସୀଙ୍କୁ କହିଥିଲେ। ଏନେଇ ତାଜୁଙ୍ଗିଆ ଉନ୍ନୟନ ପରିଷଦ ସମ୍ପାଦକ ଚନ୍ଦ୍ର ଶେଖର ନାୟକ, କୋଷାଧ୍ୟକ୍ଷ ସୁଦାମ ହାଓଡ଼ା କହିଛନ୍ତି ଯେ, ଏହି ଆନ୍ଦୋଳନକୁ ଦୁର୍ବଳ କରିବାକୁ ପ୍ରଶାସନ ଅପଚେଷ୍ଟା କରୁଛି। ଦୀର୍ଘ ଦିନର ଦାବିକୁ ପ୍ରଶାସନ କାହିଁକି ନୀରବ ରହିଥିଲା ଏବେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାରୁ ପ୍ରଶାସନ ତତ୍ପରତା ଦେଖାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ କାଟିଙ୍ଗିଆ ସମିତି ସଭ୍ୟ କରମ ସିଂ ନାୟକ, ତାଜୁଙ୍ଗିଆ ସମିତିସଭ୍ୟା ରୁଦା ମଲ୍ଲିକ, ୧୧ ନଂ. ଜୋନ ଜିଲା ପରିଷଦ ସଭ୍ୟା ଦୀପିକା ମାଝି ପ୍ରମୁଖ ଯୋଗଦେଇଥିଲେ।



ଟାୟାର ଜାଳି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ସ୍କୁଲ ବନ୍ଦ ଘଟଣା
## ସିଆରସିସି ନିଲମ୍ବିତ, ୫ଜଣଙ୍କ ଦରମା ବନ୍ଦ
### ୧୩୯ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

ଦାରିଙ୍ଗବାଡ଼ି,୮।୧୧(ଡି.ଏନ.ଏ.): ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ଅଞ୍ଚଳରେ ଶନିବାର ସକାଳ ୯ଟାରୁ ବିଦ୍ୟାଳୟ ବନ୍ଦହେବା ଘଟଣାରେ ହାତୀମୁଣ୍ଡା ସିଆରସିସି ଅଜୟ ବଳିଆରସିଂଙ୍କୁ ବିଇଓ ପୁରେନ୍ଦ୍ର ବେହେରା ନିଲମ୍ବିତ କରିଛନ୍ତି । ଏଥିସହ ୫ଜଣ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିବା ଗୁରୁବାର ବିଇଓ ବେହେରା ସୂଚନା ଦେଇଛନ୍ତି । ଦରମା ବନ୍ଦ କରାଯାଇଥିବା ଶିକ୍ଷକଙ୍କ ମଧ୍ୟରେ ଗାହେଜୁ ବିଦ୍ୟାଳୟର ପୂର୍ଣ୍ଣଚନ୍ଦ୍ର ବଳିଆର ସିଂ, ଇନ୍ଦ୍ରମଣୀ ବରାଳ, ବିଜାଲି ବିଦ୍ୟାଳୟର ରବୀନ୍ଦ୍ର ସିଂ, ଗଜେନ୍ଦ୍ର ମଲ୍ଲିକ ଏବଂ ବୁଜୁଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଶୋକ ପାଲଟାସିଂ । ପ୍ରକାଶଯେ, ଶନିବାର ସକାଳ ୯ଟାରୁ ହାତୀମୁଣ୍ଡା ପଞ୍ଚାୟତ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ସିଆରସିସିଙ୍କ ଦ୍ୱାରା ପୂର୍ବାହ୍ନ ୧୦ଟାରେ ହାତୀମୁଣ୍ଡା ସେବାଶ୍ରମରେ ଏକ ଆଲୋଚନାଚକ୍ର କରାଯିବାକୁ ସମସ୍ତ ଶିକ୍ଷକଙ୍କୁ ନୋଟିସ କରାଯାଇଥିଲା। ଫଳରେ ୧୦ଟାରେ ଶିକ୍ଷକମାନେ ବିଦ୍ୟାଳୟ ବନ୍ଦକରି ଦେଇଥିଲେ । ଏ ନେଇ କେବଳ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ଜିଲାପାଳ ଡ.ବୃନ୍ଦା ଡି. ଜିଲା ଶିକ୍ଷା ଅଧିକାରୀ ବିକାଶ ପ୍ରଧାନ ଏବଂ ବିଇଓ ବେହେରାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ବିଇଓ ବେହେରା ସମ୍ପୃକ୍ତ ସିଆରସିସି ବଳିଆର ସିଂଙ୍କୁ ନିଲମ୍ବନ ଚିଠି ପ୍ରଦାନ କରିଥିବା କହିଛନ୍ତି। ସେହିପରି ୨୫ ପଞ୍ଚାୟତର ୨୭୨ ବିଦ୍ୟାଳୟ ମଧ୍ୟରୁ ୧୩୯ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଧ୍ୟାହ୍ନ ଭୋଜନର ତଥ୍ୟ ମୋବାଇଲ ଏସଏମ୍‌ଏସ୍ ଦ୍ୱାରା ଅବଗତ କରାଇ ନ ଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା ବିଇଓ ବେହେରା କହିଛନ୍ତି ।

## ଜି.ଉଦୟଗିରିରେ କାଳୀପୂଜା

ଜି.ଉଦୟଗିରି,୮।୧୧(ଡି.ଏନ.ଏ.): ଜି.ଉଦୟଗିରି ବନ୍ଧ ଛକ ପୂଜା ମଣ୍ଡପ ଠାରେ ମଙ୍ଗଳବାର ଠାରୁ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଛି। ବୁଧବାର ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ପୂଜା ମଣ୍ଡପ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଛି। ପୂଜା କମିଟି ସଭାପତି ଅଜିତ କୁମାର ସାହୁ, ଉପସଭାପତି ଟି. ନାରାୟଣ ପାତ୍ର, ସମ୍ପାଦକ ବିଷ୍ଣୁ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ପ୍ରତାପ କୁମାର ସାହୁଙ୍କ ସମେତ କାର୍ତ୍ତିକେଶ୍ୱର ପାଢ଼ୀ, ସତ୍ୟ ନାରାୟଣ ଗୌଡ଼, ସନ୍ତୋଷ ମୁନି, ଟୁଟୁ ବେହେରା, ଦିବାକର ସାହୁ ଓ କମିଟି ସଦସ୍ୟମାନେ ପୂଜା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।



## ଦୁର୍ଘଟଣାରେ ପୋଲିସ କର୍ମଚାରୀ ଗୁରୁତର

ହିଞ୍ଜିଳିକାଟୁ, ୮।୧୧(ଡି.ଏନ୍.ଏ.)

ହିଞ୍ଜିଳି ଥାନା ସୋମପୁର ଛକରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଛତ୍ରପୁର ଏପିଆର ପୋଲିସ ଫୋର୍ସରେ ହାବିଲଦାର ଭୀମସେନ କଅଁର (୪୫)। କଅଁର ବାଇକ୍‌ରେ ଭଞ୍ଜନଗର ଯାଉଥିବା ବେଳେ ସୋମପୁର ଛକରେ ଭାରସାମ୍ୟ ହରାଇ ଡିଭାଇଡରରେ ଧକ୍କା ହୋଇ ପଡ଼ି ଯାଇଥିଲେ। ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ପୋଡ଼ି ହୋଇ ଯୁବତୀ ଗୁରୁତର

ଆସିକା,୮।୧୧ (ଡି.ଏନ୍.ଏ.)

ଆସିକା-ବାଲିପଦର ମୁଖ୍ୟରାସ୍ତାର ଭେଜିପୁଟ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଦୀପ ନିଆଁରେ ପୋଡିହୋଇ ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଅନିତା ବାଡତ୍ୟା । ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି । ଦୀପାବଳି ଲାଗି ଘରେ ଦୀପ ଜଳାଉଥିବା ବେଳେ ଲୁଗାରେ ନିଆଁ ଲାଗି ଯାଇଥିଲା।

## ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବିକ୍ଷୋଭ




ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଫୁଲବାଣୀ ଅଫିସ, ୮।୧୧

ବିଭିନ୍ନ ଦାବି ନେଇ କନ୍ଧମାଳ ଜିଲା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ଏଏନ୍‌ଏମ୍) ସଂଘ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମେଡିକାଲ ଛକରୁ ସ୍ୱାସ୍ଥ୍ୟକର୍ମୀମାନେ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ସରକାର କିପରି ସେମାନଙ୍କୁ ଅଣଦେଖା କରୁଛନ୍ତି, ଲାଗିରହିଥିବା ସମସ୍ୟାର ସମାଧାନ କରୁ ନାହାନ୍ତି ସେ ଉପରେ କହିବା ସହ ସରକାରୀ ବିରୋଧୀ ନାରାବାଜି ଦେଇଥିଲେ । ଏହାପରେ ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ । ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଦ୍ୱି-ଅର୍ଥବୋଧକ କ୍ୟାଡର ରୁଲ କରାଯାଇଛି। ପଦୋନ୍ନତି କ୍ଷେତ୍ରରେ ପାତର ଅନ୍ତର ନୀତି ଅବଲମ୍ବନ କରାଯାଉଛି । ଆଜି ପର୍ଯ୍ୟନ୍ତ ସଂଘର ୧୦ ଦାବି ଉପରେ ସରକାର ଆଲୋଚନା କରୁ ନାହାନ୍ତି କି ପଦକ୍ଷେପ ନେଉ ନାହାନ୍ତି । ତେଣୁ ବାଧ ହୋଇ ଆମେ ବିକ୍ଷୋଭ ପ୍ରଦର୍ଶନ କରୁଛୁ ବୋଲି ବିକ୍ଷୋଭ ପରେ ପ୍ରେସ୍ କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସବିତା କୁମାରୀ ପାତ୍ର ପ୍ରକାଶ କରିଛନ୍ତି। ସମୟ ଥିଲା ୫ମ/୭ମ ପାଠ ପଢ଼ି ଏଏନ୍‌ଏମ୍ ଚାକିରି କରୁଥିଲେ । ତରବରିଆ ଭାବେ ସେଥିରେ ବିଭେଦ ସୃଷ୍ଟି କରାଗଲା । ପୁରୁଣାକାଳିଆ ଏକ କ୍ୟାଡର ରୁଲ ତିଆରି କରି ତାଲିମ ନ ହେଲେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ପଦୋନ୍ନତି ନାହିଁ କୁହାଗଲା । ଏପଟେ ତାଲିମ ବ୍ୟବସ୍ଥା କରାଯାଉ ନାହିଁ ବୋଲି କ୍ଷୋଭର ସହ ଅଧ୍ୟକ୍ଷା ଜୟନ୍ତୀ ମିଶ୍ର, ଉପ ସଭାନେତ୍ରୀ ସଂଯୁକ୍ତା ଗଣ୍ଡା, ସଞ୍ଜିତା ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦିକା ମଧୁସ୍ମିତା ପ୍ରିୟଦର୍ଶିନୀ, ଉପଦେଷ୍ଟା ହରପ୍ରିୟା ମିଶ୍ର, କୋଷାଧ୍ୟକ୍ଷ କୁଞ୍ଜଲତା ଜେନା ଓ ଯୁଗ୍ମ ସମ୍ପାଦିକା ରୋଜାଲିନ ସାହୁ ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ । କ୍ୟାଡର ରୁଲର ପରିବର୍ତ୍ତନ, ବେତନ ନିର୍ଦ୍ଧାରଣରେ ତାରତମ୍ୟ ଦୂର କରିବା, ବର୍ଦ୍ଧିତ ହାରରେ ଘରଭଡା ପ୍ରଦାନ, ଡ୍ରେସ୍ ପାଇଁ ଅର୍ଥ, ମାସିକ ନିର୍ଦ୍ଧାରିତ ଗସ୍ତ ଖର୍ଚ୍ଚ ୨୦୦୦ ଟଙ୍କାକୁ ବୃଦ୍ଧି କରିବା, ଠିକା ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ ୬ ବର୍ଷରୁ ଅଧିକ କାମ କରିଥିବା କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ପ୍ରଦାନ ଆଦି ସଂଘର ଦାବି ରହିଛି ।

## ରାଇକିଆରେ ଜନଜାତି ମହୋତ୍ସବ ଉଦ୍‌ଘାଟିତ

ରାଇକିଆ, ୮।୧୧(ଡି.ଏନ.ଏ.)

କନ୍ଧମାଳ ଜିଲା ରାଇକିଆ ସେଣ୍ଟ କ୍ୟାଥରିନ ଖେଳପଡ଼ିଆରେ ଗୁରବାର ବ୍ଲକସ୍ତରୀୟ ଜନଜାତି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଅତିଥି ଭାବେ ଜି. ଉଦୟଗିରି ବିଧାୟକ ଜାକବ ପ୍ରଧାନ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରୋଦନ ମଳିକ, ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତ, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର, ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ସୁରେଶ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସ୍ୱତନ୍ତ୍ର ବିକାଶ ପରିଷଦ ସଭ୍ୟା ଗୀତାଞ୍ଜଳି ନାୟକ ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକ ପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଷ୍ଟଲଗୁଡିକରେ ଜନଜାତି ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ପ୍ରଥମ ଦିନରେ ଜନଜାତି ମହିଳାଙ୍କ ଝୋଟି ପ୍ରତିଯୋଗିତା, ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବିଇଓ ସୀମାଦ୍ରି କହଁର । ଶୁକ୍ରବାର ଦ୍ୱିତୀୟ ଦିବସରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ କ୍ଷେତ୍ରରେ ରାଜ୍ୟସ୍ତରୀୟ ପାରିଦର୍ଶିତା ଅର୍ଜନ କରିଥିବା ଜନଜାତି ବର୍ଗର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମହୋତ୍ସବର ଉଦ୍‌ଯାପନୀ କରାଯିବ ।



ଜନଜାତି ମହୋତ୍ସବରେ ଫଟୋ ପ୍ରଦର୍ଶନୀ।

### ସବ୍‌ଜେଲରଙ୍କୁ ହତ୍ୟା ଧମକ ଘଟଣା
## ଜେଲ ନିକଟରୁ ଅଭିଯୁକ୍ତଙ୍କୁ ଉଠାଇ ନେଲା ପୋଲିସ

ଦିଗପହଣ୍ଡି,୮।୧୧(ଡି.ଏନ.ଏ.)

ଦିଗପହଣ୍ଡି ସବଜେଲର କେଦାର ନାଥ ବେହେରାଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକ ମାମଲାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ମାଟିଖାଲ ଗ୍ରାମର ଚକାନୟନ ପରିଡ଼ା। ବୁଧବାର ସନ୍ଧ୍ୟାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପାଟପୁର ଥାନା ମାମଲା ନଂ ୧୮୨/୧୮ ଅନୁଯାୟୀ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଏକ ମାମଲାରେ ବିଚାରାଧୀନ ବନ୍ଦୀ ଥିବା ଚକାନୟନ ବୁଧବାର ଅପରାହ୍ନରେ ଜାମିନରେ ମୁକୁଳିଥିଲେ। ଦିଗପହଣ୍ଡି ସବଜେଲ ନିକଟରେ ଛକି ରହିଥିବା ପାଟପୁର ପୋଲିସ ପୁଣିଥରେ ଚକାନୟନଙ୍କୁ କାବୁ କରି ଥାନାକୁ ଉଠାଇ ନେଇଥିଲା। ପ୍ରକାଶ ଯେ, ଭଞ୍ଜନଗର ଜେଲରେ ଥିବା ଚକାନୟନଙ୍କୁ ଦିଗପହଣ୍ଡି ସବଜେଲକୁ ଅଣାଯାଇଥିଲା। ସେପ୍ଟେମ୍ବର ୨୬ ତାରିଖରେ ଚକା ନୟନ ଭାରପ୍ରାପ୍ତ ସବଜେଲରଙ୍କୁ ଗାଳିଗୁଲଜ କରିବା ସହ ଅଫିସ କାମ କରିବାରେ ବାଧା ଦେଇଥିଲେ। ସବଜେଲରଙ୍କ ଏତଲାକ୍ରମେ ପାଟପୁର ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିଲା।


**OFFICE OF THE NOTIFIED AREA COUNCIL, ASKA (GANJAM)**

(Email: askanac@gmail.com, Ph. No.: 06822-273068)

L. No. 1750/2018/NAC, Dated: 08.11.2018

**EXPRESSION OF INTEREST**

Sealed quotations are invited from the Registered / Experienced / Reputed Consultancy / Architects having valid income tax and GST certification with atleast five years of experience, who are already involved in preparation of plan, Structural design, detailed estimates. Architectures & preparation of DPR & supervision of works of projects may applied to the undersigned for engagement of consultant for development of different projects of N.A.C., Aska. The bidders should be a qualified architect / Civil Engineer. Preference will be given to the consultants who has already rendering similar type of services to various Government organization of the state/central. The consultants should quote their rates (inclusive of all taxes) for rendering the services. The rate will remain valid upto 31st August 2019. The quotation shall be submitted on or before 20th November, 2018 time 3.00PM and it will opened on 22.11.2018 time 3.00PM in the presence of quotationers or their authorized agents. The authority has no responsibility for absence of any quotationer or their authorized agents at the time of opening of quotation.

| Sl. No. | Component of Works | Percentage of Rate to be quoted |
|---|---|---|
| 1 | Preparation of Preliminary Plan, Estimate, Sketch, Structural / Architectural Design etc. as a complete DPR. (Provide hard copy in triplicate) and Supervision of work at the time of execution. | |

**Note:** The authority reserves the right to reject any or all the quotation without assigning any reasons thereof.

*Sd./- Executive Officer, Notified Area Council, Aska*



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ପ୍ଲଟ୍ ନଂ: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩
ଶାଖା ଇ-ମେଲ : sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି ରୁଲ୍ ୮ (୬) ଦ୍ରଷ୍ଟବ୍ୟ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ର ସର୍ତ୍ତ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି"** **"ଯାହା ଯେପରି ଅଛି"** ଏବଂ **"ଯାହା କିଛି ସେଠାରେ ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ **ତା୧୦.୧୨.୨୦୧୮** ରିଖରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯାହାକି ନିମ୍ନରେ ପ୍ରଦତ୍ତ ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୫.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ ଅମାନତ ଜମା ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲ, ପ୍ଲଟ ନଂ.: ଏ/୬୦, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦, **ବିକଳ୍ପ ଠିକଣା:** ପ୍ଲଟ୍ ନଂ.: ଏ/୫୬, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦ । | **ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲଙ୍କ ନାମରେ ଥିବା ଏକ ୩ ବିଏଚ୍‌କେ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଜିଲ୍ଲା ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି ଏବଂ ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୧.୫୮ ଡିସିମିଲି ସହିତ "ତ୍ରିଷ୍ଟା ଅରଚିଡ୍" ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୨୧୦, ଟାଇପ୍-ଜେ, ଦ୍ୱିତୀୟ ମହଲା, ୩ ବିଏଚ୍‌କେ, ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ହସ୍ତାନ୍ତର କରାଯାଇଅଛି । | ୧୯.୧୧.୨୦୧୬ ସୁଦ୍ଧା ଟ.୪୭,୬୩,୭୩୭/- + ୨୦.୧୧.୨୦୧୬ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୧.୨୦୧୬ | ଟ.୪୧,୩୫,୦୦୦/- / ଟ.୪,୧୩,୫୦୦/- / ଟ.୧୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ,** ଉଭୟଙ୍କ ଠିକଣା : ସା : ବି-୧୯୩/୧୧, ସେକ୍ଟର-୦୨, ନାଲକୋ ମାଇନ୍ସ, ଦାମନଜୋଡି, କୋରାପୁଟ - ୭୬୩୦୦୮ | **ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ**ଙ୍କ ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଡିଏସଆରଓ : ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ସ୍ଥିତି-ସ୍ଥିତିବାନ, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୨.୭୧ ଡିସିମିଲି ସହିତ "ତ୍ରିଷ୍ଟା ଅରଚିଡ୍" ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୧୧୦, ଟାଇପ୍-ଜେ, ପ୍ରଥମ ମହଲା, ୧୩୯୩ ବର୍ଗଫୁଟ ସ୍ଥାନରେ ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ଘର ଏବଂ କାର ପାର୍କିଂ ନିମନ୍ତେ ଛାତ ତଳ ୧୪ ନମ୍ବର ସ୍ଥାନ ହସ୍ତାନ୍ତର କରାଯାଇଅଛି । | ୦୫.୦୬.୨୦୧୭ ସୁଦ୍ଧା ଟ.୩୭,୯୯,୭୧୯/- + ୦୬.୦୬.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୦୬.୦୬.୨୦୧୭ | ଟ.୪୧,୭୫,୦୦୦/- / ଟ.୪,୧୭,୫୦୦/- / ଟ.୧୦,୦୦୦/- |
| ୩. | **ଋଣଗ୍ରହୀତା: ମେସର୍ସ ଏସ୍.ଏସ୍. ଫୁଡ୍ସ, ସ୍ୱତ୍ତ୍ୱାଧିକାରୀ : ଶ୍ରୀମତୀ ରଶ୍ମୀ ପ୍ରଧାନ,** ସ୍ୱାମୀ : ଶ୍ରୀ ସତ୍ୟ ଗୋପାଳ ଧିର୍‌ବିଶୋଇ, ସା : ନୂଆପାଟଣା, ବୀରହରେକୃଷ୍ଣପୁର, ପୁରୀ, ଜିଲ୍ଲା : ପୁରୀ, **ବାସସ୍ଥାନ ଠିକଣା :** ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ, ଜିଲ୍ଲା : ପୁରୀ / **ଜାମିନଦାରମାନେ : ୧) ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ,** ସ୍ୱାମୀ : ଶ୍ୟାମଗୋପାଳ ଧିର୍‌ବିଶୋଇ, ସା : ସର୍ବୋଦୟ ନଗର, ପୁରୀ, ଓଡିଶା, ୨) ଶ୍ରୀ ରବିନାରାୟଣ ପ୍ରଧାନ | **ଶ୍ରୀମତୀ ରଶ୍ମୀ ପ୍ରଧାନ ଏବଂ ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ**ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବାଲୁଖଣ୍ଡ-୧୫୧, ତହସିଲ : ପୁରୀ, ଥାନା : ପୁରୀ ସଦର, ଜିଲ୍ଲା : ପୁରୀ, ମ୍ୟୁଟେଟେଡ଼ ଖାତା ନଂ.: ୫୨୧/୩୧୩୧, ମ୍ୟୁଟେଟେଡ ପ୍ଲଟ୍ ନଂ.: ୯୭୨/୮୦୧୮, କ୍ଷେତ୍ର : ଏକର୦.୦୫୮ ଡିସିମିଲି, କିସମ : ଘରବାରୀ | ୧୩.୧୨.୨୦୧୭ ସୁଦ୍ଧା ଟ.୪୩,୨୯,୦୫୯/- + ୧୪.୧୨.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୨.୨୦୧୭ | ଟ.୨୦,୩୮,୦୦୦/- / ଟ.୨,୦୩,୮୦୦/- / ଟ.୧୦,୦୦୦/- |

**ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ : ୦୩.୧୨.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକା**

ନିଲାମର ନିୟମ ଓ ସର୍ତ୍ତାବଳି ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କର **website i.e https://sbi.auctiontiger.net** ରେ ଦେଖିପାରିବେ ।

ତାରିଖ :୦୮.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ନବଜାତ ଶିଶୁକନ୍ୟା ମୃତଦେହ ଉଦ୍ଧାର

ଆସିକା,୮।୧୧ (ଡି.ଏନ୍.ଏ.): ଆସିକା-କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାର ବାଘୁଆ ପୋଲ ନିକଟ ଏକ ବୁଦାରୁ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଗୁରୁବାର ସକାଳେ ଉଦ୍ଧାର କରାଯାଇଛି।ମୃତଦେହଟି କିଭଳି ଏଠାରେ ପଡିଲା ତାହା ଜଣା ପଡିନାହିଁ।ଏ ସମ୍ପର୍କରେ ସନ୍ଧାନ ଚାଲିଥିବା କୋଟିନଡ଼ା ଫାଣ୍ଡି ଅଧିକାରୀ ଯୁଧିଷ୍ଠିର ମାଝି କହିଛନ୍ତି।

### କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଆସିକା,୮।୧୧ (ଡି.ଏନ୍.ଏ.): ନାଗପୁରଠାରେ ଅନୁଷ୍ଠିତ ୩୨ତମ ଜାତୀୟ ସବ ଜୁନିୟର ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟରେ ଓଡିଶା ଦଳ ଉତ୍ତର ପ୍ରଦେଶକୁ ପଛରେ ପକାଇ ବିଜୟୀ ହୋଇଥିଲା।ବିଜୟୀ ଓଡ଼ିଶା ଦଳରେ ପ୍ରତିନିଧିତ୍ୱ କରିଥିବା ଆସିକା ପାନାସୋନିକ କ୍ରିକେଟ କ୍ଲବର ୩ ଖେଳାଳି କୁମାର ହଂସରାଜ, ଦୀପକ ଦାଶ ଓ ଏମ. ସତୀଶ ରାଓଙ୍କୁ ବୁଧବାର ଆସିକାରେ ସମ୍ବର୍ଦ୍ଧିତ କରାଯାଇଛି। କ୍ଲବ ପକ୍ଷରୁ ଏହି ଖେଳାଳିମାନଙ୍କୁ ଏକ ଖୋଲା ଗାଡିରେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା।ଆସିକା ବିଧାୟକ ଦେବରାଜ ମହାନ୍ତି ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସହରର ବିଭିନ୍ନ ଛକରେ ଜନସାଧାରଣଙ୍କ ପକ୍ଷରୁ ମଧ ସେମାନଙ୍କୁ ଫୁଲତୋଡା ଦେଇ ସମ୍ମାନିତ କରାଯାଇଥିଲା ।

### ବାଣ ନିଆଁ ପଡ଼ି ଅଗ୍ନିକାଣ୍ଡ

ଭଞ୍ଜନଗର,୮।୧୧(ଡି.ଏନ.ଏ)-ବାଣ ଫୁଟାଇବା ସମୟରେ ନିଆଁ ଛିଟିକି ପଡ଼ି ବୁଧବାର ରାତିରେ ପୃଥକ ଦୁଇଟି ଅଗ୍ନିକାଣ୍ଡ ଘଟିଛି। ଭଞ୍ଜନଗର ଖ୍ରୀଷ୍ଟିଆନ ସାହିରେ ହୋଇଥିବା ଅଗ୍ନିକାଣ୍ଡରେ କାଳୁ ନାୟକଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ଅଗ୍ନିକାଣ୍ଡ ବେଳେ କାଳୁ ଘରେ ନ ଥିଲେ। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହପରି ବାଣ ନିଆଁ ପଡି ସୁତାଙ୍ଗି ଗ୍ରାମର ୩ ପରିବାରର ୬ବଖରା ପୋଡ଼ିଯାଇଛି । ଏଥିସହ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ିଯାଇଛି । ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ।

## ୧୦ରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

# ଉଦ୍‌ଘାଟନ ହେବ ଜିଲା ପରିଷଦ ଭବନ

ଛତ୍ରପୁର,୮।୧୧(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୦ ତାରିଖରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ।ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଗୁରୁବାର ସନ୍ଧ୍ୟାରେ ଛତ୍ରପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି। ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ଓ ଶେରଗଡରେ ଉଦ୍‌ଘାଟନୀ, ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ସାରି ଉଭୟ ସ୍ଥାନରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବେ। ଅପରାହ୍ନ ସାଢ଼େ ୨ଟାରେ ମୁଖ୍ୟମନ୍ତ୍ରୀ ଛତ୍ରପୁର ଆସି ୧୦ କୋଟି ଟଙ୍କାରେ ନିର୍ମିତ ଜିଲାପରିଷଦ ଭବନକୁ ଉଦ୍‌ଘାଟନ କରିବେ।ପରେ ସର୍କିଟ ହାଉସ ପରିସରରେ ନିର୍ମିତ ସୁଇମିଂ ପୁଲ୍ ଏବଂ ଅଗସ୍ତିନୂଆଗାଁ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ୩ କୋଟି ୬୨ ଲକ୍ଷ ୯୫ ହଜାର ଟଙ୍କାରେ ନିର୍ମିତ ଆରଟିଓ ଅଫିସ ଓ ଡ୍ରାଇଭିଂ ଟ୍ରାକ୍ କମ୍ପ୍ଲେକ୍ସ, ଜିଲା ପଞ୍ଚାୟତ ରିସୋର୍ସ ସେଣ୍ଟରର ପ୍ରଶାସନିକ ବିଲ୍ଡିଂ, ୧୦୦ ଶଯ୍ୟା ବିଶିଷ୍ଟ ଲେଡିଜ୍ ହଷ୍ଟେଲ ବିଲ୍ଡିଂ ଓ ୧୦୦ ଶଯ୍ୟା ବିଶିଷ୍ଟ ପୁରୁଷ ହଷ୍ଟେଲ ଉଦଘାଟନ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ନ ଯାଇ ଛତ୍ରପୁରଠାରେ ବ୍ରହ୍ମପୁର-ଗୋପାଳପୁର ଜଙ୍କଶନ ଓଭର ବ୍ରିଜ୍ ଓ ଟୁରିଷ୍ଟ ଅଫିସ ବିଲ୍ଡିଂ ଉଦଘାଟନ କରିବା କାର୍ଯ୍ୟକ୍ରମ ମଧ ରହିଛି।ସେହିପରି ଛତ୍ରପୁରଠାରେ ମୁଖ୍ୟମନ୍ତ୍ରୀ ପୁରୁଷୋତ୍ତମପୁର ଥାନା ବିଲ୍ଡିଂର ଫଳକ ଉଦଘାଟନ କରିବେ। ହିଞ୍ଜିଳି ଓ ଶେରଗଡଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ପଞ୍ଚାୟତିରାଜ ପ୍ରତିନିଧି ଏବଂ ସାଧାରଣ ଜନତା ଯୋଗଦେଇ ବିଭିନ୍ନ ପ୍ରକଳ୍ପ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେବେ।ପରେ ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଅର୍ଥ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିବେ। ପୂର୍ବରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ଛତ୍ରପୁର ସର୍କିଟ ହାଉସଠାରେ ନିର୍ମିତ ସୁଇମିଂ ପୁଲ୍‌କୁ ଯିବାକୁ ସାଧାରଣ ଜନତାଙ୍କୁ ସୁଯୋଗ ଦିଆଯିବ। ଏଥିପାଇଁ ନିର୍ଦ୍ଧାରିତ ଦେୟ ଦେଇ ମେମ୍ବର ହେବାକୁ ପଡିବ। ଏଥିପାଇଁ ଏକ କମିଟି ଗଠନ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।



ନବନିର୍ମିତ ଜିଲାପରିଷଦ ଭବନ ।

■ହିଞ୍ଜିଳି, ଶେରଗଡ ସାଧାରଣ ସଭାରେ ଯୋଗଦେବେ

■ସୁଇମିଂ ପୁଲ ପାଇଁ ଅନୁମତି


### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଟା ମୃଦଙ୍ଗକୁ ଜଡ଼ା ଗାୟକ,**
**ତହିଁ କାଣୀ ଦାରୀ ନାଚୁଛି;**
**ଅବୁଝା ରାଜାକୁ କେମେଇ ପାତର,**
**ଯାହା ଇଚ୍ଛା ତାହା ସବୁ ବୁଝୁଛି ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ମନଇଚ୍ଛା କାର୍ଯ୍ୟ କରିବସିବା ଫଳରେ ନାନା ବିଶୃଙ୍ଖଳା ଜାତ ହୋଇଥାଏ। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫଟା ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

ରସିକପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## ଗାୟଗଣ୍ଡାରେ ଚୋରି ଆତଙ୍କ: ୩ ଅଟକ

ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୮।୧୧(ଡି.ଏନ.ଏ.)

ତାରସିଂ ଥାନା ଗାୟଗଣ୍ଡାରେ ବିଗତ କିଛିଦିନ ହେବ ଚୋରି, ଦାଦାବଟି ଓ ଗ୍ୟାଙ୍ଗଷ୍ଟାର ଆତଙ୍କ ଦେଖାଦେଇଛି। ଏହିଭଳି ପରିସ୍ଥିତିରେ ବୁଧବାର ରାତିରେ ଚୋର ସନ୍ଦେହରେ ସମ୍ପୃକ୍ତ ଅଞ୍ଚଳବାସୀ ଜଣେ ନାବାଳକଙ୍କ ସମେତ ୨ଜଣଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଏହାପରେ ପୋଲିସଙ୍କୁ ଜିମା ଦେଇଥିଲେ। ଏଥିସହ ବୁଧବାର ରାତିରେ କୌଣସି ବ୍ୟକ୍ତି ଏକ ଦୋକାନ ସମ୍ମୁଖରେ ଗ୍ୟାଙ୍ଗଷ୍ଟାର ଗ୍ରୁପ୍ ବୋଲି ପରିଚୟ ଦେଇ ପୋଷ୍ଟର ମାରିଛନ୍ତି। ଏନେଇ ପୋଲିସ ପୋଷ୍ଟର ମାରିବା ସନ୍ଦେହରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହାପୂର୍ବରୁ ସୋମବାର ଜଣେ ଯୁବକ ବିଭିନ୍ନ ଦୋକାନରେ ଦାଦାବଟି ମାଗିଥିବା ଅଭିଯୋଗ ହୋଇଥିଲା। ଲୋକେ ଉକ୍ତ ଯୁବକଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥି ପୋଲିସକୁ ଜିମା ଦେଇଥିଲେ। ପରେ ଯୁବକ ଜଣଙ୍କ ନିଶାଶକ୍ତ ଅବସ୍ଥାରେ ଏଭଳି କରିଥିବା ସ୍ୱୀକାର କରିବା ସହ ଭୁଲ ମାଗିବା ପରେ ସମସ୍ୟାର ସମାଧାନ ହୋଇଥିଲା।

## ଆତ୍ମସୁରକ୍ଷା ତାଲିମ୍ ଶିବିର

କୋଦଳା,୮।୧୧

କୋଦଳା ଲକ୍ଷ୍ମୀନାରାୟଣ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ତାରିଖରୁ କଲେଜ ଅଧକ୍ଷ ଇଂ. ରାମଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ୧୧ ଦିନ ଧରି ଏହି ଶିବିର ଚାଲିଥିଲା। ତାଲିମପ୍ରାପ୍ତ ୩ ଶିକ୍ଷୟିତ୍ରୀ ସୁଜ୍ଞାନୀ ପ୍ରଧାନ, ସୁଚିତ୍ରା ବେହେରା ଓ ସୁଚିତ୍ରା ମହାରଣା ତାଲିମ ଦେଇଥିଲେ। ୧୦୫ ଛାତ୍ରୀ ଆତ୍ମସୁରକ୍ଷା ପାଇଁ ବିଭିନ୍ନ କୌଶଳ ତାଲିମ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ନୋଡାଲ କୋ- ଅର୍ଡିନେଟର ଅମ୍ରିତ୍ ଚରଣ ସେଠୀ ମୁଖ୍ୟ ଅତିଥି, ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କୋ-ଅର୍ଡିନେଟର ଦତ୍ତାରାମ ବିଶୋୟୀ, ସହାୟକ କୋ- ଅର୍ଡିନେଟର ସୁଦର୍ଷ୍ଣା ପ୍ରଧାନ, ଡ. ଅଧାପକ ଡ. ସୀମାଞ୍ଚଳ ମୁନି ଓ ଚୈତନ୍ୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଝିଅାରୀଙ୍କୁ ବଳାତ୍କାର ଅଭିଯୋଗ, ମଉସା ଗିରଫ

ଭଞ୍ଜନଗର,୮।୧୧(ଡି.ଏନ.ଏ.)

ଭଞ୍ଜନଗର ଥାନା ଅଞ୍ଚଳରେ ବୁଧବାର ଜଣେ ନାବାଳିକାଙ୍କୁ ତାଙ୍କର ଜଣେ ଦୂର ସମ୍ପର୍କୀୟ ମଉସା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଗୁରୁବାର ନଂ.୨୮୯/୧୮ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକାଙ୍କ ଡ଼ାକ୍ତରୀ ମାଇନା କରାଯିବା ସହ ଘଟଣାର ଅଧିକ ତଦନ୍ତ ଚାଲିଛି। ପ୍ରକାଶ ଯେ, ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କ ଗ୍ରାମକୁ ବୁଧବାର ବୁଲିବାକୁ ଯାଇଥିଲେ। ନାବାଳିକାଙ୍କୁ ବାଇକ୍‌ରେ ବସାଇ ବୁଲାଇବା ବାହାନାରେ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଘରକୁ ଫେରି ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ କହିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ।

## ଜୁଆ ଆଡ୍ଡାରୁ ୮ ଗିରଫ, ୪ ବାଇକ ଜବତ

ଗଞ୍ଜାମ,୮।୧୧(ଡି.ଏନ.ଏ.)

ଗଞ୍ଜାମ ରାଉଳ ସାହିଠାରେ ବୁଧବାର ରାତିରେ ଜୁଆଖେଳ ଚାଲିଥିବା ବେଳେ ଥାନା ପୋଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ୪ ବାଇକ୍ ଓ ଅଭିଯୁକ୍ତମାନଠାରୁ ୧୦,୮୧୦ ଟଙ୍କା ଜବତ କରିଛି। ଏ ନେଇ ନଂ.୯୧/୧୮ରେ ମାମଲା ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


## ବିଜେଡିରେ ମିଶିଲେ ଭାଜପା କର୍ମୀ


ବିଜେଡିରେ ସାମିଲ ହୋଇଥିବା ଭାଜପା କର୍ମୀ।

ଗୋପାଳପୁର,୮।୧୧

ଗତ ଏକ ସପ୍ତାହ ହେଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଭାଜପା କର୍ମୀମାନେ ବିଜେଡିରେ ଯୋଗ ଦେବାନେଇ ରାଜନୀତି ସରଗରମ ହୋଇଛି। ଗୁରୁବାର ଗୋଳାବନ୍ଧର ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିବା ଜଣାପଡ଼ିଛି। ପୂର୍ବାହ୍ନରେ ଜନ ସମ୍ପର୍କ ପଦଯାତ୍ରାରେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଗ୍ରାମ ପରିକ୍ରମା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଧବଳେଶ୍ୱର ଶୈବପୀଠରେ ଆୟୋଜିତ ସଭାରେ ଶତାଧିକ ଭାଜପା କର୍ମୀ ବିଧାୟକ ଓ ବ୍ଲକ ଅଧକ୍ଷା ସି.ଏଚ୍. ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ ଓ ବ୍ଲକ ସଭାପତି ସି.ଏଚ. ଭରତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। କେ. ରାମେୟା, କେ. କୃଷ୍ଣମୂର୍ତ୍ତି, ଏସ. ଜଗନ୍ନାଥ, ଡିଲେଶ୍ୱର, ଧର୍ମରାଜ, ପ୍ରଦୀପ ବେହେରା, ୱାର୍ଡମେମ୍ବର ୟୁ. ଦମୟନ୍ତୀ, ଡବ୍ଲ୍ୟୁ. ଚନ୍ଦ୍ରାମା, ପି. ପୁଷ୍ପା, କେ. ସାତିଆମ୍ମାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ରୋଗୀଙ୍କୁ ଫଳ ବାଣ୍ଟି ପାଳିଲେ ଦୀପାବଳି

ଛତ୍ରପୁର,୮।୧୧(ଡି.ଏନ.ଏ)

ଛତ୍ରପୁରର କେତେକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ବୁଧବାର ନିଆରା ଢଙ୍ଗରେ ଦୀପାବଳି ପାଳିତ ହୋଇଛି।ଛତ୍ରପୁର ହସ୍ପିଟାଲରେ ରୋଗୀ ଓ ସମର୍ଥ ଅନୁଷ୍ଠାନର ଦିବ୍ୟାଙ୍ଗଙ୍କ ସହ ଦୀପାବଳି ପାଳନ କରାଯାଇଛି।ସାମାଜିକ କର୍ମୀ ସୁଧୀର ପଟ୍ଟନାୟକ, ସମାପ୍ତି ପଟ୍ଟନାୟକ, ଡା. ନିକୁଞ୍ଜ ବିହାରୀ ଦାଶ, ନର୍ସ ସୁଷମା ମହାନ୍ତି, ପ୍ରତିଭା ପଣ୍ଡା, ରମା ପଟ୍ଟନାୟକ, ଭାସ୍କର ପଟ୍ଟନାୟକ ପ୍ରମୁଖ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ସେହିପରି ବ୍ରହ୍ମପୁର ଦୃଷ୍ଟି ବାଧିତ ସ୍କୁଲର ଛାତ୍ରୀ ଛାତ୍ରମାନଙ୍କୁ ମଧ ଫଳ ବଣ୍ଟାଯାଇଥିଲା।ଛତ୍ରପୁର ସ୍ଥିତ ପବ୍ଲିକ ସ୍କୁଲ ସମ୍ମିଳନୀ ଗୃହରେ ସମର୍ଥ ସ୍କୁଲର ଦିବ୍ୟାଙ୍ଗ ପିଲା ମାନଙ୍କୁ ନେଇ ଦୀପାବଳି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା।ସମର୍ଥର ମୁଖ୍ୟ ତଥା ଜିଲା ଶାରୀରିକ ଅକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ କେ. ଆନନ୍ଦ ରାଓ, ପ୍ରଫୁଲ୍ଲ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ଭୁବନେଶ୍ୱରର ଅତିରିକ୍ତ ଡିସିପି ତପସ୍ୱିନୀ ଆରୁଖ, ପ୍ରଭାକର ରାଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ।ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।


ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

## କନ୍ଧୁଣୀ ଦେବୀ ଯୁବକ ସଂଘର ନିଆରା ଦୀପାବଳି

ସୋରଡା,୮।୧୧(ଡି.ଏନ୍.ଏ.)

ସ୍ଥାନୀୟ କନ୍ଧୁଣୀ ଦେବୀ ଯୁବକ ସଂଘର ସଭ୍ୟମାନେ ବାଣ ନ ଫୁଟାଇ ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛି। ମା’ କନ୍ଧୁଣୀ ଦେବୀଙ୍କ ମନ୍ଦିର ସମ୍ମୁଖକୁ ଆଲୋକମାଳାରେ ସଜାଯାଇଥିଲା। ପରେ ସଭ୍ୟମାନେ ସହରର ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ସ୍ନେହ, ଶ୍ରଦ୍ଧା ଓ ଭାଇଚାରା ବଜାୟ ରଖିବାକୁ ବାର୍ତ୍ତା ଦେଇଥିଲେ। ପିଣ୍ଟୁ କର, ରାଜା ଦାଶ, ଅମିତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ୍ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ୍ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

## ୧୦ରୁ ଜିଲାସ୍ତରୀୟ ଯୁବ ମହୋତ୍ସବ

# ଯୋଗଦେବେ ୭୦୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିଯୋଗୀ

**ବ୍ରହ୍ମପୁର ଅଫିସ,୮।୧୧**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲାପାଳ, କମିଶନର, ଜିଲା କ୍ରୀଡ଼ାଧିକାରୀ ।

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ନଭେମ୍ବର ୧୦ରୁ ଦୁଇଦିନ ବ୍ୟାପୀ ଜିଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେବ । ବ୍ରହ୍ମପୁର ଷ୍ଟାଡିୟମରେ ଆୟୋଜିତ ଦୁଇଦିନିଆ ମହୋତ୍ସବରେ ଦଳଗତ ଲୋକନୃତ୍ୟ, ଲୋକ ସଙ୍ଗୀତ, ହିନ୍ଦୁସ୍ଥାନୀ ସଙ୍ଗୀତ, କର୍ନାଟକୀ ସଙ୍ଗୀତ, ବଂଶୀ, ତବଲା, ସିତାର, ବୀଣା, ମୃଦଙ୍ଗ, ହାରମୋନିୟମ, ଗୀଟାର, ଶାସ୍ତ୍ରୀୟ ନୃତ୍ୟ, ଓଡିଶୀ ନୃତ୍ୟ, ଭାରତ ନାଟ୍ୟମ୍, କଥକ ଓ କୁଚିପୁଡି ପ୍ରମୁଖ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ୭ ଶହରୁ ଊର୍ଦ୍ଧ୍ୱ ୧୩ ରୁ ୩୫ ବର୍ଷ ବୟସର ଯୁବ ପ୍ରତିଯୋଗୀ ଯୋଗଦେବେ ବୋଲି ଗୁରୁବାର ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି । ବିଭିନ୍ନ ପ୍ରତିଯୋଗିତାରେ ଜିଲାର ବହୁ ପ୍ରତିଷ୍ଠିତ ଗୁରୁ ତଥା କଳାକାର ଏଥିରେ ବିଚାରକ ଭାବେ ଯୋଗଦେବେ ବୋଲି ସେ ସୂଚାଇଥିଲେ । ପୂର୍ବାହ୍ନରୁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହେବ ଏବଂ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ସହ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ଅବସରରେ ପୂର୍ବରୁ ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ଯୁବ ମହୋତ୍ସବରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିବା ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ଜିଲାପାଳ ସୂଚାଇଥିଲେ। ଏହି ମହୋତ୍ସବ ଆୟୋଜନରେ ବ୍ରହ୍ମପୁର ମହାନଗର ବିଜୁ ଯୁବ ବାହିନୀ ଓ କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ରଙ୍କୁ ସ୍ୱେଚ୍ଛାସେବୀ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଯୁବ ପ୍ରତିଯୋଗୀଙ୍କ ପାଇଁ ରହିବା, ଖାଇବା, ବ୍ୟବସ୍ଥା ସହ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା କୁହାଯାଇଥିଲା । ବିଏମ୍‌ସି କମିଶନର ଚକ୍ରବର୍ତ୍ତି ସିଂ ରାଠୋର, ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ପ୍ରଧାନ ଶିକ୍ଷକ ବୃଷକେତୁ ଦାଶ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ନଡ଼ିଆ ଗଛରୁ ଖସି ବୃଦ୍ଧ ମୃତ

**ବ୍ରହ୍ମପୁର ଅଫିସ୍,୮।୧୧:** ନଡିଆ ତୋଳିବାକୁ ଯାଇ ଗଛରୁ ପଡ଼ି ବୁଧବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରମ୍ଭା ଥାନା ଟିକରପଡା ସାହିର ବଂଶୀଧର ବେହେରା (୬୧) । ବଂଶୀଧର ଘର ଛାତ ଉପରକୁ ଯାଇ ନଡ଼ିଆ ତୋଳିବାକୁ ଚଢିଥିଲେ । ତେବେ ଅସାବଧାନତା ହେତୁ ଗଛରୁ ପ୍ରାୟ ୧୫ ଫୁଟ ତଳକୁ ଖସି ପଡ଼ିଥିଲେ । ଗୁରୁତର ଅବସ୍ଥାରେ ପରିବାର ବର୍ଗ ପ୍ରଥମେ ରମ୍ଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୭୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଗଣ୍ଡଗୋଳ, ମାରପିଟ ଘଟଣାରେ ୩ ଗିରଫ

**ବୁଗୁଡ଼ା,୮।୧୧(ଡି.ଏନ.ଏ.):** ବୁଗୁଡ଼ା ଥାନା ପାଙ୍ଗିଡ଼ି ଗ୍ରାମରେ ଲୁଡୁ ଖେଳକୁ କେନ୍ଦ୍ରକରି ହୋଇଥିବା ଗଣ୍ଡଗୋଳ ମାରପିଟ ଘଟଣାରେ ବୁଗୁଡ଼ା ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫମାନେ ହେଲେ ୩ ଭାଇ ବି. ଜିତେନ୍ଦ୍ର ରେଡ୍ଡୀ, ବି. ରିତୁ ରେଡ୍ଡୀ ଓ ରବିନ୍ଦ୍ର ରେଡ୍ଡୀ । ଏନେଇ ବୁଗୁଡ଼ା ଥାନାରେ ନଂ ୨୬୮/୧୮ରେ ଏକ ମାମଲା ରୁଜୁ ହୋଇଥିଲା । ବୁଧବାର ଲୁଡୁ ଖେଳକୁ କେନ୍ଦ୍ରକରି ଉକ୍ତ ଗ୍ରାମର ବସନ୍ତ ବେହେରାଙ୍କୁ ତିନି ଭାଇ ମାରପିଟ କରି ମୁଣ୍ଡ ଫଟାଇବା ନେଇ ବସନ୍ତ ଥାନାରେ ଅଭିଯୋଗ କରିଥିଲେ । ଅପରପକ୍ଷରେ ପୂଜା ରେଡ୍ଡୀଙ୍କ ଅଭିଯୋଗ ଅନୁଯାୟୀ ବସନ୍ତ ବେହେରା ଓ ଅନ୍ୟ ୪ ଭାଇ ମଶି ତାଙ୍କୁ ଗାଳିଗୁଲଜ କରିଥିଲେ । ଏନେଇ ପୂଜାଙ୍କ ଅଭିଯୋଗ ଅନୁଯାୟୀ ବୁଗୁଡ଼ା ଥାନାରେ ନଂ.୨୬୯/୧୮ରେ ଏକ ମାମଲା ରୁଜୁ ହୋଇଛି ।

## ବିଶ୍ରାମାଗାରରେ ଯାତ୍ରୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ୍,୮।୧୧:** ବ୍ରହ୍ମପୁର ବସ୍‌ଷ୍ଟାଣ୍ଡସ୍ଥିତ ବିଶ୍ରାମାଗାରରେ ଗୁରୁବାର ପୂର୍ବାହ୍ନରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ପାଟପୁର ଥାନା ପଳାଶପୁର ଗ୍ରାମର ବାଲ୍ମୀକି ଚୌଧୁରୀ(୬୮) । ବାଲ୍ମୀକି ଶାରୀରିକ ଅସୁସ୍ଥତା ହେତୁ ବଡ ମେଡିକାଲ ଯିବା ପାଇଁ ବସ୍ ଯୋଗେ ବ୍ରହ୍ମପୁର ଆସିଥିଲେ । ବସ୍‌ଷ୍ଟାଣ୍ଡରେ ପହଞ୍ଚି ବିଶ୍ରାମାଗାରରେ ବିଶ୍ରାମ ନେଉଥିବା ସମୟରେ ଅଚେତ ହୋଇ ପଡ଼ିଯାଇଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୭୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।


## ଶିଡ଼ିରୁ ଖସି ଜଣେ ମୃତ

**ବ୍ରହ୍ମପୁର ଅଫିସ୍,୮।୧୧:** ଶିଡିରୁ ଖସି ବୁଧବାର ସନ୍ଧ୍ୟାରେ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଧରାକୋଟ ଥାନା ବଡବିଲ ଗ୍ରାମର ଯୁଧିଷ୍ଠିର ଗୌଡ(୫୫) । ଦୀପାବଳି ପାଳନ ପାଇଁ ଯୁଧିଷ୍ଠିର ନିଜ ଘରେ ଦୀପ ଲଗାଇବାକୁ ଶିଡ଼ିରେ ଚଢୁଥିଲେ । ତେବେ ଅସାବଧାନତା ହେତୁ ଗୋଡ ଖସିଯିବାରୁ ତଳେ ପଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ପରିବାର ବର୍ଗ ପ୍ରଥମେ ଆସିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୭୫/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ଉଲ୍ଲଂଘନ: ବେକରେ ଗୁଡ଼ାଇଲେ ଗୋଧି

**ବ୍ରହ୍ମପୁର ଅଫିସ,୮।୧୧**

ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଅନେକ ଆଇନ୍ ରହିଛି । ହେଲେ ଆଇନ ଉଲ୍ଲଂଘନକାରୀଙ୍କୁ ଉଚିତ ଦଣ୍ଡ ମିଳୁ ନ ଥିବା ଯୋଗୁ ଆଇନ ଭାଙ୍ଗିବା ଏବେ ସାଧାରଣ ବିଷୟ ପାଲଟିଛି । ଅନେକ ଲୋକ ବନ୍ୟପ୍ରାଣୀଙ୍କ ଜୀବନ ସହ ଖେଳୁଛନ୍ତି । ଗୁରୁବାର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି । ଗୋଧିକୁ ବେକରେ ଗୁଡ଼ାଇ ଜଣେ ବ୍ୟକ୍ତି ବୁଲାବୁଲି କରୁଥିବାର ଏକ ଫଟୋ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବାରେ ଲାଗିଛି । ଫଟୋକୁ ଶେୟାର୍ କରୁଥିବା ପ୍ରକୃତିପ୍ରେମୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ୟକ୍ତି ଜଣଙ୍କ ଘର ବ୍ରହ୍ମପୁର ବନାଞ୍ଚଳ ଅଧୀନ ଅନନ୍ତେଇ ବୋଲି ଜଣାପଡ଼ିଛି । ସଂପୃକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରିବା ପାଇଁ ପ୍ରକୃତି ପ୍ରେମୀମାନେ ଦାବି କରିଛନ୍ତି । ଗୋଧି ବନ୍ୟପ୍ରାଣୀ ସଂରକ୍ଷଣ ଆଇନ-୧୯୭୨ର ସିଡୁଲ୍-୧ର ଭାଗ ଦୁଇରେ ରହିଛି । ଏହି ଆଇନର ଉଲ୍ଲଂଘନକାରୀଙ୍କୁ ୩ରୁ ୭ବର୍ଷ ଯାଏ ଦଣ୍ଡବିଧାନ ବ୍ୟବସ୍ଥା ରହିଛି । ସେହିଭଳି ସର୍ବାଧିକ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ୍ୟ ଉଲ୍ଲଂଘନକାରୀଙ୍କଠାରୁ ଆଦାୟ କରାଯିବ । ତେବେ ଫଟୋରେ ଥିବା ବ୍ୟକ୍ତିଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା ବନ ବିଭାଗ ତରଫରୁ କୌଣସି ମାମଲା ରୁଜୁ କରାଯାଇ ନ ଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଟାମଣା ଘାଟିରେ ସିଡ୍ୟୁଲ୍-୨ରେ ରହିଥିବା ଅହିରାଜ ସାପକୁ କିଛି ବ୍ୟକ୍ତି ମାରିଦେଇଥିଲେ । ଏହି ଘଟଣାକୁ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା କାହାରିକୁ ଗିରଫ କରାଯାଇନାହିଁ ।


ଜଣେ ବ୍ୟକ୍ତି ବେକରେ ଗୋଧି ଗୁଡ଼ାଇଛନ୍ତି ।

## ବାଣ ଫୁଟାଇବାବେଳେ ନାବାଳକ ଗୁରୁତର


ବ୍ରହ୍ମପୁର ଅଫିସ୍,୮।୧୧- ବାଣ ଫୁଟାଉଥିବା ବେଳେ ନିଆଁ ଲାଗିଯାଇ ଗୁରୁବାର ସକାଳେ ୧୦ ବର୍ଷର ଜଣେ ନାବାଳକ ଗୁରୁତର ହୋଇଛନ୍ତି । ସେ ହେଲେ ଆମ୍ବପୁଆ ସାହିର ଜି.କେଶବ ରେଡ୍ଡୀ(୧୦) । କେଶବ ଦୀପାବଳିରେ ବାଣ ଫୁଟାଇବା ପରେ ରହିଯାଇଥିବା ଅବଶିଷ୍ଟାଂଶ ବାଣ ଗୁଡିକର ବାରୁଦ ସଂଗ୍ରହ କରିଥିଲେ । ପରେ ସେଗୁଡିକୁ ଗୋଟିଏ ସ୍ଥାନରେ ରଖି ନିଆଁ ଲଗାଇଥିଲେ । ହଠାତ୍ କେଶବଙ୍କ ଶରୀରକୁ ନିଆଁ ଲାଗିଯାଇଥିଲା । ଗୁରୁତର ଅବସ୍ଥାରେ ପରବାର ବର୍ଗ ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ଶରୀରର ୩୦ ପ୍ରତିଶତ ଅଂଶ ଜଳିଯାଇଥିବା ବେଳେ ଚିକିତ୍ସା ଜାରି ରହିଥିବା ଜଣାପଡିଛି ।

## ବ୍ରହ୍ମପୁରରେ କାଳୀପୂଜା


ବଡ଼ଖେମୁଣ୍ଡି ସାହି ।


ବ୍ରହ୍ମାନଗର ।


ଗେଟ୍‌ବଜାର ।


ଶିଳ୍ପାଞ୍ଚଳ ।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେଓ୍ୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୭.୧୨.୨୦୧୮ରିଖ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ :**
**ତା୧୦.୧୨.୨୦୧୮ରିଖ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୦୩.୩୦ଘଟିକା ମଧ୍ୟରେ**

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩**

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ବିଦ୍ୟାଧରପୁର ଏଡିବି / ରଣଗ୍ରହୀତା: ଶ୍ରୀ ଅରୁଣ ସ୍ୱାଇଁ, ପିତା: ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର୍.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ-୭୫୩୦୦୮ / ଆକାଉଣ୍ଟ ନଂ.: ୩୦୦୧୭୨୯୯୩୩୮ | ଜାମିନ୍‌ଦାର: ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ: ସ୍ୱ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡ଼ା, କାପ୍ଟା, ଚାନ୍ଦନୀ ଚୌକ, କଟକ-୭୫୩୦୦୨ | ଶ୍ରୀ ଅରୁଣ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୮ ଦକ୍ଷିଣ ତୁଳସୀପୁର, ତହସିଲ: କଟକ ସଦର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଖାତା ନଂ.: ୧୫, ଅନୁରୂପ ମ୍ୟୁଟେଟେଡ୍ ଖାତା ନଂ.: ୧୭/୮୦, ପ୍ଲଟ୍ ନଂ.: ୩୫୭(ଅଂଶ), ଅନୁରୂପ ମ୍ୟୁଟେଟେଡ୍ ପ୍ଲଟ୍ ନଂ.: ୩୫୭/୧୪୪୯, କ୍ଷେତ୍ର: ଏକର ୦.୦୫୬ଡିସିମିଲି (ଏକର୦.୦୮୦ଡିସିମିଲିରୁ), କିସମ: ଘରବାରି | ଟ.୧,୧୨,୭୯,୬୭୦/- + ୧୫.୦୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୦୨.୨୦୧୮ | ଟ.୮୦,୩୩,୦୦୦/- / ଟ.୮,୦୩,୩୦୦/- / ଟ.୧,୦୦,୦୦୦/- |
| ୨. | ନୂଆପାଟଣା ଶାଖା / ରଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ, ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗଡ଼ିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨ | ଜାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ, ପିତା: ସ୍ୱ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ ଜିଲ୍ଲା: କେନ୍ଦ୍ରାପଡ଼ା | କ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍ଜା ଯାହାର ମୌଜା: ଭିରୁଡ଼ା, ତହସିଲ: ତିଗିରିଆ, ଜିଲ୍ଲା: କଟକ, ଖାତା ନଂ.: ୧୨୮୯/୭୭୮, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨ଡିସିମିଲି, ପ୍ଲଟ୍ ନଂ.: ୬୭୭୭/୯୮୩୧, କ୍ଷେତ୍ର: ଏକର୧.୨୦ଡିସିମିଲି, କିସମ: ଘରବାରି<br>ଖ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ବରାଇଲୋ, ତହସିଲ: ଡେରାବିଶ, ଜିଲ୍ଲା: କେନ୍ଦ୍ରାପଡ଼ା, ଖାତା ନଂ.: ୧୦୧ (ନୂଆ ଖାତା ନଂ.: ୨୪୪/୯୧), ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲି, ଖାତା ନଂ.: ୨୪ (ନୂଆ ଖାତା ନଂ.: ୨୪୪/୯୦), ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ଡିସିମିଲି, ଖାତା ନଂ.: ୩ (ନୂଆ ଖାତା ନଂ.: ୨୪୪/୮୨), ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲି, କିସମ: ଘରବାରି | ଟ.୧,୧୮,୧୫,୦୬୦/- + ୨୫.୦୨.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୨୫.୦୨.୨୦୧୪ | କ) ଟ.୭୯,୧୦,୦୦୦/- ଟ.୭,୯୧,୦୦୦/- ଟ.୧,୦୦,୦୦୦/-<br>ଖ) ଟ.୨୬,୬୩,୦୦୦/- ଟ.୨,୬୬,୩୦୦/- ଟ.୫୦,୦୦୦/- |
| ୩. | ବାଣିଜ୍ୟିକ ଶାଖା, କଟକ / ରଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ସମସ୍ତଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ / ଆକାଉଣ୍ଟ ନଂ.: ୩୦୭୦୯୯୬୨୬୪୨, ୩୦୭୧୬୭୭୦୦୪୩ | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ, ଉଭୟଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ | (କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍ଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୫୪୦ ଡିସିମିଲି, କିସମ: ଘରବାରି, (ii) ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର୦.୫୫୦ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର୦.୫୭୦ଡିସିମିଲି, ପ୍ଲଟ୍ ନଂ.: ୫୯୭, କ୍ଷେତ୍ର: ଏକର୩.୧୫୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୪.୨୭୦ଡିସିମିଲି,** କିସମ: ଘରବାରି, (୨) ମୌଜା: ସମପୁର, ତହସିଲ: କିସାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ଡିସିମିଲ, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି<br>(ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମପୁର, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରି | ଟ.୨,୩୬,୦୫,୨୯୪/- + ୦୫.୦୫.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୫.୦୫.୨୦୧୪ | (କ) ଟ.୨,୫୯,୨୫,୦୦୦/- ଟ.୨୫,୯୨,୫୦୦/- ଟ.୧,୦୦,୦୦୦/-<br>(ଖ) ଟ.୧୮,୦୨,୦୦୦/- ଟ.୧,୮୦,୨୦୦/- ଟ.୫୦,୦୦୦/- |
| ୪. | ମାଲଗୋଦାମ ଶାଖା / ରଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜୀ ଜେନେରାଲ୍ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରେଖା ଅଗ୍ରୱାଲ, ସ୍ୱାମୀ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୦୨୪୫୪୦୭୯୧୨ | ଜାମିନ୍‌ଦାରମାନେ: ୧) ଶ୍ରୀ ମନୋରଞ୍ଜନ ନାୟକ, ପିତା: ସ୍ୱ ପ୍ରାଣକୃଷ୍ଣ ନାୟକ, ଠିକଣା-୧: ସା/ପୋ: ପାଇକ ବାରବାଟି, ଥାନା: କାନପୁର, ଭାୟା: ନରସିଂହପୁର, ଜିଲ୍ଲା: କଟକ, ଠିକଣା-୨: ସା: ଷ୍ଟିୱାର୍ଟ ପାଟଣା, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ସେଲ୍ଟର ଛକ, ପୋ/ଥାନା: ବିଡାନାସୀ, କଟକ, ୨) ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ ନଂ.: ବି/୧୫୦୩, ସେକ୍ଟର-୬, ସିଡିଏ, ମର୍କତ ନଗର, କଟକ-୭୫୩୦୧୪ | ଶ୍ରୀ ମନୋରଞ୍ଜନ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାଇକପଡ଼ା ପାଟଣା, ତହସିଲ/ଥାନା: ନରସିଂହପୁର, ଜିଲ୍ଲା: କଟକ, ଖାତା ନଂ.: ୫୭୪/୧୫, ଅନୁରୂପ ପରିବର୍ତ୍ତିତ ଖାତା ନଂ.: ୫୭୪/୪୬୨, ପ୍ଲଟ୍ ନଂ.: ୧୪୦୭/୨୮୬, କ୍ଷେତ୍ର: ଏକର୦.୧୯୫ଡିସିମିଲି, କିସମ: ଘରବାରି | ଟ.୨୭,୯୮,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୪.୦୧.୨୦୧୭ | ଟ.୩୪,୪୩,୦୦୦/- / ଟ.୩,୪୪,୩୦୦/- / ଟ.୫୦,୦୦୦/- |
| ୫. | ଇଫ୍‌କୋ ଛକ ଶାଖା, ପାରାଦୀପ (ବର୍ତ୍ତମାନ- ପାରାଦୀପ ବଜାର ଶାଖା)/ ରଣଗ୍ରହୀତାମାନେ: ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲ, ପିତା: ଶ୍ରୀ ଇନ୍ଦ୍ରମଣି ସାମଲ, ସା: ଫତେପୁର, ପୋ: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ୬୨୨୧୫୧୫୨୦୫୨ | | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଫତେପୁର, ତହସିଲ/ ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରି | ଟ.୨୧,୨୨,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୩.୦୨.୨୦୧୮ | ଟ.୩୫,୫୨,୦୦୦/- / ଟ.୩,୫୫,୨୦୦/- / ଟ.୫୦,୦୦୦/- |

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୁଧୀର କୁମାର ଲାକ୍ରା, ଇ-ମେଲ: sudhir.lakra@sbi.co.in, ମୋ: ୮୫୯୯୦୦୨୭୦୨**

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୬. | ପିବିବି ମଙ୍ଗଳାବାଗ ଶାଖା / ରଣଗ୍ରହୀତାମାନେ: ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ଶ୍ରୀ ବାବଜୀ ଚରଣ ପରିଡ଼ା, ଉଭୟଙ୍କ ପିତା: ସ୍ୱ ବିଦ୍ୟାଧର ପରିଡ଼ା, ସା: ଶଙ୍କରପୁର (ଡିହସାହି), ପୋ: ଅରୁଣୋଦୟ ମାର୍କେଟ, ଥାନା: ମଧୁପାଟଣା, କଟକ / ଆକାଉଣ୍ଟ ନଂ.: ୩୦୦୦୩୧୧୪୦୮୧ | ଜାମିନ୍‌ଦାର: ଶ୍ରୀ ଅମରେନ୍ଦ୍ର ସାମଲ, ପିତା: ଶ୍ରୀ ଚିତ୍ତରଞ୍ଜନ ସାମଲ, ସା: ସୂତାହାଟ, ପୋ: ବକ୍ସିବଜାର, ଜିଲ୍ଲା: କଟକ | ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ଶ୍ରୀ ବାବଜୀ ଚରଣ ପରିଡ଼ାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.-୩୩ (ବିଶିନବର), ତହସିଲ/ଏସ୍‌ଆରଓ: କଟକ ସଦର, ଥାନା: ମଧୁପାଟଣା (ନଂ.-୩), ଜିଲ୍ଲା: କଟକ, ଖାତା ନଂ.: ୧୨୦୫/୭୫, ପ୍ଲଟ୍ ନଂ.: ୧୨୬୯/୩୨୦୭, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି | ଟ.୨୧,୫୮,୯୬୫/- + ୦୧.୦୬.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୭.୦୬.୨୦୧୪ | ଟ.୩୫,୦୦,୦୦୦/- / ଟ.୩,୫୦,୦୦୦/- / ଟ.୫୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୩.୧୨.୨୦୧୮ ଏବଂ ୦୪.୧୨.୨୦୧୮ ପୂର୍ବାହ୍ଣ ୧୦.୦୦ ଘଟିକା ରୁ ଅପରାହ୍ଣ ୪.୦୦ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ଓ **ଅନ୍-ଲାଇନ** ମାଧ୍ୟମରେ ସମ୍ପନ୍ନ ହେବ । ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procrurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ **ତା୧୦.୧୨.୨୦୧୮ରିଖରେ** ଅସିମୀତ ପ୍ରତ୍ୟେକ ବର୍ଦ୍ଧିତ ୫ ମିନିଟ ସମୟ ସହିତ **ପୂର୍ବାହ୍ଣ ୧୧.୦୦ ଘଟିକା ରୁ ଅପରାହ୍ଣ ୩.୩୦ ଘଟିକା** ମଧ୍ୟରେ ସମ୍ପନ୍ନ ହେବ । ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ ।
୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ । କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ ।
୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 33401288726, Name of the A/C.: AGM, SARB, NO LIEN Account, Name of the Beneficiary: State Bank of India A/c., IFSC Code No.: SBIN0009029** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ତାଲିକାଭୁକ୍ତ ବ୍ୟାଙ୍କରୁ **"Asst. General Manager, State Bank of India, SARB, Cuttack"**ଙ୍କ ସପକ୍ଷରେ କଟକ ଠାରେ ଦେୟ ଦର୍ଶାଇ ପୈଠ କରିବେ ।
୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ) । ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319 / Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ) ।
୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକଙ୍କ** ଠାରେ **ତା.୦୭.୧୨.୨୦୧୮ରିଖ ଅପରାହ୍ଣ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ । ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ ।
୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକଙ୍କ** ଦ୍ୱାରା ଚିହ୍ନଟ କରାଯିବ । **M/S e-Procurement Technologies Limited, Ahmedabad**ଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ ।
୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ । ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର. ନଂ.: ୧ ରୁ ୫ ନିମନ୍ତେ: Mob.: 8599002703** ଏବଂ **ସମ୍ପତ୍ତି କ୍ର. ନଂ.: ୬ ନିମନ୍ତେ: Mob.: 8599002702** ରେ ଯୋଗାଯୋଗ କରିପାରିବେ ।
୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ । ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ । ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ ।
୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ । ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ ।
୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ । ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ । ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ ।
୧୧) ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ ।
୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ/ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।
୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ ।
୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ ।
୧୫) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ ।
୧୬) **ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମ ୨୦୦୨ର ୮(୬) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ ।**

**ତାରିଖ : ୦୮.୧୧.୨୦୧୮, ସ୍ଥାନ : କଟକ** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଧରିତ୍ରୀ
DHARITRI
ଶୁକ୍ରବାର, ୯ ନଭେମ୍ବର, ୨୦୧୮



## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଜାତୀୟ ଆଇନ୍ ସେବା ଦିବସ। ସ୍ଥାନ-ୟୁସିପି ଇଞ୍ଜିନିୟରିଂ ସ୍କୁଲ। ସମୟ-ସକାଳ ୯ଟା ।
- ଓଡ଼ିଶା ରାଜ୍ୟ ସ୍କୁଲସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ୍। ସମୟ-ସକାଳ ୧୦ଟା ।
- ବୃନ୍ଦାବନ ନାୟକଙ୍କ ଜୟନ୍ତୀ। ସ୍ଥାନ-ବ୍ରହ୍ମପୁର ଟାଉନ୍ ହଲ୍। ସମୟ-ସକାଳ ସାଢ଼େ ୧୦ଟା ।
- ଆଞ୍ଚଳିକ ଶିଶୁ ମହୋତ୍ସବ 'ମହକ'। ସ୍ଥାନ-ଉତ୍କଳ ବାଳାଶ୍ରମ। ସମୟ-ପୂର୍ବାହ୍ନ ସାଢ଼େ ୧୦ଟା ।
- ପୁରାତନ ଛାତ୍ରଙ୍କ ସମ୍ମିଳନୀ। ସ୍ଥାନ-କୁଇନ୍ ଅଫ୍ ମିଶନ୍ ସ୍କୁଲ। ସମୟ-ପୂର୍ବାହ୍ନ ୧୧ଟା ।
- ଜୋନାଲ୍‌ସ୍ତରୀୟ କଳା ଉତ୍ସବ। ସ୍ଥାନ-ସିଟି ହାଇସ୍କୁଲ । ସମୟ-ପୂର୍ବାହ୍ନ ୧୧ଟା ।
- କଂଗ୍ରେସର କଳା ଦିବସ ପାଳନ। ସ୍ଥାନ-ଆର୍‌ଡ଼ିସି କାର୍ଯ୍ୟାଳୟ ସମ୍ମୁଖ। ସମୟ-ପୂର୍ବାହ୍ନ ସାଢ଼େ ୧୧ଟା ।

**ଦିଗପହଣ୍ଡି**

- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନୀ ଉତ୍ସବ। ସ୍ଥାନ-ସରସ୍ୱତୀ ନଗର, ଦିଗପହଣ୍ଡି। ସମୟ-ସକାଳ ୭ଟା
- ଜାତୀୟ ଆଇନସେବା ଦିବସ ଅବସରରେ ସଭା ଓ ଶୋଭାଯାତ୍ରା। ସ୍ଥାନ-ଦିଗପହଣ୍ଡି କୋର୍ଟ ପରିସର। ସମୟ-ଅପରାହ୍ନ ୩ଟା

## ଗୋକୁଳଧାମ, ଇସ୍କନ୍‌ରେ ଗୋବର୍ଦ୍ଧନ ଉତ୍ସବ



**ବ୍ରହ୍ମପୁର ଅଫିସ, ୮।୧୧:** ସ୍ଥାନୀୟ ଗୋସାଇଁନୂଆଗାଁସ୍ଥିତ ଗୋକୁଳଧାମ ମନ୍ଦିରରେ ଗୁରୁବାର ଗୋବର୍ଦ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । କଳାକାରମାନେ କୃଷ୍ଣ ଏବଂ ରାଧା ବେଶରେ ସଜ୍ଜିତ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସେହିଭଳି ଶିଙ୍ଗିବନ୍ଧ ନିକଟସ୍ଥ ଇସ୍କନ୍ ମନ୍ଦିରରେ ମଧ୍ୟ ଗୋବର୍ଦ୍ଧନ ଉତ୍ସବ ପାଳନ କରାଯାଇଛି । ପୁରୀର ଇସ୍କନ୍ ସଦସ୍ୟ ପ୍ରତାପ ରୁଦ୍ର ଦାସ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ । ଗୋମାତାଙ୍କୁ ପ୍ରସାଦ ଅର୍ପଣ ସହ ଆଳତି କରାଯାଇଥିଲା ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଜିଲାସ୍ତରୀୟ କଳା ଉତ୍ସବରେ ଅବ୍ୟବସ୍ଥା

# ସୂଚନା ନ ପାଇ ଆସିଲେନି ପ୍ରତିଭା

**ବ୍ରହ୍ମପୁର ଅଫିସ,୮।୧୧**

ଗଞ୍ଜାମ ଜିଲାର ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଶିକ୍ଷା ବିଭାଗ କେମିତି ଅବହେଳା କରୁଛି, ତାହାର ଏକ ନମୁନା ଗୁରୁବାର ଦେଖିବାକୁ ମିଳିଥିଲା । ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ସିଟି ହାଇସ୍କୁଲରେ ଜିଲାସ୍ତରୀୟ କଳା ଉତ୍ସବ ଆୟୋଜନ କରାଯାଇଥିଲା। ହେଲେ ଆୟୋଜକଙ୍କ ଅବହେଳା ଏବଂ ଖାମଖିଆଲ ମନୋଭାବ ଯୋଗୁ କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା କୁହାଯାଉଛି । ପ୍ରତିଯୋଗିତାଟି ଜିଲାସ୍ତରୀୟ ହୋଇଥିଲେ ମଧ୍ୟ ବ୍ରହ୍ମପୁର ଏବଂ ଅନ୍ୟ କେତେକ ବ୍ଲକର ବିଦ୍ୟାଳୟକୁ ଛାଡ଼ିଦେଲେ, ଅଧିକାଂଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଥିରେ ଭାଗନେଇ ନ ଥିଲେ । ବିଦ୍ୟାଳୟଗୁଡ଼ିକୁ ପୂର୍ବରୁ ସୂଚନା ମିଳି ନ ଥିବା ଯୋଗୁ ପ୍ରତିଭାଧାରୀ ବହୁ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରି ନ ଥିଲେ। ସୂଚନା ନ ପାଇ ପ୍ରତିଭାମାନେ ଅଂଶଗ୍ରହଣ କରି ନ ଥିଲେ। ଆୟୋଜକଙ୍କ ଏଭଳି ବେପରୁଆ ମାନସିକାତକୁ ନେଇ ଅନେକ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶିକ୍ଷା ବିଭାଗର କେତେ ଅଧିକାରୀ ସେମାନଙ୍କ ପସନ୍ଦର ହାତଗଣତି କେତେକ ବିଦ୍ୟାଳୟକୁ କେବଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଫଳରେ ଏଭଳି ଅବ୍ୟବସ୍ଥା ଦେଖାଦେଇଛି ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଛି । ଅନ୍ୟପଟେ ଆୟୋଜନସ୍ଥଳରେ ମଧ୍ୟ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ପ୍ରତିଯୋଗିତାଗୁଡ଼ିକ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉ ନ ଥିଲା । କ୍ରମିକ ସଂଖ୍ୟା ବଦଳରେ, ଆୟୋଜନ ଦାୟିତ୍ୱରେ ଥିବା ଅଧିକାରୀମାନେ ମନଇଚ୍ଛା ଅଂଶଗ୍ରହଣକାରୀଙ୍କୁ ମଞ୍ଚ ଉପରକୁ ଡାକିଥିଲେ । ସେମାନଙ୍କୁ ପ୍ରସ୍ତୁତ ରହିବାକୁ ମଧ୍ୟ ସମୟ ମିଳିପାରୁ ନ ଥିଲା । ଯାହା ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅସନ୍ତୋଷର କାରଣ ସାଜିଥିଲା ।



ଛାତ୍ରୀଛାତ୍ରମାନେ ଚିତ୍ର ଆଙ୍କୁଛନ୍ତି ।

> ■ ଭାଗନେଲେ ମାତ୍ର ୬୮ ଛାତ୍ରୀଛାତ୍ର
> ■ ବାଦ୍ୟଯନ୍ତ୍ରରେ ମାତ୍ର ୮ଜଣ ପ୍ରତିଯୋଗୀ

ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ଉଦ୍‌ଘାଟନ କରିଥିଲେ। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର, ଡୁରା ନ୍ୟାଶନାଲ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମକୃଷ୍ଣ ରାଓ ଏବଂ ସିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାବତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଜିଲା ବିଜ୍ଞାନ ନିରୀକ୍ଷକ ପନ୍ନଗ ଭୂଷଣ ମାଝି ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଚଳନ୍ତି ପାରମ୍ପରିକ କଳାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂଗୀତ, ବାଦ୍ୟଯନ୍ତ୍ର, ନୃତ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ମାତ୍ର ୩୮ ବିଦ୍ୟାଳୟର ୬୮ ଛାତ୍ରୀଛାତ୍ର ଭାଗ ନେଇଥିଲେ । ବିଚାରକ ଦାୟିତ୍ୱରେ ଆଦର୍ଶ ବିଦ୍ୟାଳୟଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକମାନେ ରହିଥିଲେ। ସଂଗୀତରେ କବିସୂର୍ଯ୍ୟନଗର ଓଡ଼ିଶା ଆଦର୍ଶବିଦ୍ୟାଳୟର ଅପରାଜିତା ସ୍ୱାଇଁ ପ୍ରଥମ ହୋଇଥିବା ବେଳେ ବଡ଼ପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚିନ୍ମୟାନନ୍ଦ ରାଉଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବାଦ୍ୟଯନ୍ତ୍ର ପ୍ରତିଯୋଗିତାରେ ଭି.ଭି. ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ଶୁଭସ୍ମିତା ପାଢ଼ୀ ପ୍ରଥମ ଏବଂ ସିଟି ହାଇସ୍କୁଲର ଆକାଶ ପାତ୍ର ଦ୍ୱିତୀୟ ହୋଇଛନ୍ତି। ନୃତ୍ୟରେ ଅଗାରଗ୍ରାମ ଡି.ଏସ୍. ହାଇସ୍କୁଲର ରୁଚିସ୍ମିତା ଜେନା ପ୍ରଥମ ଏବଂ ଆସିକା ହରିହର ହାଇସ୍କୁଲର ସୂରଯ ଡାକୁଆ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚିତ୍ରାଙ୍କନରେ ଭି.ଭି. ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ରସ୍ମିତା ମଲ୍ଲିକ ପ୍ରଥମ ଏବଂ ଛଣମେରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସୌମ୍ୟ ରଞ୍ଜନ ପଣ୍ଡା ଦ୍ୱିତୀୟ ହୋଇଛନ୍ତି। ଏହି କୃତୀ ଛାତ୍ରୀଛାତ୍ରମାନେ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଗଞ୍ଜାମ ଜିଲାକୁ ପ୍ରତିନିଧିତ୍ୱ କରିବେ । ଜୋନ୍‌ସ୍ତରୀୟ ପ୍ରତିଯୋଗିତା ଶୁକ୍ରବାର ସ୍ଥାନୀୟ ସିଟି ହାଇସ୍କୁଲରେ ଅନୁଷ୍ଠିତ ହେବ ।

ଜିଲାସ୍ତରୀୟ ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କାହିଁକି ହାତ ଗଣତିରେ ସୀମିତ ରହିଲା ବୋଲି ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପନ୍ନଗ ଭୂଷଣ ମାଝିଙ୍କୁ ପ୍ରଶ୍ନ କରାଯାଇଥିଲା। ସେ କହିଥିଲେ ଯେ, ଦଳଗତ ପ୍ରତିଯୋଗିତା ହେଲେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅଧିକ ରୁହେ । କିନ୍ତୁ ଏହା ଏକକ ପ୍ରତିଯୋଗିତା ହୋଇଥିବା ଯୋଗୁ ସଂଖ୍ୟା କମିଛି । ଆୟୋଜନରେ କୌଣସି ଅବହେଳା କରାଯାଇନାହିଁ ବୋଲି ସେ ଉତ୍ତର ରଖିଛନ୍ତି ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ ଦେବାଶିଷ



@ ସମୀର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଯୁବ ରେଡକ୍ରସର ଦୁଇଦିନିଆ ତାଲିମ ଶିବିର ଉଦ୍‌ଘାଟିତ



ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଫାଷ୍ଟଏଡ ବକ୍ସ ପ୍ରଦାନ କରାଯାଉଛି ।

**ବ୍ରହ୍ମପୁର ଅଫିସ,୮।୧୧**

ସ୍ଥାନୀୟ ଗୋପାଳପୁର କଲେଜରେ ଯୁବ ରେଡକ୍ରସ ପକ୍ଷରୁ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାରରୁ ଆରମ୍ଭ ହୋଇଯାଇଛି । ଏହାକୁ ଅଧ୍ୟକ୍ଷ ଚକ୍ରଧର ପାତ୍ର ଉଦ୍‌ଘାଟନ କରିଥିଲେ । ଓଡ଼ିଶା ରାଜ୍ୟ ଶାଖା କାର୍ଯ୍ୟକ୍ରମ ସଂଯୋଜକ ସଂଯୁକ୍ତା ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଗଞ୍ଜାମ ଜିଲା ଯୁବ ରେଡକ୍ରସର ସଂଯୋଜକ ଡା. ବି. ଗୋବିନ୍ଦ ରାଓ ଯୋଗଦେଇ ଫାଷ୍ଟ ଏଡ ବକ୍ସର ବ୍ୟବହାର ଉପରେ ତାଲିମ ପ୍ରଦାନ କରିଥିଲେ । ଯୁବରେଡକ୍ରସର ରାଜ୍ୟ ଶାଖା ସଦସ୍ୟ ଲୀଳା ପୁଣ୍ୟ ସମ୍ମାନିତ ଅତିଥି ଥିଲେ । ଗୋପାଳପୁର କଲେଜ ଯୁବ ରେଡକ୍ରସ ଅଧିକାରୀ ଡ. ରାମଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ । ଛାତ୍ରୀଛାତ୍ରମାନେ ସଚେତନ ହେଲେ ସମାଜରେ ସଚେତନତା ଆସିବ ବୋଲି ଜେନା ମତବ୍ୟକ୍ତ କରିଥିଲେ । ପରିମଳ ସଚେତନତାକୁ ଅଧିକ ଅଗ୍ରାଧିକାର ଦେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ଅଳକା ସାହୁ, ଯୁବରେଡକ୍ରସର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ହରିହର ମୁନି ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ଡ. ପୀତାମ୍ବର ବିଷୋୟୀ, ଡ. ବିପ୍ରଚରଣ ମହାକୁଡ, ଡ. ପ୍ରଦୀପ୍ତ ପଟ୍ଟନାୟକ, ଲକ୍ଷ୍ମଣ ପାଳ, ଡ. ଚିତ୍ତରଞ୍ଜନ ପଟ୍ଟନାୟକ, ଡ. ମାନସ ରଞ୍ଜନ ମିଶ୍ର, ବିରଞ୍ଚି ନାରାୟଣ ଜଗଦେବ ରାୟ, ଟି.କୁମାର ସ୍ୱାମୀ, ଜି. ଗଣେଶ, ଏ. ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ । ଡୁରା, ହାଇସ୍କୁଲ ଏବଂ ନାରାୟଣପୁର ହାଇସ୍କୁଲର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ୪ ଅନୁଷ୍ଠାନକୁ ଫାଷ୍ଟ ଏଡ କିଟ, ୱାସିଂ କିଟ, ଡଷ୍ଟବିନ ପ୍ରଦାନ କରାଯାଇଥିଲା ।

## ଓଡ଼ିଶା ବାସ୍କେଟ୍‌ବଲ୍ ଦଳରେ ସୋନାଲି, ବିଶ୍ୱନାଥ

**ବ୍ରହ୍ମପୁର ଅଫିସ,୮।୧୧:** ହିମାଚଳପ୍ରଦେଶ କାଙ୍ଗରାରେ ଆସନ୍ତା ୧୨ରୁ ୧୮ତାରିଖ ପର୍ଯ୍ୟନ୍ତ ୪୫ତମ ଜାତୀୟ ସବ୍‌ଜୁନିୟର୍ ବାସ୍କେଟବଲ୍ ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଟୁର୍ନାମେଣ୍ଟରେ ଭାଗନେବାକୁ ଥିବା ଓଡ଼ିଶା ଦଳରେ ଗଞ୍ଜାମ ଜିଲାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ବିଶ୍ୱନାଥ୍ ସିସ୍‌କା ଏବଂ ସୋନାଲି ତ୍ରିପାଠୀ । ଉଭୟ ବିଶ୍ୱନାଥ ଏବଂ ସୋନାଲି ବ୍ରହ୍ମପୁର ଷ୍ଟାଡିୟମ୍‌ରେ ତାଲିମ୍ ନେଉଛନ୍ତି । ଗତ ୪ରୁ ୮ତାରିଖ ପର୍ଯ୍ୟନ୍ତ କଟକରେ ଓଡ଼ିଶା ଦଳ ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଗଞ୍ଜାମ ଜିଲାରୁ ୧୦ ପୁଅ ଏବଂ ୫ିଅ ଭାଗ ନେଇଥିଲେ । ହେଲେ ଚୂଡ଼ାନ୍ତ ଦଳରେ କେବଳ ବିଶ୍ୱନାଥ ଏବଂ ସୋନାଲି ସ୍ଥାନ ପାଇଛନ୍ତି। ଶୁକ୍ରବାର ଉଭୟ ଖେଳାଳି ହିମାଚଳପ୍ରଦେଶକୁ ଗସ୍ତ କରିବେ । ଉଭୟଙ୍କୁ ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ର ପଟ୍ଟନାୟକ, ବାସ୍କେଟବଲ୍ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ସଂସଦ କର୍ମକର୍ତ୍ତା ଗୋବିନ୍ଦ ଚନ୍ଦ୍ର ସାହୁ, ନିମାଇଁ ଚରଣ ବେବର୍ତ୍ତା, ଶିଶିର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପାତ୍ର ଏବଂ କୋଚ୍ କାଜଲ ସାହୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ଗୋଲକୋଣ୍ଡା ସ୍ପୋର୍ଟିଭ-୨୦୧୮ ସାଇକେଲ ରେସିଂ ପ୍ରତିଯୋଗିତା

## ଭାଗନେବାକୁ ରାଜୀବଲୋଚନଙ୍କ ହାଇଦ୍ରାବାଦ ଗସ୍ତ

**ବ୍ରହ୍ମପୁର ଅଫିସ,୮।୧୧**

ଜାତୀୟ ଗୋଲକୋଣ୍ଡା ସ୍ପୋର୍ଟିଭ-୨୦୧୮ ସାଇକେଲ ରେସିଂ ପ୍ରତିଯୋଗିତା ଆସନ୍ତା ୧୧ରେ ହାଇଦ୍ରାବାଦରେ ଅନୁଷ୍ଠିତ ହେବ । ଏଥିରେ ଭାଗନେବାକୁ ଗଞ୍ଜାମ ଜିଲା ଆସିକା ବ୍ଲକ କର୍ଣ୍ଣୋଳି ଗ୍ରାମର ଯୁବ ପ୍ରତିଭା ରାଜୀବ ଲୋଚନ ଗୌଡ ଶୁକ୍ରବାର ହାଇଦ୍ରାବାଦ ଗସ୍ତ କରିବେ। ସେଠାରେ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୧୦୦ କି.ମି. ସାଇକେଲ ରେସିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ରାଜୀବ କହିଛନ୍ତି । ଏହି ପଥକୁ ସାଇକେଲରେ ୪ ଘଣ୍ଟା ପୂର୍ବରୁ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଥିବା ସେ ପ୍ରକାଶ କରିଛନ୍ତି । ଅକ୍ଟୋବର ୨୧ରେ ଚେନ୍ନାଇରେ ଇଭେଣ୍ଟ ଜିନିଙ୍ଗ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ଡବ୍ଲ୍ୟୁସିସିଜି ଟୁ ଷ୍ଟେଟ ସାଇକେଲ ରେସିଂ-୨୦୧୮ରେ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଭାଗନେଇ ଜାତୀୟସ୍ତରରେ ୧୨ ନମ୍ବର ସ୍ଥାନ ଅଧିକାର କରିବା ପରେ ଦ୍ୱିତୀୟ ଥର ପାଇଁ ଜାତୀୟସ୍ତରୀୟ ସାଇକେଲ ରେସିଂ ପ୍ରତିଯୋଗିତାରେ ଭାଗ ନେଉଥିବା ରାଜୀବ କହିଛନ୍ତି ।



ରାଜୀବଲୋଚନ ଗୌଡ ।

ଏଥିପାଇଁ ତାଙ୍କୁ ଆସ୍କାସ୍ଥିତ ଗଞ୍ଜାମ ଜୁଡୋ ଆସୋସିଏଶନ ସଭାପତି ସତ୍ୟନାରାୟଣ ସ୍ୱାଇଁ, ସମ୍ପାଦକ ତଥା କୋଚ ରାଘବ ନାହାକ, ଓକିଲ ଜିଙ୍କୁ ଶର୍ମା ସହଯୋଗ କରୁଥିବା ସେ କହିଛନ୍ତି । ଏଥିପାଇଁ ସେ ଜାତୀୟ ରାଜପଥରେ ନିୟମିତ ଅଭ୍ୟାସ କରୁଥିବା ବେଳେ ବର୍ତ୍ତମାନ ତାଙ୍କ ଘଣ୍ଟାପ୍ରତି ବେଗ ସାଇକେଲରେ ୨୭ ରୁ ୨୮ କି.ମି. ରହିଥିବା ଗୌଡ କହିଛନ୍ତି ।

# ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ

**ବ୍ରହ୍ମପୁର ଅଫିସ,୮।୧୧**

ଆଲୋକର ପର୍ବ ଦୀପାବଳିକୁ ଭିନ୍ନ ଧରଣରେ ବୁଧବାର ପାଳନ କରାଯାଇଛି । ବାଣ ଫୁଟାଇ କିମ୍ବା ଦୀପଜାଳି ନୁହଁ, ବରଂ ତିତ୍‌ଲି କ୍ଷତିଗ୍ରସ୍ତଙ୍କ ମୁହଁରେ ହସ ଫୁଟାଇ ବିଭିନ୍ନ ସଂଗଠନ ତରଫରୁ ଦୀପାବଳି ପାଳିତ ହୋଇଛି। ଫୋରମ୍ ଫର୍ ଗଞ୍ଜାମ ଏବଂ ମାନବବାଦୀ, ହେତୁବାଦୀ ସଂଗଠନ ତରଫରୁ ବୁରାତାଲ ପଞ୍ଚାୟତରେ ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଚାଦର, ପ୍ୟାଣ୍ଟ, ଶାର୍ଟ ସହ ବ୍ୟବହୃତ ଲୁଗା ବଣ୍ଟନ କରାଯାଇଥିଲା। ଏଥି ସହ ଖାଇବା ଜିନିଷ ଯଥା ଆଳୁ, ପିଆଜ, ଚାଉଳ,ଆଚାର, ଡାଲି, ବୁଟ, ଲୁଣ, ଦିଆସିଲି ଓ ବିସ୍କୁଟ୍ ମଧ୍ୟ ବଣ୍ଟନ ହୋଇଥିଲା। ପିଲାମାନଙ୍କୁ ସ୍କୁଲ ବ୍ୟାଗ୍ ଦିଆଯାଇଥିଲା । ଅଞ୍ଚଳ ବୁଲି ଲୋକଙ୍କ ଦୁର୍ଦ୍ଦଶା ବୁଝିଥିଲେ। ଏହି ପଞ୍ଚାୟତର ୭ ଗ୍ରାମର ପ୍ରାୟ ୪ଶହ ବ୍ୟକ୍ତି ଉପକୃତ ହୋଇଥିଲେ । ଜିଲା ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍, ଜିଲା ପରିଷଦ ସଦସ୍ୟ ବୃନ୍ଦାବନ ଖଟେଇ, ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ସଞ୍ଜୟ ପାଳ, ଇଂ.ତେଜେଶ୍ୱର ରାଓ, ପ୍ରଶାନ୍ତ କୁମାର ମୁନୀ, ସ୍ୱରାଜ୍ୟ ସୁବୁଦ୍ଧି, ମାନସ ପାତ୍ର, ବାସୁଦେବ ସାହୁକାର, ସବିତା ସାହୁକାର, ସୁଶାନ୍ତ ମହାନ୍ତି, ସୁକାନ୍ତ ଗୌଡ଼, ଭୀମରାଜୁ ପାତ୍ର, କେ.ଅବିନାଶ ରାଓ, ମନୋଜ ପାଢ଼ୀ, ଇ.ଜଗଦୀଶ, ନାନ୍ଦେଶୁ ସେନାପତି, ଡ. ସୁବାସ ସାହୁ, ଏ.ପୁରୁଷୋତ୍ତମ, ରାଜେନ୍ଦ୍ର ପଣ୍ଡା, ପ୍ରବୀଣ ପଣ୍ଡା, ପ୍ରଫୁଲ୍ଲ ଦାସ, ସୁଧୀର କୁମାର ରାଉତ ଏବଂ ଭାସ୍କର ରାଓ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।



କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଉଛି ।

■ ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ ପ୍ରସଙ୍ଗ

# ଜିଲାପାଳଙ୍କୁ ସାକ୍ଷାତ୍ କଲେ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ

**ବ୍ରହ୍ମପୁର ଅଫିସ,୮।୧୧**

ବ୍ରହ୍ମପୁର ମହାନଗର ସହରତଳି ଅଞ୍ଚଳ ଓ ଏହାର ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ଅଞ୍ଚଳକୁ ବିଏମ୍‌ସିରେ ସାମିଲ କରାଯିବା ନେଇ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଆଲୋଚନା କରିଛନ୍ତି । ବ୍ରହ୍ମପୁର ଗସ୍ତ ଅବସରରେ ବିଏମ୍‌ସିରେ କମିଟି ପକ୍ଷରୁ ଜିଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ମହାନଗର ନିଗମ ଗଠନ ସମୟରେ ସହରତଳି ୧୮ ନଗରକୁ ସାମିଲ କରାଯିବା ନେଇ ଯୋଜନା ରହିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ସମସ୍ତ ନଗରକୁ ବାଦ ଦେଇ ବ୍ରହ୍ମପୁରକୁ ମହାନଗର ନିଗମ ଭାବେ ଘୋଷଣା କରାଯାଇଥିଲା । ତେବେ ସହରତଳି ଓ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ଅଞ୍ଚଳର ନାଗରିକ ପ୍ରତିନିଧିଙ୍କୁ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ କରାଯିବା ନେଇ ଦୀର୍ଘ ୧୦ ମାସରୁ ଉର୍ଦ୍ଧ୍ୱ ହେବ ଆନ୍ଦୋଳନ ଜାରି ରହିଛି । ଏନେଇ ବହୁବାର ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ପରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଏନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାପରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଫେବୃୟାରୀ ୧୬ରେ ପତ୍ର ସଂଖ୍ୟା ୪୩୭୩ରେ ନିଗମ କମିଶନର ଓ ଗଞ୍ଜାମ ଜିଲାପାଳଙ୍କୁ ପ୍ରକୃତ ତଥ୍ୟ ଅନୁସନ୍ଧାନ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା କମିଟିର କର୍ମକର୍ତ୍ତା ଅଭିଯୋଗ କରିଥିଲେ । ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ କରି ବ୍ରହ୍ମପୁରକୁ ଏକ ସୁନ୍ଦର, ବିକଶିତ ଓ ପୂର୍ଣ୍ଣାଙ୍ଗ ମହାନଗର ନିଗମରେ ପରିଣତ କରାଯିବା ନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରିଥିଲେ । ତେବେ ଡିସେମ୍ବର ପ୍ରଥମ ସପ୍ତାହରୁ ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜିଲାପାଳ କୁଲାଙ୍ଗେ ପ୍ରତିଶ୍ରୁତି ଦେଇଥିଲେ । ଦାବିପତ୍ର ପ୍ରଦାନ ବେଳେ କମିଟି ସଭାପତି ସଞ୍ଜୀବ ପଟ୍ଟନାୟକଙ୍କ ସମେତ ବିଭି ସାଗର, ହରିହର ନାୟକ, ସୁବାସ ପାତ୍ର, ସି.ଏସ୍. ଚନ୍ଦ୍ରଶେଖର ରାଓ, ନାରାୟଣ ଚନ୍ଦ୍ର ପରିଚ୍ଛା, ବିଜୟ ଚନ୍ଦ୍ର ମିଶ୍ର, ଆର.ବି.ଏସ୍. ପଟ୍ଟନାୟକ, ଆର.ଜେ. ଆଚାରୀ, ଗରିବ ଚନ୍ଦ୍ର ପାଣିଗ୍ରାହୀ, ପ୍ରମୋଦ ଚନ୍ଦ୍ର ପାଢ଼ୀ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଡା. ସାଗର ରଞ୍ଜନ ତ୍ରିପାଠୀଙ୍କ ସମେତ କମିଟି ବହୁ ସଦସ୍ୟ ଉପସ୍ଥିତ ଥିଲେ ।



ଦାବିପତ୍ର ପ୍ରଦାନ ଅବସରରେ ବିଏମ୍‌ସି କାର୍ଯ୍ୟାଳୟ ଆଗରେ କମିଟି କର୍ମକର୍ତ୍ତା ।

> ଡିସେମ୍ବର ପ୍ରଥମ ସପ୍ତାହରୁ ପଦକ୍ଷେପ ନିଆଯିବ : ଜିଲାପାଳ

## ସଂକ୍ଷେପରେ

### ରେଭେନ୍ସା ଇକୋନୋମିକ୍ସ ଆଲୁମ୍‌ନିର ବାର୍ଷିକ ସମ୍ମିଳନୀ ୧୧ରେ

**କଟକ ଅଫିସ, ୮।୧୧:** ରେଭେନ୍ସା ବିଶ୍ୱବିଦ୍ୟାଳୟ ଇକୋନୋମିକ୍ସ ଆଲୁମିନି ଆସୋସିଏଶନର ୫ମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ବିଭାଗର ସଦାନନ୍ଦ ସିହ୍ନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ଅର୍ଥଶାସ୍ତ୍ର ବିଭାଗର ପୁରାତନ ଛାତ୍ରୀଛାତ୍ର, ଅଧାପକ, ବର୍ତ୍ତମାନ କାର୍ଯ୍ୟରତ ଅଧାପକ ଓ ଗବେଷକମାନେ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ। ପୂର୍ବରୁ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅର୍ଥଶାସ୍ତ୍ର ବିଭାଗରେ ଦୁଇଟି ଗବେଷଣା ବୃତ୍ତି ଆରମ୍ଭ କରାଯାଇଥିବାବେଳେ ରେଭେନ୍ସା ଅର୍ଥନୀତି ବିଭାଗର ପ୍ରଥମ ସ୍ନାତକୋତ୍ତର ବ୍ୟାଚ୍‌ର ଛାତ୍ର ସ୍ୱର୍ଗତ ସଦାନନ୍ଦ ସିହ୍ନାଙ୍କ ପରିବାର ତରଫରୁ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷର ପ୍ରତିଷ୍ଠା କରାଯାଇଛି। ତେବେ ବିଭାଗ ପକ୍ଷରୁ ବିଦ୍ୟାର୍ଥୀମାନଙ୍କ ପାଇଁ ସାଧନ କେନ୍ଦ୍ର, ମେଧାବୃତ୍ତି, କର୍ମଶାଳା, ରାଜ୍ୟର ଆର୍ଥିକ ପରାମର୍ଶ କେନ୍ଦ୍ର ସ୍ଥାପନ ଆଦି ଲକ୍ଷ୍ୟ ରଖାଯାଇଥିବାରୁ ଏ ନେଇ ଆଗାମୀ ସମ୍ମିଳନୀ ବେଶ୍ ଗୁରୁତ୍ୱ ବହନ କରିବ ବୋଲି ଆସୋସିଏଶନ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ କହିଛନ୍ତି। ତେଣୁ ସମ୍ମିଳନୀରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଓ ଅଧାପକମାନେ ଯୋଗଦେବାକୁ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୨ରୁ ଗଠିତ ରେଭେନ୍ସା ଇକୋନୋମିକ୍ସ ଆଲୁମିନି ଆସୋସିଏଶନ ବିଶ୍ୱବିଦ୍ୟାଳୟ ଓ ଅର୍ଥଶାସ୍ତ୍ର ବିଭାଗର ବିକାଶ କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି।

ୱାର୍ଲଡ ଟ୍ରାଭେଲ ମାର୍କେଟରେ 'ଓଡ଼ିଶା ପର୍ଯ୍ୟଟନ'

# ଲଣ୍ଡନରେ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର



**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଓଡ଼ିଶା ହକି ବିଶ୍ୱକପ୍‌ର ଆୟୋଜକ ପାର୍ଟନର 'ଓଡ଼ିଶା ପର୍ଯ୍ୟଟନ' ନିକଟରେ ଲଣ୍ଡନରେ ଅନୁଷ୍ଠିତ ୱାର୍ଲଡ ଟ୍ରାଭେଲ ମାର୍କେଟରେ ଅଂଶଗ୍ରହଣ କରି ସେଠାରେ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର କରିଛି। ବିଶ୍ୱ ପର୍ଯ୍ୟଟନ ଶିଳ୍ପକୁ ଓଡ଼ିଶା ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଅବଗତ କରାଇବା ସହ ହକି ବିଶ୍ୱକପ୍‌ର ଆକର୍ଷଣ ସମ୍ପର୍କରେ ବିଦେଶୀ ଟୁର୍ ଅପରେଟର ଓ ଟ୍ରାଭେଲ ଏଜେଣ୍ଟମାନଙ୍କୁ କୁହାଯାଇଛି। ନଭେମ୍ବର ୫ରୁ ୭ ତାରିଖ ପର୍ଯ୍ୟନ୍ତ ଏକ୍ସେଲ ଲଣ୍ଡନ ଏକ୍‌ଜିବିଶନ ସ୍ପେସ୍‌ରେ ଆୟୋଜିତ ଏହି ପର୍ଯ୍ୟଟନ ମେଳାରେ ପ୍ରଥମ ଥର ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ସେ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଓଡ଼ିଶାର ପର୍ଯ୍ୟଟନ ସମ୍ଭଳ ଏବଂ ବିଶ୍ୱସ୍ତରରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ କିଭଳି ନିଜର ସ୍ଥିତି ଜାହିର କରୁଛି, ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ସହନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ ଓ ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକ ଏହି ୱାର୍ଲଡ ଟ୍ରାଭେଲ ମାର୍କେଟରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ସେଠାରେ ପୁଞ୍ଜି ନିବେଶକାରୀ ଓ ପର୍ଯ୍ୟଟନ ଅଧିକାରୀମାନଙ୍କ ସହ ବି୨ବି(b2b) ବୈଠକର ଆୟୋଜନ କରାଯାଇଥିଲା। ଟ୍ରାଭେଲ ମାର୍କେଟରେ ନିର୍ମିତ ଓଡ଼ିଶା ପର୍ଯ୍ୟଟନ ଷ୍ଟଲ୍ କୋଣାର୍କ ମନ୍ଦିର ଆକୃତିର ନିର୍ମିତ ହୋଇଥିଲା। ଏହାସହ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍‌ର ବ୍ରାଣ୍ଡିଂ ମଧ୍ୟ କରାଯାଇଥିଲା।

# ସୁନ୍ଦରୀକୁ ନନ୍ଦନକାନନ ମନା

**ସିଜେଡ୍‌ଏ ଚିଠିକୁ ନେଇ ଅଡୁଆରେ ବନ ବିଭାଗ**

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଆସିଥିବା ସୁନ୍ଦରୀ ବାଘୁଣୀକୁ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ଅଡୁଆରେ ପଡ଼ିଛି। ସୁନ୍ଦରୀକୁ ଜଙ୍ଗଲ ଭିତରେ ରଖିବାରେ ବିଫଳ ହେଉଥିବା ବନ ବିଭାଗ ନନ୍ଦନକାନନରେ ରଖିବାକୁ ନିଷ୍ପତ୍ତି ନେଇଥିଲା। ହେଲେ କେନ୍ଦ୍ର ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍‌ଏ) ବାଘୁଣୀକୁ ନନ୍ଦନକାନନକୁ ସ୍ଥାନାନ୍ତର କରିବାକୁ ରୋକ୍‌ଠୋକ୍ ମନା କରିଦେଇଛି। ଜାତୀୟ ଚିଡ଼ିଆଖାନା ନୀତି (ଏନ୍‌ଜେଡପି)ଅନୁଯାୟୀ କୌଣସି ସ୍ୱତନ୍ତ୍ର ପରିସ୍ଥିତି ନ ଉପୁଜିଲେ ବନ୍ୟ ପ୍ରାଣୀଙ୍କୁ ଜଙ୍ଗଲରୁ ସିଧାସଳଖ ଚିଡ଼ିଆଖାନାକୁ ନିଆଯାଇ ପାରିବ ନାହିଁ। ଏ ନେଇ ସିଜେଡଏ ମେମ୍ବର ସେକ୍ରେଟାରୀ ଡି.ଏନ. ସିଂ ରାଜ୍ୟ ସରକାରଙ୍କ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀଙ୍କୁ ଚିଠି ଲେଖି ଜଣାଇ ଦେଇଛନ୍ତି। ନ୍ୟାଶନାଲ ଜୁ ପଲିସି-୧୯୯୮ ଅନୁଯାୟୀ ପିଲା ଜନ୍ମ ଦେବାକୁ ଥିବା କିମ୍ବା ନୂତନ ବଂଶବିସ୍ତାର ପାଇଁ ରକ୍ତ ଦେବା ନିମନ୍ତେ ବଣରୁ ନନ୍ଦନକାନନକୁ ବନ୍ୟପ୍ରାଣୀମାନଙ୍କୁ ନିଆଯାଇ ପାରିବ। ଜଣେ ବନ୍ୟପ୍ରାଣୀ କାର୍ଯ୍ୟକର୍ତ୍ତାଙ୍କ ଅଭିଯୋଗ ଆଧାରରେ ସିଜେଡଏ ରାଜ୍ୟ ସରକାରଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଏନଜେଡପିକୁ ଆମୂଳଚୂଳ ଅଧ୍ୟୟନ କରି ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ପ୍ରସଙ୍ଗ

# ଆଜି ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ ଭାଜପା ଓ ବିଜେଡିକୁ ସମାଲୋଚନା କରିଛନ୍ତି। ବିଜେଡି ଓ ଭାଜପା ମୁଦ୍ରାର ଦୁଇପାର୍ଶ୍ୱ ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଶୁକ୍ରବାର ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି। ରାତିଅଧିଆ ନିଷ୍ପତ୍ତି ନେବାରେ ଧୁରନ୍ଧର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣକୁ ନଭେମ୍ବର ୮ରେ ଦୁଇ ବର୍ଷ ପୂରଣ ହୋଇଛି। ୨୦୧୬ ନଭେମ୍ବର ୮ରେ ରାତି ଅଧରେ ଏକଚାଟିଆ ନିଷ୍ପତ୍ତି ନେଇ ମୋଦି ୫୦୦ ଓ ୧୦୦୦ଟଙ୍କିଆ ନୋଟ ପ୍ରଚଳନ ବନ୍ଦ କରିଥିଲେ। ଦେଶରେ କଳାଟଙ୍କା କାରବାରକୁ ରୋକିବା, ଜାଲ୍‌ନୋଟ ପ୍ରଚଳନ ବନ୍ଦ କରିବା ଏବଂ ବିଦେଶରେ ଥିବା କଳାଧନ ସ୍ୱଦେଶକୁ ଫେରାଇ ଆଣିବା ଲକ୍ଷ୍ୟରେ ମୋଦି ବିମୁଦ୍ରୀକରଣ କାର୍ଯ୍ୟକାରୀ କରିଥିଲେ। ହେଲେ ତାହା ଶୋଚନୀୟ ଭାବେ ବିଫଳ ହୋଇଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନିରଞ୍ଜନ କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ହିସାବ ଅନୁଯାୟୀ ବିମୁଦ୍ରୀକରଣ ଘୋଷଣା କରାଯିବା ସମୟରେ ଦେଶରେ ୧୫.୪୧ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳିତ ଥିଲା। ବିମୁଦ୍ରୀକରଣ ପରେ ଆର୍‌ବିଆଇ ନିକଟକୁ ତାହାର ପାଖାପାଖି ୯୯.୩ପ୍ରତିଶତ ଅର୍ଥାତ ୧୫.୩୦ ଲକ୍ଷ କୋଟି ଟଙ୍କାର ନୋଟ୍ ଫେରିଲା। ଅବଶିଷ୍ଟ ୧୦,୭୨୦କୋଟି ଟଙ୍କାର ଅଯୋଗ୍ୟ ଘୋଷିତ ନୋଟ୍ ଜମା ହୋଇନାହିଁ। ତେବେ ବିମୁଦ୍ରୀକରଣର ୬ ମାସ ପରେ ବିଦେଶୀ ବ୍ୟାଙ୍କଗୁଡ଼ିକରେ ପାଖାପାଖି ୭ ହଜାର କୋଟି ଟଙ୍କା ଜମା କରାଯାଇଥିଲା ଏବଂ ତାହା କଳାଧନ ବୋଲି ଜାଣିବାକୁ ମିଳିଥିଲା ବୋଲି ନିରଞ୍ଜନ କହିଛନ୍ତି।


**Govt. of India**
**Office of the Principal Chief Commissioner of Income Tax, Odisha Region Aayakar Bhawan, Rajaswa Vihar, Bhubaneswar-751007**

**TENDER CALL NOTICE**

**Dated, Bhubaneswar the 8th November, 2018**

The Principal Chief Commissioner of Income Tax, Bhubaneswar invites sealed quotations from reputed Parties engaged in the business of printing and publishing books in Bhubaneswar for printing Information Hand Book and Table Calendar-2019 for the Income Tax Department, Odisha Region. The quotations in sealed covers should be submitted to the undersigned latest by 22.11.2018 (04.00 PM), as per the format in the tender document available with the ACIT(Hqrs.) (Admn. & Vig.), O/o. Pr. CCIT, Bhubaneswar which can also downloaded from the Departmental Website: www.incometaxindia.gov.in. Interested parties may collect the sample and other information from the undersigned on any working day of the Income Tax Department from 9th November, 2018 onwards between 10.30 A.M to 04.00 PM.

**Sd./- (Arijit Chakraborty)**
**Assistant Commissioner of Income Tax (Hqrs.) (Admn & Vig.)**
**Office of the Pr. Chief Commissioner of Income Tax, Odisha, Aayakarbhawan, RajaswaVihar Bhubaneswar-754007, Tel. No.: 0674-2589466, Mobile No.: 08902198290**

**OFFICE OF THE EXECUTIVE ENGINEER RWSS DIVISION, KEONJHAR**

**INVITATION FOR BIDS**

Eerwss22keonjhar@gmail.com

**Identification No. 30 RWSS/KJR 2018-19**

No. 980-O: The Executive Engineer, RWSS Division, Keonjhar on behalf of Governor of Odisha, invites percentage rate bids in conformity with detailed tender call notice to be eventually drawn in P-1 contract of Govt. of Odisha for the following works from the eligible contractors, registered with State Govt. & contractor of equivalent Grade / class registered with Central Govt. / Railways for execution of following works. The bidders may submit bids for any or all of the following works having experience in similar type of work.

| | | | |
|---|---|---|---|
| 1. | Nature of work | : | External Electrification for Rural Piped Water Schemes in Keonjhar Dist. |
| 2. | No. of tenders | : | 3 (Three) |
| 3. | Cost of tender | : | Rs.4000.00 per each |
| 4. | Value of work | : | Rs.5.15 lakhs to Rs.6.37 lakhs |
| 5. | Class of contractor | : | H.T Licence holder |
| 6. | Last date and time of sale & receipt of tender paper | : | Upto 4.00 PM of 20.11.2018 |
| 7. | Date & time of opening of tender | : | At 4.30 PM of 20.11.2018 |
| 8. | Time of completion of work | : | (As mentioned in DTCN) |

**Sd./- Executive Engineer, RWSS, Keonjhar**

25023/11/0016/1819

**Divisional Engineer Telecom, Telecom Project,**
**At.: Bamper, P.O: Ghutur, Keonjhar-2,**
**Cell No: 9437960944**

BSNL Connecting India

No: DSK/Q-33/53 Dated at Keonjhar, 08.11.2018

**NOTICE**

Notice is issued to **Shri Naresh Kumar Mahakud, Asst Telecom Technician**, office of the Divisional Engineer Telecom, Telecom Project, Keonjhar, son of Shri Chitrasen Mahakud, Village- Dhaladhi, PO/PS- Champua, Dist. Keonjhar for his long unauthorized absence from his place of duty without permission or sufficient cause.

It is hereby notified that Shri Naresh Kumar Mahakud who was working as Asst Telecom Technician is found absent in his appointed place of work since 26.10.2013 without permission or sufficient cause.

Accordingly he was asked to resume in his duty in his available address, but to no avail.

Thereby this notice is issued through daily newspaper for his information to resume his duty on or before 29.11.2018 positively failing which appropriate major departmental action would be initiated against him under provision of Rules for violating Rule-5 of BSNL conduct, Disciplinary and Appeal Rules 2006.

**Sd./- DET, Telecom Project, Keonjhar**

**OFFICE OF THE CHIEF DISTRICT MEDICAL cum PUBLIC HEALTH OFFICER, CUTTACK**
**Department of Health & Family Welfare, Government of Odisha**
Phone/Fax: 0671-2300777

Adv. No.- 13944 Date: 06.11.2018

**Tender Call Notice for Procurement of Drugs, Equipments, Instruments & Consumables**

Sealed tenders are invited from the registered Manufacturer / Authorized Dealer / Authorized Supplier / agencies having valid Drug License certificate, valid GSTIN, PAN clearance for the supply of Drugs, Equipments, Instruments & Consumables to the Office of the CDMO, Cuttack. The tenders shall be received by the undersigned by Speed Post / Courier during the office hour on or before 22.11.2018 by 2.30PM. Any application received beyond the stipulated date & time will not be entertained. The quotations will be opened on 22.11.2018 at 3.30PM. Interested firms / agencies should submit their offer price in the prescribed format in a separate sealed envelope. The details of the tender along with the application form and other terms & conditions are available in the website www.cuttack.nic.in.

The authority reserves the right to cancel / reject all or any tender without assigning any reason thereof.

***Sd./- Chief District Medical cum Public Health Officer, Cuttack***

**GOVERNMENT OF ODISHA**
STEEL & MINES DEPARTMENT
DIRECTORATE OF GEOLOGY, ODISHA
**BHU-BIGYAN BHAWAN, BHUBANESWAR-751001**
Phone : 06742392374, Fax : 06742391776
E-mail : directorgeology_odisha@yahoo.in

**AUCTION SALE NOTICE**

No.09-G: Sealed quotations are invited for disposal of un-serviceable store articles such as G.I. Bucket, G.I. Water Drum, Steel Folding Table, Steel Folding Chair, Camp Cot, Measuring Tapes, Durry, Tarpaulins, Kabuli Pal Tents, Swiss Cottage Tents etc. relating to Prospecting store (Hqrs.) on as is where is basis, in the office premises of Directorate of Geology, Odisha; Bhubaneswar, by auction.

The intending bidders may inspect the articles stored inside the prospecting store for making their own assessment on any working day between **11.00AM to 4.00PM, till 04.12.2018**.

The Auction bid document shall be available on payment of Rs 118.00 (Rupees one hundred eighteen) only in cash at the cash counter of this Directorate from **13.11.2018 to 04.12.2018 up to 4.00PM** or can be downloaded from the Govt. Website **http://www.orissaminerals.gov.in** and submit along with a non-refundable auction fee of Rs. 118/- (Rupees one hundred eighteen) including GST of Rs.18.00 @18%, in shape of DD/ Pay Order drawn on any Scheduled/ Nationalized Bank in favour of Director of Geology, Odisha payable at Bhubaneswar.

**Last date of receipt of the Bids : 05.12.2018 up-to 4.00PM**
**The date of opening of the Bids : 07.12.2018 at 11.30AM.**

30003/11/0003/1819 **DIRECTOR OF GEOLOGY, ODISHA**

**OFFICE OF THE EXECUTIVE ENGINEER**
**Rayagada (R&B) Division No-I, Rayagada, Pin – 765001**
**Phone/Fax:(06856)222149, e-Mail: eepwd765001@gmail.com**
**Quotation Call Notice No. RC(R&B) RGD : 09/2018-19 Dated 05.11.2018**

**No.: 813-B** **No. 4589 Dated.05.11.2018**

1. The Executive Engineer, Rayagada (R&B) Division No-I, Rayagada on behalf of Governor of Odisha invites Sealed quotation in prescribed schedule from the interested reputed Travel Agencies/Tour Operators or private individuals having valid GSTIN and PAN in the name of the firm for providing 1 (One) No. AC / Non-AC bolero or a similar type Diesel driven vehicle having sitting capacity not more than ten including driver, which shall conform to the Terms and conditions of Detailed Quotation Call Notice for the use in the following offices on Monthly rent basis for individual offices.

| Sl. No. | Vehicle Use in the Office | Security Deposit |
|---|---|---|
| 1 | Office of the Superintending Engineer, Rayagada (R&B) Circle, Rayagada | Rs.5000/- |
| 2 | Office of the Executive Engineer, Rayagada (R&B) Division No.-I, Rayagada | Rs.5000/- |

2. The Detailed quotation call notice containing specifications, all other term and conditions can be obtained from the office of the Executive Engineer, Rayagada (R&B) Division on payment of Rs. 100/- (Rupees One hundred) only from 11.00 hours of dt.15.11.2018 to 16.30 hours of dt. 30.11.2018.
3. Quotationers will be provided individually for each vehicle for the above offices.
4. The quotation completed in all respect should be delivered in the tender box having quotation No. RC(R&B)RGD-09/2018-19.
5. The quotation received shall be opened at 11.00 AM of 01.12.2018 in the office of the Executive Engineer, Rayagada (R&B) Division No-I at Rayagada.
6. A sum of Rs 5000/- (Rupees five thousand ) only shall be deposited by the intending bidders in shape of Term Deposit Receipt drawn in favour of the Executive Engineer, Rayagada (R&B) Division No-I, Rayagada payable at Rayagada and submitted along with the tender as security deposit. After completion of tender process, the amount will be refunded to unsuccessful bidders.
7. The other details can be seen in the Detailed Quotation call notice.
8. The authority reserves the right to accept or cancel the above quotation without assigning any reason thereof.

**Executive Engineer**
**Rayagada (R&B) Division No-I**

**34040/11/0041/1819**

**BERHAMPUR MUNICIPAL CORPORATION**

No. 18321/X1-H2-3/2018 Date: 06.11.18

**TENDER CALL NOTICE**

No. 334-C: Sealed tenders are invited to reach by Speed Post / Registered Post only from advertising Firms / Company for **"Auction of Advertisement space and cleaning of solar powered Bus stop"**. The detailed terms & conditions are available at our office webstie **www.berhampur.gov.in**. The last date of receipt of tenders in this office by **17.11.2018, 5.00 PM** and will be opened on **19.11.2018 at 11.00 AM** in the office of undersigned.

The authority reserves the right to accept or reject any tender without assigning any reason thereof.

**Sd./- Commissioner**
13035/11/0146/1819 **Berhampur Municipal Corporation**

INTEGRATED TRIBAL DEVELOPMENT AGENCY, NABARANGPUR

**No. 5893/2018** **Date: 06.11.2018**

**e-Procurement Notice**

**Bid Identification No.ITDANBG-03/18-19**

Bids are invited from the eligible Contractors for Construction of Class Room, Staff Quarter, Dining Hall, Community Center, Hostel Building, Check Dam (12 Nos. of projects) through e-tender process. The details of the tender are available in the website: **https://tendersodisha.gov.in** from 15.00 hours of 06.11.2018 to 17.00 hours of 22.11.2018 for online bidding. The bids received online shall be opened on 11.00 hours of 28.11.2018 in this office. The original bid security, Demand Draft towards cost of bid, GST Certificate and affidavit in original shall be submiteed in this office on or before 17.00 hours of 27.11.2018 by Regd. Post / Speed Post only during office hours.

**Sd./- P.A., ITDA, Nabarangpur**

OFFICE OF THE NAC, DHARAMGARH

**Ph. No. 06672 - 242037**
**E-mail: nacdharmagarh@gmail.com**

No. 1650/NAC(DHM) Dated: 06.11.2018

"E" PROCUREMENT NOTICE

**BID IDENTIFICATION No.:- DHARAMGARH/ NAC/01/2018-19**

Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tenderorissa.gov.in**.

| | | | |
|---|---|---|---|
| 1. | Nature of the work | : | Civil construction work as per DTCN |
| 2. | No. of works | : | 22 Nos. |
| 3. | Estimated cost | : | Rs.1,00,000/- to Rs.7,50,000/- |
| 4. | Period of completion | : | As per DTCN |
| 5. | Date & time of availability of bid documents in the portal | : | From 10.00 hour of 12.11.2018 to 17.00 hour of 22.11.2018 |
| 6. | Last date / time for receipt of bids in the portal | : | 21.11.2018, 17.00 hrs. |
| 7. | Last date of submission of hard copies only via Regd. Post / Speed Post (Not through in private courier / by in hand) | : | 24.11.2018 upto 17.00 hrs. |
| 8. | Bids received online shall be opened | : | 26.11.2018 at 11.00 hour on |
| 9. | Name & address of the officer inviting bid | : | Executive Officer, Dharamgarh NAC |
| 10. | Any addendum / corrigendum /cancellation of tender also be seen only in the portal | | |
| | Further details can be seen from the procurement portal | | www.tenderorissa.gov.in |

**Sd./- Executive Officer**
**Dharamgarh NAC**

JAWAHAR NAVODAYA VIDYALAYA, NAYAGARH
**At: Nabaghanapur, Dist.: Nayagarh, PIN: 752070, Phone: 06753 - 253266**

**TENDER NOTICE No.04/2018-19**

Sealed tenders are invited from the registered and reputed firms for supply of 1. Electrical and Plumbing items, 2. Window glass and Labour charge for fixing of window glass, 3. Vegetable, 4. Sports items, 5. Laboratory items to Jawahar Navodaya Vidyalaya, Nabaghanapur, Nayagarh. The tender forms with all particulars and list of items can be obtained from the office of the undersigned on all working days w.e.f. **10.11.2018** to **27.11.2018** between **9.00 AM to 01.00 PM** on payment of Rs.200/- (non-refundable) for each item. The details can also be downloaded from the Vidyalaya website **www.jnvnayagarh.in** and the cost of the tender paper is to be remitted in shape of bank draft in favour of Principal JNV, Nayagarh, payable at Nayagarh or deposit in the Vidyalaya account and enclose the bank draft / counter foil along with the sealed tender. Last date and time for submission of sealed tender in the tender box kept at Office of the JNV, Nayagarh is at **10.30 AM** on **28.11.2018**. The vidyalaya purchase advisory sub committee meeting will be held on **28.11.2018** at **11.00 AM** in the chamber of the undersigned for opening and finalisation of the tenders. The Chairman PASC reserves the right to reject the tender in whole or in part without assigning any reason thereof. Any dispute in this regard will fall under Nayagarh jurisdiction only.

**Sd./- Principal, JNV, Nayagarh**

**DIRECTORATE OF MEDICAL EDUCATION & TRAINING ODISHA**

**WALK-IN-INTERVIEW FOR JUNIOR RESIDENTS**

No. 15411 Dt.06.11.2018

No.551-E: Elligible candidates are invited to Walk-in-Interview for recruitment for the posts of Junior Residents in Govt. Medical Colleges on contractual / deployment basis. The details of Posts, Mode of Selection, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in** in recruitment to Govt. Medical Colleges section.

10016/11/0046/1819 **Sd./- Jt. DMET, Odisha**

**ଓଡିଶା ରାଜ୍ୟ ଅର୍ଥ ନିଗମ**
**ଓ.ଏମ୍.ପି. ଛକ, କଟକ-୭୫୩୦୦୩**

ବିଜ୍ଞାପନ ନଂ DDAC/୦୬/୧୮-୧୯ **ବିକ୍ରୟ ବିଜ୍ଞାପନ** ତା.୦୮.୧୧.୨୦୧୮

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୨୬.୧୧.୨୦୧୮ ସମୟ ଦିବା ୧୧.୦୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯ୍ୟାଳୟ, ଓ.ଏମ୍.ପି ଛକ, କଟକ-୦୩ ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସମ୍ପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି। ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ ଅସ୍ଥାବର ସମ୍ପତ୍ତିର ବିଶଦବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ। ଟେଣ୍ଡର ଫର୍ମକୁ ସଠିକ୍ ଭାବେ ପୂରଣ କରି ତା ୨୪.୧୧.୨୦୧୮ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ। କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ DDAC ରେ ଉପସ୍ଥିତ ହେବେ ଏବଂ ଯୋଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ ପେ ଅର୍ଡର/ ବ୍ୟାଙ୍କର ଚେକ୍ / ନଗଦଟଙ୍କା ଜମା ଭାବେ ଦେବାକୁ ହେବ। ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ। ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ। ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ ନିଗମ ବ୍ୟାଜ୍ୟାପ୍ତି କରିପାରିବ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ।

**ବିକ୍ରୟ ସମ୍ପତ୍ତିର ବିବରଣୀ**

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ / ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧. | ମେସର୍ସ ଆଖଣ୍ଡଳମଣୀ ଟେକ୍ସଟାଇଲ୍ସ, ଗ୍ରାମ-ସୁକଳ, ପୋଷ୍ଟ-ମନ୍ଧାରୀ, ଥାନା-ବରୀ, ଯାଜପୁର(ଜ.), **ସଂ.ମୂ-ଟ.୪.୪୩ ଲକ୍ଷ (ପାରାଦୀପ ଶାଖା)** | ୨୨,୨୦୦/- |
| ୦୨. | ଶ୍ରୀ ଉମାକାନ୍ତ ସାହୁ ଙ୍କ **Tractor & Trolley Regd. No.OR-04-B-8385. Model-2001 (kept at Central garage Cuttack)**, **ସଂ.ମୂ-ଟ.୦.୭୫ ଲକ୍ଷ (ପାରାଦୀପ ଶାଖା)** | ୩,୮୦୦/- |
| ୦୩. | ମେସର୍ସ ମା କାଳୀ ରାଇସ୍ ମିଲ୍, ଅରଖପୁର, ପୁରୁଷୋତ୍ତମପୁର, ଗଞ୍ଜାମ (ଜ.ଗୃ), **ସଂ.ମୂ-ଟ.୪,୬୧ ଲକ୍ଷ, (ବ୍ରହ୍ମପୁର ଶାଖା)** | ୨୩,୧୦୦/- |
| ୦୪. | ମେସର୍ସ ପଦ୍ମାବତୀ ମଡର୍ଣ୍ଣ ରାଇସ୍ ମିଲ୍, ମୌ-କାଲିମେଳା, ମାଲକାନାଗିରି ଙ୍କ ସ୍ଥାବର ସଂପତ୍ତି (Collateral Security), (ଜ.ଗୃ), **ସଂ.ମୂ-ଟ.୯.୨୫ ଲକ୍ଷ, (ବ୍ରହ୍ମପୁର ଶାଖା)** | ୪୬,୩୦୦/- |

ଋଣ ଗ୍ରହିତା/ ଜାମିନ ଦାତା/ ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତିପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ। ସେ ମଧ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ। ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବ ଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ। ନିଗମ ଋଣ ଗ୍ରହିତା / ଜାମିନ ଦାତା / ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ।

ବି.ଦ୍ର- ବିକ୍ରୟ ବିଜ୍ଞାପନ ଏବଂ ୱେବ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜନୀୟ।

ଜ.ଗୃ.କ.- ଜମି, ଗୃହ ଓ କଳକବ୍‌ଜା
ସଂ.ମୂ- ସଂରକ୍ଷିତ ମୂଲ୍ୟ

**ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ**
**ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ)**
**ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ୍.ପି ଛକ, କଟକ-୩**



ନିର୍ମଳ କୁମାର ମିଶ୍ର

ICC WOMEN'S WORLD T20 WEST INDIES 2018

# ମହିଳା ଟି୨୦ ବିଶ୍ୱକପ୍

**ମହିଳା ଟି୨୦ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ଏଥର ୱେଷ୍ଟଇଣ୍ଡିଜରେ ଖେଳାଯିବ। ଶୁକ୍ରବାରଠାରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟଥର ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ବିଶ୍ୱକପ୍‌ରେ ୩ଥର ଚାମ୍ପିୟନ ହୋଇ ଅଷ୍ଟ୍ରେଲିଆ ସଫଳତମ ଦଳ ସାବ୍ୟସ୍ତ ହୋଇଛି। ଏଥିରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ତେବେ ଏଥର ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପୂର୍ବ ବିଫଳତାକୁ ପଛରେ ପକାଇ ବାଜି ମାରିବା ଲକ୍ଷ୍ୟରେ ରହିଛି..**





ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍। ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ୱେଷ୍ଟଇଣ୍ଡିଜଠାରେ ଖେଳାଯିବ। ଚଳିତ ମାସ ୯ ତାରିଖରେ ଆରମ୍ଭ ହୋଇ ଏହା ୨୪ ତାରିଖରେ ଶେଷ ହେବ। ୧୫ ଦିନ ଧରି ଚାଲିବାକୁଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୨୪ ତାରିଖରେ ଖେଳାଯିବ। ପ୍ରତି ୨ବର୍ଷରେ ଥରେ ଖେଳାଯାଉଥିବା ଏହି ମହିଳା ଟି୨୦ ବିଶ୍ୱକପ୍ ୨୦୦୯ରେ ପ୍ରଥମ ଥର ପାଇଁ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଥର ପାଇଁ ୱେଷ୍ଟଇଣ୍ଡିଜ ବିଶ୍ୱକପ୍ ଏଥର ଆୟୋଜନ କରିବାକୁ ଯାଉଛି। ଆଇସିସି ଦ୍ୱାରା ମଧ୍ୟ ଏହି ମେଗା ଆୟୋଜନ ହେବାକୁ ଅନୁମୋଦିତ ହୋଇଛି। ଆଇସିସି ଏବଂ ଡବ୍ଲୁଆଇସିବିର ମିଳିତ ଆୟୋଜନରେ ଏହା ଖେଳାଯିବ। ମିଳିତ ବାର୍ଷିକ କନ୍‌ଫରେନ୍ସରେ ୨୦୧୩ରେ ଏହି ମେଗା ଇଭେଣ୍ଟ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୫ ମସିହାରେ ଆଇସିସି ଏହି ମହିଳା ବିଶ୍ୱକପ୍ ପାଇଁ ତାରିଖ ଘୋଷଣା କରିଥିଲା। ଏହା ପରେ ୨୦୧୭ ମସିହା ଫେବୃୟାରୀ ମାସରେ ଆଇସିସିର ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ପୁରୁଷ ବିଶ୍ୱକପ୍ ପରି ଏଥିରେ ମଧ୍ୟ ଅମ୍ପାୟର ଡିସିସନ୍ ରିଭ୍ୟୁ ସିଷ୍ଟମକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କ୍ରିକେଟକୁ ଅଧିକ ଲୋକାଭିମୁଖୀ ଓ ଏହାକୁ ସୁଦୂରପ୍ରସାରୀ କରିବା ଆଇସିସିର ଏହି ଅଭିନବ ପ୍ରୟାସକୁ ସ୍ୱାଗତ କରାଯାଇଛି। ସମସ୍ତ ଅନୁବନ୍ଧିତ ଦେଶ ମଧ୍ୟ ଆଇସିସିର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ମହିଳା କ୍ରିକେଟ ପ୍ରେମୀମାନଙ୍କ ଦ୍ୱାରା ଏହା ଆଦୃତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କୁହାଯାଇଛି। ବିଶ୍ୱକପ୍‌ର ଏହି ସଂସ୍କରଣରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟରେ ମୋଟ ୨୩ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଗ୍ରୁପ ପର୍ଯ୍ୟାୟ ଏବଂ ନକ ଆଉଟ୍ ଏମିତି ଦୁଇଟି ପର୍ଯ୍ୟାୟ ଭିତ୍ତିରେ ଏହି ଟୁର୍ନାମେଣ୍ଟ ଖେଳାଯିବ।

ଏହି ମେଗା ଇଭେଣ୍ଟରେ ମୋଟ ୧୦ଟି ଦେଶ ଅଂଶଗ୍ରହଣ କରିବେ। ଆଇସିସି ଟି-୨୦ ମହିଳା ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ସ୍ଥାନରେ ଥିବା ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ନେଦରଲାଣ୍ଡରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଗ୍ରୁପ୍ ଏ' ରେ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଏବଂ ବାଂଲାଦେଶ ସ୍ଥାନ ପାଇଥିବା ବେଳେ ଗ୍ରୁପ ବି'ରେ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୬ରେ ଭାରତରେ ଏହି ବିଶ୍ୱକପ୍‌ର ଗତ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ବିଶ୍ୱକପ୍‌ର ଏହି ପଞ୍ଚମ ସଂସ୍କରଣରେ ୱେଷ୍ଟଇଣ୍ଡିଜ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୮ ଉଇକେଟ୍‌ରେ ହରାଇ ପ୍ରଥମ ଥର ପାଇଁ ଟାଇଟଲ ହାସଲ କରିଥିଲା। ପୂର୍ବରୁ ୨୦୦୯ ମସିହାରୁ ଆରମ୍ଭ ହୋଇଥିବା ଏହି ଟି-୨୦ ବିଶ୍ୱକପରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସର୍ବାଧିକ ୩ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ୨୦୦୯ ମସିହାରେ ଇଂଲଣ୍ଡ ଚାମ୍ପିୟନ ହୋଇଥିବା ବେଳେ ୨୦୧୦, ୨୦୧୨, ୨୦୧୪ ମସିହାରେ ଅଷ୍ଟ୍ରେଲିଆ ଟାଇଟଲ ଜିତିଛି। ସେହିପରି ୨୦୧୬ରେ ୱେଷ୍ଟଇଣ୍ଡିଜ ବାଜି ମାରିଥିଲା। ତେବେ ଏହି ୫ଟି ଯାକ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ରହିନାହିଁ। ବିଶ୍ୱକପ୍‌ର ମ୍ୟାଚଗୁଡ଼ିକ ୱେଷ୍ଟଇଣ୍ଡିଜର ୩ଟି ମୁଖ୍ୟ

## ଭାରତର କାର୍ଯ୍ୟସୂଚୀ

| ମ୍ୟାଚ୍ ନଂ | ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|---|
| ୧ | ୯.୧୧.୨୦୧୮ | ଭାରତ- ନ୍ୟୁଜିଲାଣ୍ଡ | ଗୁୟାନା |
| ୨ | ୧୧.୧୧.୨୦୧୮ | ଭାରତ-ପାକିସ୍ତାନ | ଗୁୟାନା |
| ୩ | ୧୫.୧୧.୨୦୧୮ | ଭାରତ-ଆୟର୍ଲାଣ୍ଡ | ଗୁୟାନା |
| ୪ | ୧୭.୧୧.୨୦୧୮ | ଭାରତ-ଅଷ୍ଟ୍ରେଲିଆ | ଗୁୟାନା |

ଗ୍ରୁପ୍ ଏ: ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ।
ଗ୍ରୁପ୍ ବି: ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଆୟର୍ଲାଣ୍ଡ।

## ଭାରତୀୟ ଦଳ

ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ପୂଜା ବସ୍ତ୍ରାକର, ସ୍ମୃତି ମନ୍ଧାନା,(ଉପ-ଅଧିନାୟିକା),ତାନ୍ୟା ଭାଟିଆ (ଉଇକେଟ କିପର), ଅନୁଜା ପାଟିଲ, ମିଥାଲି ରାଜ, ପୁନମ ଯାଦବ, ଅରୁନ୍ଧତୀ ରେଡୀ, ଜେମିମା ରୋଡ୍ରିଗୁଏଜ, ରାଧା ଯାଦବ, ବେଦା କ୍ରିଷ୍ଣାମୂର୍ତ୍ତି, ଏକତା ବିଷ୍ଟ, ଡି. ହେମଲତା, ମାନସୀ ଯୋଶୀ।

ଷ୍ଟାଡିୟମରେ ଖେଳାଯିବ। ଗୁୟାନା ନ୍ୟାଶନାଲ ଷ୍ଟାଡିୟମରେ ମୋଟ ୧୧ଟି ମ୍ୟାଚ୍ ଖେଳାଯିବ। ସେହିପରି ଡାରେନ୍ ସାମି ଷ୍ଟାଡିୟମରେ ୯ଟି ମ୍ୟାଚ ଏବଂ ସାର ଭିଭିଆନ ରିଚାର୍ଡ ଷ୍ଟାଡିୟମ୍‌ରେ ୩ଟି ମ୍ୟାଚ୍ ଆୟୋଜନ ହେବ। ଏଥିପାଇଁ ଆଇସିସି ପକ୍ଷରୁ ୧୨ଜଣିଆ ଅମ୍ପାୟର ତାଲିକା ଘୋଷଣା କରାଯାଇଛି। ୨ଜଣ ମ୍ୟାଚ୍ ରେଫରିଙ୍କୁ ନିୟୋଜିତ କରାଯାଇଛି। ଭାରତ ପକ୍ଷରୁ ଏକମାତ୍ର ଅମ୍ପାୟର ରୂପେ ନୀତୀନ ମେନନ୍ ମ୍ୟାଚ୍ ପରିଚାଳନା କରିବେ ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି।

୨୦୧୬ରେ ଭାରତରେ ଅନୁଷ୍ଠିତ ହୋଇଥିବା ଏହାର ୫ମ ସଂସ୍କରଣ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ସହିତ ଏକା ସଙ୍ଗେ ବିଭିନ୍ନ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୱେଷ୍ଟଇଣ୍ଡିଜ ଅଷ୍ଟ୍ରେଲିଆକୁ ଫାଇନାଲରେ ହରାଇ ତାର ପ୍ରଥମ ଟାଇଟଲ ହାସଲ କରିଥିଲା। ୱେଷ୍ଟଇଣ୍ଡିଜର ଷ୍ଟାଫେନ୍ ଟେଲର୍ ୬ଟି ମ୍ୟାଚ୍‌ରୁ ୨୪୬ ରନ୍ (୨ଟି ଅର୍ଦ୍ଧଶତକ) କରିବା ସହିତ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ହେବା ସହିତ ଲେଗ୍ କାସପେରେକ୍ ୫ଟି ମ୍ୟାଚ ଖେଳି ୯ଟି ଉଇକେଟ୍ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନ ଥିଲା। ଭାରତ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେବା ସହିତ ୪ଟି ମ୍ୟାଚ ଖେଳି ମାତ୍ର ୨ ପଏଣ୍ଟ ସହିତ ଗ୍ରୁପ 'ବି'ର ୪ର୍ଥ ସ୍ଥାନରେ ରହିଥିଲା। ଭାରତ ଏକମାତ୍ର ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ୭୨ ରନ୍‌ରେ ଜିତିଥିବା ବେଳେ ଡକଓ୍ୱର୍ଥ ଲୁଇସ୍ ନିୟମରେ ପାକିସ୍ତାନଠାରୁ ୨ରନ୍‌ରେ ହାରିଥିଲା। ଇଂଲଣ୍ଡଠାରୁ ୨ ଉଇକେଟ୍‌ରେ ପରାସ୍ତ ହେବା ସହିତ ଚମ୍ପିୟନ ୱେଷ୍ଟଇଣ୍ଡିଜଠାରୁ ମାତ୍ର ୩ ରନ୍‌ରେ ପରାସ୍ତ ହୋଇଥିଲା। ଭାରତୀୟ ମହିଳା ଦଳ ୩ଟି ନିଶ୍ଚିତ ଜିତିବା ମ୍ୟାଚ୍‌କୁ ଅଳ୍ପ ବ୍ୟବଧାନରେ ହାରିବା ଯୋଗୁ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ମାତ୍ର ଦଳ ପକ୍ଷରୁ ହରମନ୍‌ପ୍ରୀତ୍ କୌର, ଏକତା ବିଷ୍ଟ, ମିଥାଲି ରାଜ, ବେଦା କ୍ରିଷ୍ଣମୂର୍ତ୍ତିଙ୍କ ପ୍ରଦର୍ଶନ ବେଶ୍ ସନ୍ତୋଷଜନକ ରହିଥିଲା।

ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପାଇଁ ବିସିସିଆଇ ପକ୍ଷରୁ ଭାରତୀୟ ଦଳ ଘୋଷଣା କରାଯାଇଛି। ବିସିସିଆଇର କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀ ଏବଂ ଚୟନକର୍ତ୍ତାମାନଙ୍କ ଦ୍ୱାରା ହରମନ୍‌ପ୍ରୀତ୍ କୌରଙ୍କ ଅଧିନାୟକତ୍ୱରେ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ବ୍ୟାଟିଂ, ଉଭୟ ପେସ୍ ଏବଂ ସ୍ପିନ ବୋଲିଂକୁ ଦୃଷ୍ଟିରେ ରଖି ଏକ ସନ୍ତୁଳିତ ଦଳ ଗଠନ କରାଯାଇଛି। ଚଳିତ ୬ଷ୍ଠ ସଂସ୍କରଣରେ ଭାରତ ଭଲ ପ୍ରଦର୍ଶନ କରି ଟାଇଟଲ ହାସଲ କରିବାକୁ ପ୍ରୟାସ କରିବ ବୋଲି ଆଶା କରାଯାଇଛି। ଭାରତ ତା'ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଭେଟିବ। ଗ୍ରୁପ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିଲେ ଭାରତ ସେମିଫାଇନାଲକୁ ଉଠିବ।



ସୌଭାଗ୍ୟ କୁମାର ରଥ

# ମାରାଥନ- ଏକ ବୈପ୍ଳବିକ ଜୀବନଶୈଳୀ

Running Marathon

**ଶୀତ ଋତୁ ଆସିଲାଣି । ସକାଳୁ ମଧ୍ୟ କାକର ପଡିଲାଣି । ହାଲୁକା କୁହୁଡିର ଚାଦର ଦେହକୁ ଏକ ଶୀତଳ ଅନୁଭୂତି ପ୍ରଦାନ କରିଛି । ଗଳି ରାସ୍ତାରେ, ଛାତ ଉପରେ ବ୍ୟାଡମିଣ୍ଟନ, କ୍ୟାରମ୍ ଖେଳର ଆସର ଜମିବ । ଶୀତୁଆ ସକାଳ ଲାଗି ଏବେ ମାରାଥନର ମଧ୍ୟ ଅନେକ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି । ଏହା ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଭାରତର ବିଭିନ୍ନ ସହରରେ ଅନୁଷ୍ଠିତ ହେବ...**

ଖ୍ରୀଷ୍ଟପୂର୍ବ ୪୯୦ରେ ପର୍ସିଆ (ଆଧୁନିକ ଇରାନ) ଗ୍ରୀସ୍ ଆକ୍ରମଣ କରିଥିଲା। ଗ୍ରୀସ୍ ସେନା ପର୍ସିଆ ସେନାକୁ ମାରାଥନ ସହର ନିକଟରେ ଅଟକାଇଥିଲା। ଏହି ଯୁଦ୍ଧରେ ପର୍ସିଆ ପରାସ୍ତ ହୋଇଥିଲା। ବିଜୟର ବାର୍ତ୍ତା ନେଇ ଯୁଦ୍ଧ କ୍ଷେତ୍ରରୁ ଦୌଡି ଦୌଡି ଫିଡିପିଡେସ୍ ନାମକ ସୈନିକ ଆସିଥିଲେ ଗ୍ରୀସ୍‌ର ରାଜଧାନୀ ଏଥେନ୍ସକୁ। ମାରାଥନ ସହରରୁ ଏଥେନ୍ସର ଦୂରତା ପ୍ରାୟ ୨୬ ମାଇଲ ବା ୪୨.୧୯୫ କି.ମି. ଥିଲା। ତେବେ ଉତ୍କଣ୍ଠିତ ଗ୍ରାମବାସୀଙ୍କୁ ଏହି ଖୁସି ଖବର ଜଣାଇବାର ଅଳ୍ପ ସମୟ ପରେ ଫିଡିପିଡେସଙ୍କର ମୃତ୍ୟୁ ଘଟିଥିଲା। ଏହି ବୀର ସୈନିକଙ୍କ ସ୍ମୃତି ରକ୍ଷାକରି ଗ୍ରୀସ୍‌ରେ ତା' ପରବର୍ଷଠାରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଅଲିମ୍ପିକ୍ସରେ ମାରାଥନ ପ୍ରତିଯୋଗିତାକୁ ସାମିଲ କରାଯାଇଥିଲା। ପ୍ରଥମ ମାରାଥନ ପ୍ରତିଯୋଗିତାରେ ୨୫ଜଣ ଭାଗ ନେଇଥିବା ବେଳେ ଏଥିରେ ସ୍ପିରିଡିନ୍ ନାମକ ଜଣେ ଡାକକର୍ମଚାରୀ ବିଜୟୀ ହୋଇଥିଲେ। ସେହିବର୍ଷଠାରୁ ଗ୍ରୀସ୍‌ରେ ଏହି କ୍ରୀଡ଼ା ଆୟୋଜନ ହୋଇଆସୁଛି। ଆଧୁନିକ ଯୁଗରେ ମଧ୍ୟ ମାରାଥନ ଦୌଡକୁ ଅଲିମ୍ପିକ୍ସରେ ସାମିଲ କରାଯାଇଛି।

ମାରାଥନକୁ ଲୋକାଭିମୁଖୀ କରିବା ପାଇଁ ଆଜିକାଲି ପୃଥିବୀର ବିଭିନ୍ନ ସହରରେ ଅଲଗା ଅଲଗା ଉପାୟରେ ଏହା ଅନୁଷ୍ଠିତ ହେଉଛି। ଆମ ଦେଶରେ ମଧ୍ୟ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ପୁଣେ, ବେଙ୍ଗାଲୁରୁ, ହାଇଦ୍ରାବାଦରେ ମାରାଥନ ଅତି ଉତ୍ସାହରେ ଅନୁଷ୍ଠିତ ହେଉଛି। ଏପରି କି ସମୁଦ୍ରପତ୍ତନର ୧୧,୫୦୦ ଫୁଟ୍ ଉଚ୍ଚ ଲଦାଖରେ ପୃଥିବୀର ସର୍ବୋଚ୍ଚ ମାରାଥନ, ମହାରାଷ୍ଟ୍ରର ସତାରାଠାରେ ରାତ୍ରିକାଳୀନ ମାରାଥନ, କାବେରୀ ନଦୀ କୂଳେ କୂଳେ ନଦୀ-ମାରାଥନ, ନୀଳଗିରି ଏବଂ ମହାବଳେଶ୍ୱର ଦୁର୍ଗମ ରାସ୍ତାରେ ହିଲ୍-ମାରାଥନ, ରାଜସ୍ଥାନର ଜୟପୁରଠାରେ ଗ୍ରୀଷ୍ମକାଳୀନ ମାରାଥନ ଆୟୋଜନ କରି ମାରାଥନକୁ ନୂଆ ରୂପ ଦେବାରେ କରାଯାଉଥିବା ପ୍ରୟାସ ବେଶ୍ ସଫଳ ହୋଇଛି। ଏହି ମାରାଥନଗୁଡ଼ିକ ଅଧିକ ରୋମାଞ୍ଚକ ଓ ଆହ୍ୱାନପୂର୍ଣ୍ଣ ହୋଇପାରୁଛି।

ଏଥିରେ ଦେଶ ବିଦେଶରୁ ହଜାର ହଜାର ଧାବକ ଅଂଶଗ୍ରହଣ କରୁଛନ୍ତି। ମାରାଥନର ବିବିଧତା ଗୋଟିଏ ସହରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହେଉଛି। ପଶ୍ଚିମ ଓ ଦକ୍ଷିଣ ଭାରତର ବିଭିନ୍ନ ସହରରେ ପ୍ରାୟ ପ୍ରତ୍ୟେକ ସପ୍ତାହରେ ମାରାଥନ ଅନୁଷ୍ଠିତ ହେଉଥିବା ବେଳେ ଆମ ସ୍ମାର୍ଟ ସହର ଭୁବନେଶ୍ୱରରେ କେବଳ ହାଫ୍ ମାରାଥନ (୨୧ କି.ମି.) ଏବଂ ଅଳ୍ପ ଦୂରତାବିଶିଷ୍ଟ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

ଅଧିକାଂଶ ମାରାଥନ ବଡ଼ ଓ ଛୋଟ ଅନୁଷ୍ଠାନ ତଥା କମ୍ପାନୀମାନେ ଆୟୋଜନ କରିଥାନ୍ତି। ଏଥିରେ ଆବାଳ ବୃଦ୍ଧ ବନିତା ଅଂଶଗ୍ରହଣ କରିଥାନ୍ତି। ତେବେ ୪୨ କି.ମି. ଦୌଡିବା ଏତେ ସହଜ ନୁହଁ। ସେଥିପାଇଁ ଦୀର୍ଘଦିନର ଅଭ୍ୟାସ ଦରକାର। ଆମ ମଧ୍ୟରୁ ଅଧିକାଂଶ ଲୋକ ଗୋଟିଏ କିଲୋମିଟର ବି ଦୌଡିପାରିବେ ନାହିଁ। ତେଣୁ ମାରାଥନ ପାଇଁ ଦୌଡକୁ ଏକ ଅଭ୍ୟାସରେ ପରିଣତ କରିବାକୁ ହେବ। ଧୀରେ ଧୀରେ ୫ ମିନିଟ୍, ୧୦ ମିନିଟ, ୩୦ ମିନିଟ, ୧ ଘଣ୍ଟା ଓ ତଦୂର୍ଦ୍ଧ୍ୱ ସମୟ ଦୌଡିବା ଅଭ୍ୟାସ ଦ୍ୱାରା ହିଁ ସମ୍ଭବ। ଶୀତର ସକାଳ ଏଥିପାଇଁ ପ୍ରକୃଷ୍ଟ। ସେହି ବେଗରେ ମାରାଥନ ଦୌଡିବା ଉଚିତ, ଯେଉଁଥିରେ ଜଣେ ଲୋକ ଧଇଁସଇଁ ହେବନି ଓ କଥା ମଧ୍ୟ କହିପାରୁଥିବେ।

ସପ୍ତାହେ ଅଭ୍ୟାସ କଲେ ନିଜର ପ୍ରକୃତ ବେଗ ଜଣେ ନିଜେ ଜାଣିପାରିବ। ଏଥିପାଇଁ ହାଲୁକା ସୂତାବସ୍ତ୍ର ଏବଂ ରବର ଜୋତା ପିନ୍ଧି ପଡିଆ କିମ୍ବା ରାସ୍ତାରେ ବାହାରିଯିବା ଉଚିତ୍। ଏକୁଟିଆ କିମ୍ବା ଛୋଟ ଦଳରେ ଦୌଡିଲେ ଧ୍ୟାନ କେବଳ ଦୌଡ ଉପରେ ସ୍ଥିର ରହିବ। ଏଥିପାଇଁ ବୟସ, ଓଜନ କିମ୍ବା ଲିଙ୍ଗଗତ କୌଣସି ବାଧା ରହିବା ଉଚିତ୍ ନୁହଁ। କାରଣ ସମସ୍ତଙ୍କ ଶରୀର ବୟସଗତ ତଥା ଜୀବନଶୈଳୀଗତ ରୋଗ ଏକ ସାଧାରଣ ସମସ୍ୟା ରୂପେ ଦେଖା ଗଲାଣି। ହାତ ପାହାନ୍ତାରେ ପାଣି, ଖାଦ୍ୟ, ଗାଡ଼ି ଓ ଆରାମ ମିଳୁପାରୁଥିବାରୁ ଆଉ କାହାକୁ ଝାଳ ବୁହାଇବାକୁ ପଡିବ ନାହିଁ। ତେବେ ଶରୀର ପ୍ରତି ଦୈନିକ ସାମାନ୍ୟ ଧ୍ୟାନ ଦେଲେ ଜୀବନ ନୀରୋଗ ଓ ସୁଖୀ ହୋଇପାରିବ। ଅନେକ ଲୋକଙ୍କୁ ୪୦ ବର୍ଷ ପରେ ଡାକ୍ତରୀ ପରାମର୍ଶ ଅନୁଯାୟୀ ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟରଲ, ଥାଇରଏଡ ପ୍ରଭୃତି ରୋଗର ନିଦାନ ସ୍ୱରୂପ ଅଳ୍ପ ଚାଲିବାକୁ ବାଧ୍ୟ କରାଯାଉଛି। ଆମେ ଯଦି ବେଳହୁଁ ସାବଧାନ ହେବା, ତେବେ ଏସବୁ ରୋଗ ପାଖ ମାଡିବ ନାହିଁ। ଏହାର ଏକ ସରଳ ଉପାୟ ହେଲା- ଦୌଡିବା, ଧୀରେ ଧୀରେ ଦୌଡିବା, ସବୁଦିନ ଦୌଡିବା। କାରଣ ଏହା ନିଃ ଶୁଳ୍କ ଓ ଅତ୍ୟନ୍ତ ଲାଭଦାୟକ, ଏଥିରେ ଆଣ୍ଠୁ ବା ଦେହ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ।

ତେବେ ଏଠି ପ୍ରଶ୍ନ ଉଠେ ଯେ, ଆମେ ଦୌଡବା ଯାଏଁ ଠିକ୍ ଅଛି। ମାରାଥନ ପ୍ରତିଯୋଗିତାରେ ଭାଗନେବା କାହିଁକି? ଏହାର ସରଳ ଉତ୍ତର ହେଲା ମାରାଥନ ପାଇଁ ପ୍ରସ୍ତୁତି ୩ ମାସ ଆଗରୁ ଆରମ୍ଭ ହୁଏ। ନିଜକୁ ନିଜେ ଆହ୍ୱାନ ଦେଇ ଧୀରେ ଧୀରେ ଆମେ ୫ କି.ମି. ବା ୧୦ କି.ମି. ଦୂରତାର ଲକ୍ଷ୍ୟ ହାସଲ କରିପାରିବା। ଏହି ପ୍ରତିଯୋଗିତାରେ ଆଜିକାଲି ଅନେକ ଲୋକ ଅଂଶଗ୍ରହଣ କଲେଣି। ପ୍ରତ୍ୟେକ ବ୍ୟକ୍ତି ଯିଏ, ଧାର୍ଯ୍ୟ ସମୟ ମଧ୍ୟରେ ମାରାଥନ ଦୂରତା ଅତିକ୍ରମ କରନ୍ତି, ସେମାନେ ଜଣେ ଜଣେ ବିଜେତା। କାରଣ ମାରାଥନର କଷ୍ଟସାଧ୍ୟ ଦୌଡ ପରେ ଏକ ଅନନ୍ୟ ଆତ୍ମସନ୍ତୋଷ ମିଳିଥାଏ। ତେବେ ଏ ଶୀତ ଋତୁରେ ଆମେ ଏକ ମାରାଥନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜେ ନୀରୋଗ ରହିବାକୁ ପ୍ରୟାସ କରିବା।



## ହାଇ ଥିଙ୍କିଙ୍ଗ୍



ଟିମ୍ ଇଣ୍ଡିଆର ରାଜା ଯିଏ ଥିଲା
ଦେଖୁଥା ଫକୀର ସାଜି
ଆହୁଜା ମାଇକ୍ ପରି ବାଜୁଥିଲା
ଫମ୍ପା ଶବ୍ଦ ତା'ର ଆଜି
ବାରଟି ମ୍ୟାଚ୍‌ରେ ପାଜି
ଦୁଇଶ ବାଉନ ଆଭରେଜ୍‌ରେ ସେମ୍
ରନ୍ କରିଛି ଗର୍ଜି ।।।୧

ହକି ଉଦ୍‌ଘାଟନୀ ସମାରୋହ ପାଇଁ
ଆଠଶହ କଳାକାର
ଏ.ଆର. ରହମାନ ନେତା ମନ୍ତ୍ରୀ ଯନ୍ତ୍ରୀ
ହିରୋଇନ୍ ପୁଣି ହିରୋ
ହକି ୱାର୍ଲ୍ଡ କପ୍ ଜ୍ୱର
ଶହେଚାରି ଡିଗ୍ରୀ ଭାଇରାଲ ବାସେ
ରାଜ୍ୟ ରାଜଧାନୀ ମୋର ।।।୨

କ୍ରିକେଟ ପରିକା ନ୍ୟାଶନାଲ କ୍ରୀଡ଼ା
ହକି ପପୁଲାର ହେବ
ରାଇଜର କ୍ରୀଡ଼ା, କଳା ଓ ସାହିତ୍ୟ
ମଉକାରେ ଚହଟିବ
ହାଇ ଥିଙ୍କିଙ୍ଗରେ ନାବ
ଇଣ୍ଡିଭିଜୁଆଲ ସହ ଦେଶ ଜାତି
ଶୀର୍ଷରେ ପହଞ୍ଚେ ଭାବ ।।।୩

-ସୁବାସ ଚନ୍ଦ୍ର ପ୍ରଧାନ

## ସଂକ୍ଷେପରେ

### ଆର୍‌ବିଆଇ- କେନ୍ଦ୍ର ବିବାଦ

### ଅର୍ଥ ମନ୍ତ୍ରୀଙ୍କୁ ଗଭର୍ନର ଅଣଦେଖା କରିପାରିବେନି: ମନମୋହନ ସିଂ

ନୂଆଦିଲ୍ଲୀ,୮-୧୧: ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ରିଜର୍ଭ ବ୍ୟାଙ୍କର ବିବାଦ ଉପରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ.ମନମୋହନ ସିଂ ସରକାରଙ୍କ ସପକ୍ଷରେ ମତପ୍ରକାଶ କରିଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରୀ ସର୍ବଦା ବଡ଼, ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ତାଙ୍କୁ ଅଣଦେଖା କରିପାରିବେନି ବୋଲି ସେ ମତ ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କକୁ ତାଙ୍କ କଥା ଶୁଣିବାକୁ ହେବ ବୋଲି ସେ କହିଛନ୍ତି। ନିଜ କନ୍ୟା ଦାମନ ସିଂଙ୍କ ଦ୍ୱାରା ଲିଖିତ ପୁସ୍ତକ' ଷ୍ଟ୍ରିକ୍‌ଲି ପର୍ସନାଲ:ମନମୋହନ ଆଣ୍ଡ୍ ଗୁରଶରଣ'ର ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ସେ କହିଛନ୍ତି ଯେ, ସର୍ବଦା ଦେବା ନେବାର ନୀତି ଆପଣାଇବାକୁ ପଡିବ। ଯେକୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାରଙ୍କୁ ଆଗୁଆ କହିବାକୁ ହେବ ଏବଂ ତାଙ୍କର ବିଶ୍ୱାସ ଅର୍ଜନ କରିବାକୁ ହେବ। ରିଜର୍ଭ ବ୍ୟାଙ୍କର ଗଭର୍ନର କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କଠାରୁ ବଡ଼ ନୁହନ୍ତି। ଅର୍ଥମନ୍ତ୍ରୀ ଚାହୁଁଥିଲେ ଏହାକୁ ଗଭର୍ନର ମନା କରିପାରିବେନି। ସରକାରଙ୍କ ଇଚ୍ଛାକୁ ନ ମାନିଲେ ତାଙ୍କୁ ନିଜ ପଦରୁ ଇସ୍ତଫା ଦେବାକୁ ପଡିବ। ସେ ଗଭର୍ନର ଥିବା ବେଳେ କେନ୍ଦ୍ର ସରକାରଙ୍କ ସହ ତାଙ୍କର କଥୋପକଥନକୁ ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ସହ ମତଭେଦ କାରଣରୁ ଡ.ସିଂ ଥରେ ଇସ୍ତଫା ଦେବାକୁ ଚିନ୍ତା କରିଥିଲେ ବୋଲି ବହିରେ ଉଲ୍ଲେଖ କରାଯାଇଛି।

### ଦେଶ ହିତରେ ମତଭେଦ ଦୂର ହେଉ:ପାନଗାରିୟା

ନୂଆଦିଲ୍ଲୀ,୮-୧୧: ରାଷ୍ଟ୍ର ହିତରେ ଉଭୟ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ନରମ ମନୋଭାବ ପୋଷଣ କରନ୍ତୁ ଏବଂ ମତଭେଦକୁ ଦୂର କରନ୍ତୁ ବୋଲି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ସେ କହିଛନ୍ତି ଯେ, ଆଇନଗତ ଭାବେ ଆମେରିକାର ଫେଡେରାଲ ବ୍ୟାଙ୍କ ତୁଳନାରେ ଭାରତୀୟ ରିଜର୍ଭ ବ୍ୟାଙ୍କ କମ୍ ସ୍ୱାଧୀନ। ତେବେ ପ୍ରଭାବ ଦୃଷ୍ଟିରୁ ଦେଖିଲେ ଦୁହେଁ ସମାନ ସ୍ତରରେ ରହିଛନ୍ତି। ତେବେ ଦେଶ ହିତରେ ମତଭେଦକୁ ତୁରନ୍ତ ଦୂର କରି ଏକାଠି କାମ କରିବାକୁ ହେବ ବୋଲି ସେ କହିଛନ୍ତି।

### ସିପେଟ ସିଏସ୍‌ଟିଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

**ଭୁବନେଶ୍ୱର, ୮-୧୧:** ସିପେଟ୍ ସିଏସ୍‌ଟିଏସ୍ ପକ୍ଷରୁ ରାଷ୍ଟ୍ରିୟ ଏକତା ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ମଞ୍ଚନାଥଦେବ ହାଇସ୍କୁଲର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିପେଟ୍ ସିଏସ୍‌ଟିଏସ୍‌ର କେନ୍ଦ୍ର ପରିଚାଳିକା ସୁଶ୍ରୀ ନିହାରିକା ପରିଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଲ୍ କୁମାର ପରିଡା, ସିପେଟ୍ ସିଏସ୍‌ଟିଏସ୍‌ର ଗ୍ଲାଲିୟର କେନ୍ଦ୍ର ପ୍ରଭାରୀ ସଞ୍ଜୟ କୁମାର ଚୌଧୁରୀ, କର୍ପୋରେଟର ନିର୍ମଳ ଚନ୍ଦ୍ର ରାଉତ ଏବଂ ଜୟନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସତର୍କତା ସଚେତନତା ସପ୍ତାହ

**ଭୁବନେଶ୍ୱର,୮-୧୧:** ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଚଳିତ ବର୍ଷ ଦେଶ ଗଠନ ଲାଗି ଦୁର୍ନୀତିର ମୂଳୋତ୍ପାଟନ ଥିମ୍‌ରେ ଏହି ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପ୍ରଧାନଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ।


### ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ଭୁବନେଶ୍ୱର,୮-୧୧:** ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କ କର୍ମଚାରୀଙ୍କ ଡିଏ, ପେନଶନ ପୁନଃ ନିର୍ଦ୍ଧାରଣ, ପରିବାର ପେନଶନ, ସର୍ବୋଚ୍ଚ ନ୍ୟାୟାଳୟରେ ଥିବା ମାମଲା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ସ୍ୱରୂପ ଚନ୍ଦ୍ର ଦାସ, ବି.କେ ଦାଶ, ମହେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ନାଥ ରାଉତ, ଇ.ଇଶ୍ୱରୀ ପ୍ରଶାଦ, ଗୋକୁଳ ଦାସ ପ୍ରମୁଖ ଅଂଶ ଉପସ୍ଥିତ ଥିଲେ।

"ଆସନ୍ତାବର୍ଷ ଟେସ୍‌ଲା କମ୍ପାନୀ ଭାରତରେ ଆଂଶିକ ଭାବେ ପ୍ରବେଶ କରିବ। ଉତ୍ତର ଆମେରିକା, ଚାଇନା ଏବଂ ୟୁରୋପ ବଜାର ପରେ ଅନ୍ୟ ଦେଶରେ କମ୍ପାନୀର ବିସ୍ତାର ପାଇଁ ନିର୍ଦ୍ଦେଶ ଦିଆଯାଇଛି।
– ଏଲନ ମସ୍କ, ସିଇଓ, ଟେସ୍‌ଲା ମୋଟର୍ସ



"ଚାଇନା ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହୋଇଛି। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ସେମାନଙ୍କ ପାଇଁ ଟିକସ କୋହଳ କରିବେ। ଏହାଛଡା ସେମାନଙ୍କୁ ଅଧିକ ପାଣ୍ଠି ଯୋଗାଇ ଦିଆଯିବ।
–ସି. ଜିନପିଙ୍ଗ, ରାଷ୍ଟ୍ରପତି, ଚାଇନା



## ■ ବିମୁଦ୍ରୀକରଣକୁ ପୂରିଲା ୨ ବର୍ଷ

# ସଫଳତା କମ୍, ବିଫଳତା ବେଶି

ନୂଆଦିଲ୍ଲୀ,୮-୧୧





ଗୁରୁବାର ବିମୁଦ୍ରୀକରଣକୁ ୨ ବର୍ଷ ପୂରିଲା। ଦେଶବାସୀ ଏଥିଯୋଗୁ କ'ଣ ପାଇଲେ ଅବା ହରେଇଲେ ତାହା ସମୟ କହିବ। ତେବେ ବିମୁଦ୍ରୀକରଣର ଦ୍ୱିତୀୟ ବର୍ଷ ପାଳନ ଅବସରରେ ହିସାବ କଲେ ସଫଳତା କମ୍ ବିଫଳତା ଅଧିକ ବୋଲି ଜଣାପଡୁଛି। ଦୁଇ ବର୍ଷ ପୂର୍ବେ ଆଜିର ଦିନରେ କେନ୍ଦ୍ର ସରକାର ଏହାକୁ ଘୋଷଣା କରିଥିଲେ। ଏହାଦ୍ୱାରା ଦେଶର ଅର୍ଥନୀତିରୁ କଳାଧନ ଦୂରେଇ ଯିବ, ଆତଙ୍କବାଦୀଙ୍କୁ ମିଳୁଥିବା ଟଙ୍କା ଆସିବା ବନ୍ଦ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା ଯୁକ୍ତି ବାଢ଼ିଥିଲେ, ତାହା ସଫଳ ହୋଇ ନାହିଁ। ଆଜି ମଧ୍ୟ କଳାଧନ ସୃଷ୍ଟି ହୋଇଚାଲିଛି ଏବଂ ଟେରର ଫଣ୍ଡିଂ ବା ଆତଙ୍କବାଦୀଙ୍କୁ ଯଥାରୀତି ଅର୍ଥ ମିଳୁଛି। ଫଳସ୍ୱରୂପ ଜମ୍ମୁ-କଶ୍ମୀରରେ ପଥରଫିଙ୍ଗିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱିଗୁଣିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ରିଜର୍ଭ ବ୍ୟାଙ୍କର ତଥ୍ୟରୁ ଜଣାପଡେ ଯେ, ବିମୁଦ୍ରୀକରଣ ପରେ ୯୯.୩% ଅଚଳ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରି ଆସିଛି। ଅର୍ଥାତ୍ ସ୍ୱଳ୍ପ ପରିମାଣ ଜାଲ୍ ନୋଟ୍, କଳାଧନ ଫେରିନି। ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ଯୋଗୁ ଦେଶରେ ନଗଦ ଅର୍ଥ ସଙ୍କଟ ସୃଷ୍ଟି ହେଲା। ଲୋକେ ନିଜର ସଞ୍ଚିତ ଅର୍ଥ ଜମା କରିବାକୁ ଘଣ୍ଟା ଘଣ୍ଟା ଧରି ଭୋକ ଉପାସରେ ବ୍ୟାଙ୍କ ଆଗରେ ଧାଡିବାନ୍ଧି ଛିଡା ହେବାକୁ ବାଧ ହେଲେ। କାମଧନ୍ଦା ବନ୍ଦ ହୋଇଗଲା। କାରଖାନା, ଉଦ୍ୟୋଗ ଜଗତ ସ୍ଥାଣୁ ପାଲଟିଲା। ଫଳସ୍ୱରୂପ ଜିଡିପି ବା ଆର୍ଥିକ ଅଭିବୃଦ୍ଧି ୧.୫% ହ୍ରାସ ପାଇଲା। ବିମୁଦ୍ରୀକରଣ ପ୍ରଭାବରେ କ୍ଷୁଦ୍ର ଶିଳ୍ପ, ଛୋଟ ଉଦ୍ୟୋଗ ଅଚାନକ ବନ୍ଦ ହେଲା। ଏହି ସମୟରେ ପ୍ରାୟ ୧୧୫ ଜଣଙ୍କ ମୃତ୍ୟୁ ହେଲା। ବିବାହ, ବ୍ରତ, ଯାନିଯାତ ସବୁ ବନ୍ଦ ହୋଇଗଲା। ଲୋକେ ତ୍ରାହି ତ୍ରାହି ଡାକିଲେ। ନଗଦ ଅର୍ଥ ସଙ୍କଟ ଦୂର କରିବାକୁ କେନ୍ଦ୍ର ସରକାର ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ବଜାରକୁ ଛାଡିଲେ। ଏହି ନୂଆ ନୋଟ୍ ପାଇଁ ଏଟିଏମ୍‌ଗୁଡିକୁ ସଜଡା ନ ଯିବାରୁ ଲୋକେ ତାହା ମଧ୍ୟ ପାଇବାରେ ଅସୁବିଧା ଭୋଗିଲେ। ନୂଆ ନୋଟ୍ ପାଇଁ ମଧ୍ୟ ବ୍ୟାଙ୍କରେ ଲମ୍ବାଧାଡି ଦେଖିବାକୁ ମିଳିଲା। ସରକାର କଳାଧନ ସୃଷ୍ଟିକୁ ବନ୍ଦ କରିବା ପାଇଁ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ। କିନ୍ତୁ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ କଲେ। ଏହାକୁ ବହୁ ଅର୍ଥନୀତିଜ୍ଞ ସମାଲୋଚନା କଲେ। କାରଣ କଳାଧନ ମହଜୁଦକାରୀଙ୍କୁ ବଡ଼ ନୋଟ୍ ରଖିବା ସୁବିଧା ହେବ ବୋଲି ସେମାନେ ଯୁକ୍ତି ଦର୍ଶାଇଲେ। ବିମୁଦ୍ରୀକରଣକୁ ସଫଳ କରିବାକୁ ଯାଇ ନୂଆ ନୋଟ୍ ଛାପିବା ତଥା ଏହାକୁ ବ୍ୟାଙ୍କରେ ପହଞ୍ଚାଇବା ପାଇଁ ରିଜର୍ଭ ବ୍ୟାଙ୍କ ପ୍ରାୟ ୧୩ ହଜାର କୋଟି ଟଙ୍କା ବ୍ୟୟ କଲା। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି ପକ୍ଷରୁ କୁହାଯାଇଛି ଯେ, ବିମୁଦ୍ରୀକରଣ ପରେ ୧୫ ଲକ୍ଷ କର୍ମଚାରୀ ନିଯୁକ୍ତି ହରାଇଲେ।

ଅନ୍ୟପକ୍ଷରେ ବିମୁଦ୍ରୀକରଣ ସଫଳ ହୋଇଛି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଯୁକ୍ତି ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ଖାଦ୍ୟ ପଦାର୍ଥ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ହ୍ରାସ ପାଇବା ଯୋଗୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ମନି ଲଣ୍ଡରିଂ ପ୍ରାୟତଃ ହ୍ରାସ ପାଇଛି ଏବଂ ଏହା ଉପରେ ସରକାର ତୀକ୍ଷ୍ଣ ନଜର ରଖିପାରୁଛନ୍ତି। ବିମୁଦ୍ରୀକରଣର ଦୁଇ ବର୍ଷ ପରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାର ସଫଳତା ସମ୍ପର୍କରେ ଜଣାଇଛନ୍ତି। ବିମୁଦ୍ରୀକରଣ ଜରିଆରେ ନଗଦକୁ ଜବତ କରିବା ନୁହେଁ ବରଂ ଏହାକୁ ଦେଶର ଅର୍ଥନୀତିରେ ସାମିଲ କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ଥିଲା। ଦେଶର ଅର୍ଥନୀତିକୁ ଠିକ୍ ରାସ୍ତାରେ ଆଣିବା ଲାଗି ସରକାର ନେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭିତରେ ଏହା ଅନ୍ୟତମ ଥିଲା। ନଗଦ ଅର୍ଥକୁ ଜବତ କରିବା ବଦଳରେ ଅଧିକ ଟିକସ ଆଦାୟ ସରକାରଙ୍କ ଉଦ୍ଦେଶ୍ୟ ଥିଲା। ବିମୁଦ୍ରୀକରଣ ପରେ ଟିକସ ଫାଙ୍କିବା ଏବେ କଷ୍ଟକର ହୋଇପଡିଛି ବୋଲି ସେ କହିଛନ୍ତି। ଲୋକେ ଘରେ ସାଇତି ରଖିଥିବା ଟଙ୍କାକୁ ବ୍ୟାଙ୍କରେ ଜମା କରିବାକୁ ବାଧ ହେଲେ। ଫଳସ୍ୱରୂପ ୧୭.୪୨ ଲକ୍ଷ ସନ୍ଦେହଜନକ ଆକାଉଣ୍ଟ ସମ୍ପର୍କରେ ସରକାର ଜାଣିପାରିଲେ। ବ୍ୟାଙ୍କରେ ବଡ଼ ସଂଖ୍ୟାରେ ଟଙ୍କା ଜମା ହେବା କାରଣରୁ ସେମାନେ ଅଧିକ ମାତ୍ରାରେ ଋଣ ଦେବାକୁ ଅର୍ଥ ପାଇଲେ। ଖାଲି ଏତିକି ନୁହେଁ ଏଥିଯୋଗୁ ଦେଶରେ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିଛି। ଆର୍ଥିକ ବର୍ଷ ୨୦୧୮-୧୯(୩୧ ଅକ୍ଟୋବର, ୨୦୧୮ପର୍ଯ୍ୟନ୍ତ) ଗତ ବର୍ଷ ଅପେକ୍ଷା ୨୦.୨% ଅଧିକ ଆୟକର ଆଦାୟ ହୋଇଛି। ସେହିପରି କର୍ପୋରେଟ୍ ଟିକସ ଆଦାୟ ମଧ୍ୟ ୧୯.୫% ବଢ଼ିଛି। ଅନ୍ୟପକ୍ଷରେ ୨୦୧୪ରେ ପ୍ରତ୍ୟକ୍ଷ ଟିକସ ଆଦାୟ ୬.୬% ଏବଂ ୨୦୧୫ରେ ଏହା ୯% ଥିଲା। ଦେଶ ଏବେ ଡିଜିଟାଲ ଆଡକୁ ଅଗ୍ରସର ହେଉଥିବାରୁ କଳାଧନ ସୃଷ୍ଟି ହେବା ମାତ୍ରେ ସରକାର ତୁରନ୍ତ ଏହା ଜାଣିପାରୁଛନ୍ତି।

### କେଉଁ କ୍ଷେତ୍ରରେ କ'ଣ ପ୍ରଭାବ...

ବିମୁଦ୍ରୀକରଣକୁ ଏହା ମଧ୍ୟରେ ଦୁଇ ବର୍ଷ ପୂରଣ ହୋଇଛି। ଏହା ସଫଳତା ଏବଂ ବିଫଳତାକୁ ନେଇ ଅନେକ ତର୍କ ବିତର୍କ ଦେଖା ଦେଇଥିଲା। ବଜାର ସ୍ଥିତିରେ ଏବେ ସୁଧାର ଆସିଥିବା ବେଳେ ଗତ ଦୁଇ ବର୍ଷ ମଧ୍ୟରେ ବିମୁଦ୍ରୀକରଣ ପରେ ପ୍ରଭାବ ତଥା ପରିବର୍ତ୍ତନ କ'ଣ ରହିଛି ସେ ସମ୍ପର୍କରେ କିଛି ତଥ୍ୟ...

**୫ଲକ୍ଷ ଜାଲ ନୋଟ ଧରାପଡ଼ିଛି**

ରିଜର୍ଭ ବ୍ୟାଙ୍କ ତଥ୍ୟ ମୁତାବକ ୨୦୧୭-୧୮ରେ ବ୍ୟାଙ୍କ ବ୍ୟବସ୍ଥାରେ ୫,୨୨,୭୮୩ ମୂଲ୍ୟର ଜାଲ ନୋଟ ଧରା ପଡିଛି। ୨୦୧୬-୧୭ରେ ଧରା ପଡିଥିବା ଜାଲ ନୋଟ୍ ପରିମାଣ ୪.୩% ଥିବା ବେଳେ ଏହା ୨୦୧୭-୧୮ରେ ୩୬.୧%କୁ ବୃଦ୍ଧି ଘଟିଛି।

**ଡିଜିଟାଲ ନେଣଦେଣ ଧାରା**


ବିମୁଦ୍ରୀକରଣ ପରେ ଡିଜିଟାଲ କାରବାରରେ ବିଶେଷ ପରିବର୍ତ୍ତନ ଦେଖା ଯାଇଛି।୨୦୧୮ ସେପ୍ଟେମ୍ବର ସୁଦ୍ଧା ଭୀମ ଆପ୍ଲିକେଶନର ଆଣ୍ଡ୍ରଏଡ ଭର୍ସନ ୩.୫୫ କୋଟି ଡାଉନଲୋଡ ଟପିଥିଲା। ଏହି ସମୟରେ ଆଇଓଏସ ପ୍ଲାଟଫର୍ମରେ ଏହା ୧୭ ଲକ୍ଷ ରହିଥିଲା। ୨୦୧୮ ଅକ୍ଟୋବର ତଥ୍ୟ ମୁତାବକ ଭୀମ ଆପରେ ୧୮.୨୭ ଲକ୍ଷ ନେଣଦେଣ ଦ୍ୱାରା ୮,୨୦୬ କୋଟି କାରବାର ହୋଇଛି।

**ରୂପେ କାର୍ଡ**

୨୦୧୨ ରେ ରୂପେ ଏକ ସ୍ୱଦେଶୀ କାର୍ଡ ଭାବେ ବଜାରକୁ ଆସିଥିଲା। ଏହାକୁ ନ୍ୟାଶନାଲ ପେମେଣ୍ଟ କାଉନସିଲ ଅଫ ଇଣ୍ଡିଆ( ଏନ୍‌ପିସିଆଇ) ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ଏହା ଦ୍ୱାରା ଆମେରିକାର ମାଷ୍ଟରକାର୍ଡ ଏବଂ ଭିଜା କାର୍ଡର ବଜାର ଅଂଶରେ ହ୍ରାସ ହୋଇଛି। ଏହି କାର୍ଡ ବିଦେଶୀ କମ୍ପାନୀଙ୍କ ସହ କଡା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଶେଷ ଭାବେ ସକ୍ଷମ ହୋଇଛି।

**ୟୁପିଆଇର ଆଦୃତି**

୧୦ ବର୍ଷ ତଳେ ଦେଶରେ ୧ କୋଟି ୪୦ ଲକ୍ଷ ଡେବିଟ କାର୍ଡ ରହିଥିଲା। ଏହା ବର୍ତ୍ତମାନ ୧୦୦ କୋଟି ଛୁଇଁଛି। ସେହିଭଳି ଏନପିସିଆଇ ନିଜର ଏକ ଅଲଗା ପେମେଣ୍ଟ ସିଷ୍ଟମ ୟୁପିଆଇ ଆଣିଛି। ଚଳିତ ବର୍ଷ ଅଗଷ୍ଟ ମାସରେ ୩୧ କୋଟି ୩୦ ଲକ୍ଷ ଥର ଏହି ମୋଡରେ ଟ୍ରାଞ୍ଜାକଶନ ହୋଇଛି। ଏହାର ଲୋକପ୍ରିୟତା ବୃଦ୍ଧି ହେଉଥିବା ଦେଖାଯାଇଛି।



**ଟିକସ ଚୋରି ଉପରେ କାର୍ଯ୍ୟାନୁଷ୍ଠାନ**

୨୦୧୭-୧୮ ଆୟକର ରିଟର୍ନ ତଥ୍ୟ ମୁତାବକ ଏଥିରେ ୭୧% ବୃଦ୍ଧି ଘଟି ୫.୪୨ କୋଟିକୁ ବଢିଛି।୨୦୧୭ ଅଗଷ୍ଟରେ ଏହା ୩.୧୭ କୋଟି ରହିଥିଲା। ୨୦୧୭-୧୮ରେ ଟିକସ ସଂଗ୍ରହରେ ବୃଦ୍ଧି ଘଟି ୧୦.୦୩ ଲକ୍ଷ କୋଟି ଛୁଇଁଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ତଥ୍ୟ ପ୍ରଦାନ କରିଛି।

### ଏବେବି ଦେଖିବାକୁ ମିଳୁଛି ପ୍ରଭାବ

"ବିମୁଦ୍ରୀକରଣ ଭଳି ବିପର୍ଯ୍ୟୟର ପ୍ରଭାବ ଏବେ ସୁଦ୍ଧା ଦେଖିବାକୁ ମିଳୁଛି। ଏହାର ପ୍ରଭାବ ସ୍ପଷ୍ଟ ହୋଇଛି ଏବଂ ଦେଶର ପ୍ରତ୍ୟେକ ବ୍ୟକ୍ତି ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ତୃଟିପୂର୍ଣ୍ଣ ଢ଼ଙ୍ଗରେ ଓ ଠିକ୍ ଭାବେ ବିଚାର ନ କରି କେନ୍ଦ୍ର ସରକାର ଏହାକୁ ଲାଗୁ କଲେ।
-ମନମୋହନ ସିଂ,ପୂର୍ବତନ ପ୍ରଧାନମନ୍ତ୍ରୀ



### ବିମୁଦ୍ରୀକରଣ ଏକ ବିପର୍ଯ୍ୟୟ

"ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିମୁଦ୍ରୀକରଣକୁ ଏକ ବିପର୍ଯ୍ୟୟ ସହ ତୁଳନା କରିଛନ୍ତି। ସରକାର ଏହାକୁ ଘୋଷଣା କରିବା ଦିନଠାରୁ ସେ ଏହାକୁ ଦେଶ ପାଇଁ କଳାଦିନ ବୋଲି କହିଆସୁଛନ୍ତି। ଯାହା ସତ ହୋଇଛି।
- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



### ଭାବିଚିନ୍ତି ଷଡ଼ଯନ୍ତ୍ର ହୋଇଥିଲା

"କେନ୍ଦ୍ର ସରକାର ବହୁ ଭାବିଚିନ୍ତି ଏଭଳି ଏକ ଷଡ଼ଯନ୍ତ୍ର କରିଛନ୍ତି। ସୁଟ୍-ବୁଟ୍‌ର ବନ୍ଧୁମାନଙ୍କ କଳାଧନକୁ ସରକାର ଏହାଦ୍ୱାରା ଧଳା କରିଦେଲେ। ଏହାକୁ ବଡ଼ ଦୁର୍ନୀତି ଛଡ଼ା ଅନ୍ୟ କିଛି କୁହାଯାଇପାରିବ ନାହିଁ। ବିମୁଦ୍ରୀକରଣରୁ ଆମକୁ କିଛି ଫାଇଦା ମିଳିନାହିଁ।
- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



### ଦେଶବିରୋଧୀଙ୍କ ମେରୁଦଣ୍ଡ ଭାଙ୍ଗିଛି

"ବିମୁଦ୍ରୀକରଣ ଯୋଗୁ ଦେଶବିରୋଧୀଙ୍କ ମେରୁଦଣ୍ଡ ଭାଙ୍ଗିଛି। ଏଥିଯୋଗୁ ଆତଙ୍କବାଦକୁ ମିଳୁଥିବା ପାଣ୍ଠି ଆସିବା ବନ୍ଦ ହୋଇଛି।
- ମୁକ୍ତାର ଆବାସ ନକଭି, କେନ୍ଦ୍ର ମନ୍ତ୍ରୀ




### ଅର୍ଥନୀତି ପାଇଁ ଗଭୀର କ୍ଷତ

"ବିମୁଦ୍ରୀକରଣକୁ ଦେଶର ଅର୍ଥନୀତି ପ୍ରତି ଏକ ଗଭୀର କ୍ଷତ। ଏହି ନିଷ୍ପତ୍ତି କାହିଁକି ନିଆଗଲା ତାହା ଦୁଇ ବର୍ଷ ପରେ ମଧ୍ୟ ଜଣାପଡିଲାନି ବୋଲି ସେ କହିଛନ୍ତି।
- ଅରବିନ୍ଦ କେଜରିୱାଲ, ମୁଖ୍ୟମନ୍ତ୍ରୀ ଦିଲ୍ଲୀ



### ଅର୍ଥ ବ୍ୟବସ୍ଥା ଲାଗି କଳାଦିନ

"ବିମୁଦ୍ରୀକରଣ ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଏକ କଳାଦିନ ଭାବେ ମନେ ରହିବ। ସାରା ଦେଶର ଅର୍ଥ ବ୍ୟବସ୍ଥାକୁ ଗୋଟିଏ ଘୋଷଣା ଦ୍ୱାରା ସରକାର ଗଭୀର ପ୍ରଭାବିତ କରିଛନ୍ତି। ଅନେକ ଲୋକ ଏହା ଦ୍ୱାରା ନାହିଁ ନ ଥିବା ହଇରାଣ ହେବା ସହ ମୃତ୍ୟୁବରଣ ମଧ୍ୟ କରିଛନ୍ତି। ଏହାକୁ ନେଇ ସରକାର କୌଣସି ଅନୁଶୋଚନା ମଧ୍ୟ କରିନାହାନ୍ତି।
-ଜନାର୍ଦ୍ଦନ ପତି, ସିପିଏମ୍ ନେତା




### ଡିଜିଟାଲ ଅର୍ଥନୀତିର ବାସ୍ତବତା ଏବେ ବି ଭିନ୍ନ

"ଅର୍ଥନୀତିରୁ ନଗଦ କାରବାର ହଟାଇ ଦେଲେ ଯେ କେବଳ ସମସ୍ତେ ଡିଜିଟାଲ ନେଣଦେଣ କରିବେ ଏହା ଭାବିବା ଭୁଲ। ଡିଜିଟାଲ ଧାରାକୁ ଆପଣାଇବା କୌଣସି ବ୍ୟକ୍ତି ବିଶେଷଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ। ସରକାର ବିମୁଦ୍ରୀକରଣ ଦ୍ୱାରା ନୋଟଗୁଡିକୁ ଅଚଳ କରିଦେବା ଦ୍ୱାରା ଏହା ଦ୍ୱାରା ବଜାର ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରଭାବିତ ହେଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ଏହା ଦ୍ୱାରା କ୍ଷତି ସହିଲା। ଏମ୍ଏସ୍ଏମ୍‌ଇ ଗୁଡିକ କ୍ଷତିଗ୍ରସ୍ତ ହେବା ସହ ସେମାନଙ୍କ ଅଣ୍ଟା ଭାଙ୍ଗିଗଲା। ଡିଜିଟାଲ ଧାରା ସମୟାନୁଗତିକ। ସମୟ ଅନୁସାରେ ଏହାକୁ ନେଇ ବିଭିନ୍ନ ପରିବର୍ତ୍ତନ ହେଉଛି। ବିମୁଦ୍ରୀକରଣ ଦ୍ୱାରା ଡିଜିଟାଲ ଅର୍ଥନୀତିର ସ୍ୱପ୍ନର ବାସ୍ତବତା ଭିନ୍ନ। ଏହା ଦ୍ୱାରା ସିଂହଭାଗ ଲୋକ ପ୍ରଭାବିତ ହୋଇଛନ୍ତି।
- ଅମରେନ୍ଦ୍ର ଦାସ, ଆସିଷ୍ଟାଣ୍ଟ ପ୍ରଫେସର, ନାଇଜର



### ପ୍ରକୃତ ଉଦ୍ଦେଶ୍ୟଠାରୁ ଦୂରରେ

"କଳାଟଙ୍କାର ମୂଳୋତ୍ପାଟନ କରିବାକୁ ସରକାର କହିଥିଲେ । ମାତ୍ର ମୋଟାମୋଟି ଭାବେ କହିବାକୁ ଗଲେ ବିମୁଦ୍ରୀକରଣର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇ ପାରିନି। ୨୦୧୭ରେ ଏମ୍ଏସ୍ଏମ୍‌ଇ ଓ ସାଧାରଣ ଲୋକ ଅନେକ ଅସୁବିଧା ସାମ୍ନା କରିଥିଲେ। ଚଳିତ ବର୍ଷ କ୍ଷୁଦ୍ର ଶିଳ୍ପଗୁଡିକର ଅବସ୍ଥାରେ ସୁଧାର ଆସିଛି। କ୍ୟାଶଫ୍ଲୋ ମଧ ଉନ୍ନତ ରହିଛି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଏକାବେଳେ ଲାଗୁ ହେବା ଯୋଗୁ ଶିଳ୍ପଗୁଡିକ ବିଭିନ୍ନ ଅସୁବିଧା ସାମ୍ନା କରିଥିଲେ।
-ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସମେ



## ହୋଣ୍ଡା ଟୁ-ହ୍ୱିଲର୍ସ ମ୍ୟାକ୍ ଲୁବ୍ରିକାଣ୍ଟ ଚୁକ୍ତି

ନୂଆଦିଲ୍ଲୀ ,୮-୧୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ଏବଂ ମ୍ୟାକ୍ ଲୁବ୍ରିକାଣ୍ଟର ମିଳିତ ଉଦ୍ୟମରେ ମ୍ୟାକ୍ ହୋଣ୍ଡା ପାୱାର ଇଞ୍ଜିନ ଅଏଲ୍‌ର ବଜାର ପ୍ରବେଶ ହୋଇଛି। ଏହା ଏକ କୋ-ବ୍ରାଣ୍ଡେଡ ଇଞ୍ଜିନ ଅଏଲ ହୋଇଥିବା ବେଳେ ହୋଣ୍ଡା ଦୁଇଚକିଆ ଯାନ ଲାଗି ବିଶେଷ ଭାବେ ଉପକାରୀ ସାବ୍ୟସ୍ତ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ହୋଣ୍ଡା ପାଇଁ ଗ୍ରାହକ ସନ୍ତୁଷ୍ଟି ଏକ ପ୍ରମୁଖ ଉପାଦାନ ବୋଲି କମ୍ପାନୀର ଗ୍ରାହକ ସେବା ବରିଷ୍ଠ ଉପସଭାପତି ପ୍ରଦୀପ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ଏଭଳି ଏକ ସହଭାଗିତା ବିଶେଷ ଭାବେ ଲାଭକାରୀ ହେବ ବୋଲି ମ୍ୟାକ୍ ଲୁବ୍ରିକାଣ୍ଟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭି.ଆନନ୍ଦ ସୂଚନା ଦେଇଛନ୍ତି।




## ଆନ୍ଧ୍ର ବ୍ୟାଙ୍କର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର, ୮-୧୧

ଆନ୍ଧ୍ର ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ମଣ୍ଡଳ ମହା ପ୍ରବନ୍ଧକ ଟି.ଶ୍ରୀବିବାସ ରାଓ, ଉପ ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଭି,ରାମକ୍ରିଷ୍ଣା, ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଏବଂ ସ୍ଥାନୀୟ ଶାଖା ଗୁଡିକର ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ବ୍ୟାଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳ ଶାଖାଗୁଡିକରେ ଗ୍ରାମ ସଭା ଏବଂ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ସହରାଞ୍ଚଳ ଶାଖାଗୁଡିକ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟଗୁଡିକରେ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି।

No.: 53-N

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର – ୭୫୧୦୧୩
ଭୁବନେଶ୍ୱର, ତା୦୮।୧୧।୨୦୧୮

ବିଜ୍ଞପ୍ତି

ସଂଖ୍ୟା- ପରୀକ୍ଷା ବିଭାଗ-I/281/18/5779/ଉମାଶିପ/ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା ୨୦୧୯ ମାର୍ଚ୍ଚ ମାସରେ ହୋବକୁଥିବା ଉଚ୍ଚ ମାଧ୍ୟମିକ (+2) ବାର୍ଷିକ ପରୀକ୍ଷା ନିମନ୍ତେ ନିୟମିତ (Regular) ପରୀକ୍ଷାର୍ଥୀମାନେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଫର୍ମ ପୂରଣ ନିମନ୍ତେ ନିମ୍ନ ତାରିଖ ଗୁଡ଼ିକ ଧାର୍ଯ୍ୟ କରାଯାଇଛି।

୧. ବିନା ଜୋରିମାନା – ତା16.11.2018ରୁ ତା26.11.2018 ପର୍ଯ୍ୟନ୍ତ
୨. 50 ଟଙ୍କା ଜୋରିମାନା – ତା27.11.2018ରୁ ତା30.11.2018 ପର୍ଯ୍ୟନ୍ତ
୩. 350 ଟଙ୍କା ଜୋରିମାନା – ତା01.12.2018ରୁ ତା04.12.2018 ପର୍ଯ୍ୟନ୍ତ

ଏହାର ସବିଶେଷ ବିବରଣୀ **www.samsodisha.gov.in** ୱେବସାଇଟରେ ଉପଲବ୍ଧ ଅଛି।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./– ପରୀକ୍ଷା ନିୟନ୍ତ୍ରକ

11003/11/0017/1819

> ବର୍ତ୍ତମାନର ଭାରତୀୟ ପୁରୁଷ କ୍ରିକେଟ ଦଳ କେତେଦୂର ଶକ୍ତିଶାଳୀ ତାହା ଲୋକେ ବିଚାର କରିବେ ।
>
> –ରବି ଶାସ୍ତ୍ରୀ, କୋଚ୍



> କ୍ରିକେଟ ଅଷ୍ଟ୍ରେଲିଆରେ ଦେଖା ଦେଇଥିବା ଅନ୍ତଃ କନ୍ଦଳ ପ୍ରତି ଧ୍ୟାନ ନ ଦେଇ ଖେଳାଳିମାନେ ଖେଳରେ ମନୋନିବେଶ କରନ୍ତୁ ।
>
> –ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ ଦିନିକିଆ ଅଧିନାୟକ



## ସଂକ୍ଷେପରେ

### ସୌରଭଙ୍କୁ ସ୍ୱର୍ଣ୍ଣ

କୁଏତ ସିଟି,୮।୧୧(ପି.ଟି.): ଭାରତର ଯୁବ ଶୁଟିଂ ସେନସେଶନ ସୌରଭ ଚୌଧାରୀ ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ ଜାରି ରଖି ୪ ମାସ ମଧ୍ୟରେ ୪ର୍ଥ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଠାରେ ଚାଲିଥିବା ଏସିଆନ ଏୟାରଗନ ଚାମ୍ପିୟନଶିପ୍‌ରେ ଗୁରୁବାର ଅନୁଷ୍ଠିତ ୧୦ ମିଟର ପିସ୍ତଲ ଜୁନିୟର ପୁରୁଷ ଇଭେଣ୍ଟରେ ସୌରଭ ଶୀର୍ଷ ସଫଳତା ପାଇଛନ୍ତି। ୧୬ ବର୍ଷୀୟ ଅନ୍ୟ ଭାରତୀୟ ଶୁଟର ଅର୍ଜୁନ ସିଂ ଚିମା ଓ ଅନମୋଲ ଜୈନଙ୍କ ସହ ମିଶି ସର୍ବାଧିକ ୧୭୩୧ ପଏଣ୍ଟ ହାସଲ କରି ଦଳଗତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ବ୍ୟକ୍ତିଗତ ଇଭେଣ୍ଟରେ ୨୩୯.୮ ପଏଣ୍ଟ ସ୍କୋର କରିଥିଲେ। ଫଳରେ ଚଳିତ ପ୍ରତିଯୋଗିତାରେ ସେ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିପୂର୍ବରୁ କୃଷକଙ୍କ ପୁଅ ଏସିଆନ୍ ଗେମ୍ସ (ଅଗଷ୍ଟ), ବିଶ୍ୱ ଶୁଟିଂ ଚାମ୍ପିୟନଶିପ (ସେପ୍ଟେମ୍ବର) ଓ ୟୁଥ ଅଲିମ୍ପିକ୍ ଗେମ୍ସ (ଅକ୍ଟୋବର)ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବ୍ୟକ୍ତିଗତ ୧୦ ମି. ଏୟାରଗନ ଇଭେଣ୍ଟରେ ଅର୍ଜୁନ (୨୩୭.୭) ରୌପ୍ୟ ପଦକ ଅର୍ଜନ କରିଛନ୍ତି। ତାଙ୍କ ପଛକୁ ଚାଇନିଜ ତାଇପେ ହୁଆଙ୍ଗ ୱେଇ ତେ (୨୧୮.୦) ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଅନ୍ୟ ଭାରତୀୟ ଶୁଟର ଅନମୋଲ ୧୯୫.୧ ସ୍କୋର ସହ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ରହିଛନ୍ତି।

### ଭାରତ ବିପକ୍ଷ ଟି୨୦ରୁ ଷ୍ଟାର୍କ, ଲିଓନ ବାଦ୍

ମେଲବର୍ନ,୮।୧୧: ଆଗାମୀ ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ଲାଗି ଗୁରୁବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ୧୩ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷିତ ହୋଇଯାଇଛି। ଏହି ଦଳରୁ ଘାତକ ପେସର ମିଚେଲ ଷ୍ଟାର୍କ, ଅଲରାଉଣ୍ଡର ମିଚେଲ ମାର୍ଶ ଓ ସ୍ପିନର ନାଥନ ଲିଓନ ବାଦ୍ ପଡ଼ିଛନ୍ତି। ଭେଟେରାନ ଦ୍ରୁତ ବୋଲର ପିଟର ସିଡ୍‌ଲ ମଧ୍ୟ ଦଳରେ ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କୁ ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତ କରିବା ପାଇଁ ଦଳରୁ ବାଦ୍ ଦିଆଯାଇଛି। ସମସ୍ତ ଖେଳାଳି ଘରୋଇ ଟୁର୍ନାମେଣ୍ଟ ଶେଫିଲ୍ଡ ଶିଲ୍ଡରେ ଖେଳିବେ। ଷ୍ଟାର୍କଙ୍କ ବଦଳରେ ଜାସନ ବେହେନଡ୍ରଫ ଖେଳିବେ। ତାଙ୍କ ସହ ନାଥନ କୁଲ୍ଟରନାଇଲ, ବିଲି ଷ୍ଟାନଲେକ ଓ ମାର୍କସ ଷ୍ଟୋଇନିସ ଦଳର ପେସ ବିଭାଗ ସମ୍ଭାଳିବେ। ଦ. ଆଫ୍ରିକା ବିପକ୍ଷରେ ଏକ ମାତ୍ର ଟି୨୦ ମ୍ୟାଚ୍ ଚଳିତ ମାସ ୧୭ ତାରିଖରେ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

ଅଷ୍ଟ୍ରେଲିଆ ଦଳ: ଆରୋନ ଫିଞ୍ଚ(ଅଧିନାୟକ), ଆଲେକ୍ସ କାରେ, ଆଷ୍ଟୋନ ଆଗର, ଜାସନ ବେହେନଡ୍ରଫ, ନାଥନ କୁଲ୍ଟନାଇଲ, କ୍ରିସ ଲିନ, ଗ୍ଲେନ ମ୍ୟାକ୍ସୱେଲ, ବେନ ମ୍ୟାକଡରମଟ, ଡାର୍ସି ଶର୍ଟ, ବିଲି ଷ୍ଟାନଲେକ, ମାର୍କସ ଷ୍ଟୋଇନିସ, ଆଣ୍ଡ୍ରୁ ଟାଏ ଓ ଆଡାମ ଝମ୍ପା।



ଇଣ୍ଡିଆନ୍ ସୁପରଲିଗରେ ଗୁରୁବାର ଏଫ୍‌ସି ଗୋଆ ଓ ଦିଲ୍ଲୀ ଡାଇନାମସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ରାଜ୍ୟ ସିପକଟାକ୍ର ସଂଘରେ ବିବାଦ

- ସହଦେବ-ମନୋଜଙ୍କ କଳିକୁ ନେଇ ଚର୍ଚ୍ଚା
- ୧୦ରେ ସଂଘ ବିରୋଧରେ ବୈଠକ
- ଗଠନ ହୋଇପାରେ ସମାନ୍ତରାଳ ସଂଘ

**କଟକ ଅଫିସ,୮।୧୧**

ରାଜ୍ୟ ସିପକଟାକ୍ର ଆସୋସିଏଶନରେ ପୁର୍ନବାର ବିବାଦ ଦେଖାଦେଇଛି। ପୂର୍ବରୁ ସଂଘରେ ବିଭିନ୍ନ କାରଣରୁ ଫାଟ ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏବେ ନେଇ ସଂଘର କିଛି ସଦସ୍ୟ ଏକଜୁଟ ହେବାକୁ ଯୋଜନା କରିଛନ୍ତି। ସମାନ୍ତରାଳ ଭାବେ ଅନ୍ୟ ଏକ ସଂଘ ଗଢ଼ି ଉଠିବ ବୋଲି ଚର୍ଚ୍ଚା ମଧ୍ୟ ହେଉଛି। ସଂଘର ପୂର୍ବତନ ସମ୍ପାଦକ ସହଦେବ ରାଉତଙ୍କ ନେତୃତ୍ୱରେ ଆସନ୍ତା ୧୦ ତାରିଖରେ କଟକର ଗଡ଼ଗଡେଶ୍ୱର ମନ୍ଦିର ସଭାଗୃହରେ ବୈଠକ ଡକାଯିବ। ସାମ୍ପ୍ରତିକ ପରିସ୍ଥିତିରେ ସଂଘର ବିଭିନ୍ନ ପଦପଦବୀରେ ଥିବା କର୍ମକର୍ତ୍ତା ମନୋମୁଖୀ କାର୍ଯ୍ୟ କରିବା ସହ ରାଜ୍ୟ ଦଳ ଚୟନରେ ଅନିୟମିତତା ହେଉଛି ବୋଲି ସହଦେବ ଅଭିଯୋଗ ଉଠାଇଛନ୍ତି। ଏହାର ପ୍ରତିବାଦରେ ଏହି ସଭା ଡକାଯିବ ବୋଲି ସହଦେବ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ ଏହାକୁ ମତିଭ୍ରମ ହୋଇଛି ବୋଲି ଆକ୍ଷେପ କରିବା ସହ ଅର୍ଥ ରୋଜଗାର ଲାଳସାରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆସୋସିଏଶନ ଉପରେ ଆଖି ପକାଉଛନ୍ତି ବୋଲି ମନୋଜ କହିଥିଲେ। ଆସନ୍ତା ବୈଠକ ପରେ ସଂଘର ଏହି ବିବାଦ ବଡ଼ ରୂପ ନେଇପାରେ ବୋଲି କିଛି ସଂଗଠକ ମତ ଦେଇଛନ୍ତି। ଏହାଛଡ଼ା ପୂର୍ବତନ ସମ୍ପାଦକ ସହଦେବ ଓ ବର୍ତ୍ତମାନର ସମ୍ପାଦକ ମନୋଜଙ୍କ ଏହି କଳି ବହୁ ପୁରୁଣା ହୋଇଥିବା ବେଳେ ଏହାକୁ ନେଇ ଅନେକ ସମୟରେ ବିଭିନ୍ନ ଚର୍ଚ୍ଚା ମଧ୍ୟ ଜୋର ଧରୁଛି ।

୧୯୯୯ ରେ ଓଡ଼ିଶାରେ ସିପକ୍‌ଟାକ୍ର ଖେଳ ପ୍ରବେଶ କରିଥିଲା। ମଣିପୁରରେ ଚାଲିଥିବା ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ରାଜ୍ୟ ଦଳ ଅଂଶ ଗ୍ରହଣ କରିବା ବେଳେ ଏହି ଖେଳ ସମ୍ପର୍କରେ ସେଠାରେ ସମ୍ୟକ ସୂଚନା ପାଇଥିଲା। ପରେ ବାରବାଟୀ ଷ୍ଟାଡିୟମ ପରିସରରେ ଏହି ଖେଳ ଆରମ୍ଭ ହୋଇଥିଲା। ଏବେ ଭାରତୀୟ ସିପ୍‌କଟାକ୍ର କ୍ରୀଡ଼ାରେ ଓଡ଼ିଶାର ସ୍ଥାନ ଉପରେ ରହିଛି। ଲଗାତାର କିଛି ବର୍ଷ ହେବ ଜାତୀୟ ଚାମ୍ପିୟନଶିପ ଗୁଡ଼ିକରେ ଓଡ଼ିଶା ନିଶ୍ଚିତ ଭାବେ ପଦକ ବିଜୟୀ ହେଉଛି। ହେଲେ ଓଡ଼ିଶାରେ ସିପକଟାକ୍ର ଖେଳ ଆରମ୍ଭ କରିବା କ୍ଷେତ୍ରରେ ପୂର୍ବତନ ସମ୍ପାଦକ ସହଦେବଙ୍କ ଭୂମିକା ବିଶେଷଭାବେ ରହିଛି ବୋଲି କୁହାଯାଏ। ଖେଳ ଆରମ୍ଭ କରିବାଠାରୁ ବିଭିନ୍ନ ଜିଲାରେ ସଂଘ ଗଢ଼ିବା, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ମାନଙ୍କରେ ଏହି ଖେଳ ପ୍ରଚଳନ କରିବା କ୍ଷେତ୍ରରେ ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ଉଦ୍ୟମ କରିଥିଲେ। ମାତ୍ର ଗତ ୨୦୧୬ରେ ସହଦେବ ସମ୍ପାଦକ ପଦବୀରୁ ବାଦ୍ ପଡ଼ି ଉପଦେଷ୍ଟା ଭାବେ ରହିଥିଲେ। ଏହି ସମୟରେ କିଛି ମହିଳା ଖେଳାଳିଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି ବୋଲି ଅଭିଯୋଗରେ ସହଦେବ ସଂଘରୁ ବିଦା ହୋଇଥିଲେ। ସେତେବେଳେ ମଧ୍ୟ ସହଦେବ-ମନୋଜଙ୍କ କଳିକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ସହଦେବଙ୍କ ଅଭିଯୋଗ ଅନୁଯାୟୀ, ମୋ ବିରୋଧରେ ଚକ୍ରାନ୍ତ କରି ସଂଘରୁ ବିଦା କରାଯାଇଛି। ଏବେ ପଦବୀରେ ରହିବା ପରେ ଜିଲା ସଂଘ ଗୁଡ଼ିକୁ ନଜର ଦିଆଯାଉନି। ଖେଳାଳି ଚୟନ ସଠିକ ଭାବେ କରାଯିବା ବଦଳରେ ବୟସ୍କ ଖେଳାଳିମାନଙ୍କୁ ପଇସା ନିଆଯାଇ ଦଳରେ ରଖାଯାଉଛି। ଯାହାକୁ ନେଇ ଆସନ୍ତା ୧୦ରେ ବୈଠକ ଡକାଯାଇଛି। ମନୋଜଙ୍କ କହିବା ଅନୁଯାୟୀ, ସଂଘର ନାମ ବ୍ୟବହାର କରି ଟଙ୍କା ଆଦାୟ କରିବା ମନୋବୃତ୍ତିରେ ରହୁଥିବା କିଛି ବ୍ୟକ୍ତି ଏପରି ଭିତ୍ତିହୀନ ଅଭିଯୋଗ ଉଠାଉଛନ୍ତି। ରାଜ୍ୟ ଭଲ ଏବେ ଖେଳୁଛି, ଆଗାମୀ ଦିନରେ କିପରି ଭଲ ଖେଳିବ ସେ ଦିଗରେ ଚିନ୍ତା କରାଯାଉ ।

## ଶ୍ରୀଲଙ୍କା ସମ୍ମୁଖରେ ୪୬୨ ବିଜୟ ଲକ୍ଷ୍ୟ

**ଗାଲେ (ଶ୍ରୀଲଙ୍କା), ୮।୧୧ (ଏଏଫ୍‌ପି)**

କିଟନ ଜେନିଙ୍ଗ୍ସଙ୍କ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ୪୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବିଶେଷ କରି ଗାଲେସ୍ଥିତ ଲୋ-ସ୍କୋରିଂ ପିଚ୍‌ରେ ଏହା ହାସଲ କରିବା କଷ୍ଟକର ବ୍ୟାପାର। ଶ୍ରୀଲଙ୍କାର କୌଶଳପୂର୍ଣ୍ଣ ସ୍ପିନ୍ ଆକ୍ରମଣ ବିରୋଧରେ ଜେନିଙ୍ଗ୍ସ ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ୧୪୬ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ୧୩୯ ରନ ଅଗ୍ରଣୀ ଲାଭ କରିଥିବା ଇଂଲଣ୍ଡ ତୃତୀୟ ଦିବସରେ ୬ ଉଇକେଟ ବିନିମୟରେ ୩୨୨ ରନ କରି ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଗୁରୁବାର ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୭ ଓଭର ଖେଳି ବିନା କୌଣସି ଉଇକେଟରେ ୧୫ ରନ କରିଛି। ଦିମୁଥ କରୁଣାରତ୍ନେ ୭ ଏବଂ କୌଶଲ୍ ସିଲ୍‌ଭା ୮ରନ ସହ ଅପରାଜିତ ରହିଛନ୍ତି।

ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୪୨/ଅଲଆଉଟ।

**ଶ୍ରୀଲଙ୍କା ପ୍ରଥମ ଇନିଂସ :** ୨୦୩

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୨୨/୬, ଘୋଷଣା (କିଟନ ଜେନିଙ୍ଗ୍ସ-୧୪୬*, ବେନ୍ ଷ୍ଟୋକ୍ସ-୬୨, ବେନ୍ ଫୋକ୍ସ-୩୭, ରଙ୍ଗନା ହେରାଥ-୨/୫୯, ଦିଲରୁୱାନ ପେରେରା-୨/୯୪)।

## ଫାଷ୍ଟ ବୋଲରଙ୍କୁ ବିଶ୍ରାମ ପ୍ରସ୍ତାବକୁ ସମର୍ଥନ ମିଳି ନପାରେ

**ଆଇପିଏଲ**

**ନୂଆଦିଲ୍ଲୀ, ୮।୧୧ (ପି.ଟି.)**

ଆସନ୍ତା ବିଶ୍ୱକପ୍‌ରେ ଖେଳିବାକୁ ଥିବା ଫାଷ୍ଟ ବୋଲରମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ବିଶ୍ରାମ ଦେବା ଲାଗି ଭାରତୀୟ କ୍ରିକେଟ ଅଧିନାୟକ ଦେଇଥିବା ପ୍ରସ୍ତାବକୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସମ୍ଭବତଃ ଗ୍ରହଣ କରିବେ ନାହିଁ। ନିକଟରେ ପ୍ରଶାସକ କମିଟି (ସିଓଏ) ସହିତ ଭାରତୀୟ ଅଧିନାୟକଙ୍କ ଏକ ବୈଠକ ବସିଥିଲା। ବିଶ୍ୱକପ୍ ପାଇଁ ବିଶେଷ କରି ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଓ ଭୁବନେଶ୍ୱର କୁମାରଙ୍କୁ ତାଜା ରଖିବା ଲାଗି ସମଗ୍ର ଆଇପିଏଲରୁ ବିଶ୍ରାମ ଦେବା ଲାଗି କୋହଲି ପ୍ରସ୍ତାବ ଦେଇଥିଲେ। ହେଲେ ତାଙ୍କର ଏହି ପ୍ରସ୍ତାବ ପ୍ରତି ଯଥେଷ୍ଟ ବୋର୍ଡ ଅଫିସିଆଲମାନଙ୍କ ସମର୍ଥନ ନ ଥିଲା, ବରଂ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଏଥିରେ ରାଜି ହେବେ ନାହିଁ ବୋଲି ସେମାନେ ଦର୍ଶାଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ ଆସନ୍ତା ବର୍ଷ ମାର୍ଚ୍ଚ ୧୯ରୁ ମେ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ୧୫ ଦିନ ବ୍ୟବଧାନରେ ଭାରତ ଏହାର ପ୍ରଥମ ବିଶ୍ୱକପ୍ ମ୍ୟାଚ ଜୁନ୍ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏଣୁ ଭାରତୀୟ ପେସ୍ ବୋଲରମାନେ ଯଥେଷ୍ଟ ବିଶ୍ରାମ ପାଇବେ ନାହିଁ ବୋଲି ଜଣେ ସିନିୟର ଅଫିସିଆଲ ପ୍ରକାଶ କରିଛନ୍ତି। ଏହି ବୈଠକରେ ସୀମିତ ଓଭର ଫର୍ମାଟ ଉପଅଧିନାୟକ ରୋହିତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ସେ କିନ୍ତୁ ଭିନ୍ନ ମତ ପୋଷଣ କରିଥିଲେ। ସିଓଏ ମୁଖ୍ୟ ବିନୋଦ ରାୟ କୋହଲିଙ୍କ ପ୍ରସ୍ତାବ ସମ୍ପର୍କରେ ରୋହିତଙ୍କୁ ପଚାରିଲେ। ଜବାବରେ ସେ କହିଥିଲେ ଯଦି ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ-ଅଫ୍ କିମ୍ବା ଫାଇନାଲରେ ପ୍ରବେଶ କରେ ଏବଂ ବୁମ୍‌ରା ଯଦି ଫିଟ୍ ଥାଆନ୍ତି ତେବେ ତାଙ୍କୁ ଆମେ ବିଶ୍ରାମ ଦେଇ ପାରିବୁ ନାହିଁ।

## ବୋଲ୍ଟଙ୍କ ହ୍ୟାଟ୍ରିକ: ଜିତିଲା ନ୍ୟୁଜିଲାଣ୍ଡ

**ଆବୁଧାବି,୮।୧୧(ଏଏଫ୍‌ପି)**

ନ୍ୟୁଜିଲାଣ୍ଡର ୩ୟ ପେସର ଭାବେ ଟ୍ରେଣ୍ଟ ବୋଲ୍ଟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ତାଙ୍କ ଘାତକ ବୋଲିଂ ବଳରେ ପାକିସ୍ତାନ ବିପକ୍ଷ ଚଳିତ ସିରିଜରେ ନ୍ୟୁଜିଲାଣ୍ଡ ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଦିନିକିଆକୁ ନ୍ୟୁଜିଲାଣ୍ଡ ୪୭ ରନ୍ ବ୍ୟବଧାନରେ ଜିତି ନେଇଛି। ୨୬୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପାକ୍ ଦଳ ମାତ୍ର ୮ ରନ୍ ମଧ୍ୟରେ ଫଖର ଜାମନ, ବାବର ଆଜମ ଓ ମହମ୍ମଦ ହାଫିଜଙ୍କୁ ମ୍ୟାଚ୍‌ର ୩ୟ ଓଭରରେ ବୋଲ୍ଟ ଆଉଟ୍ କରିଥିଲେ। ଘରୋଇ ଦଳ ୨୧୯ ରନ୍‌ରେ ସୀମିତ ରହିଥିଲା। ପାକିସ୍ତାନ ବିପକ୍ଷରେ ଏହା ନ୍ୟୁଜିଲାଣ୍ଡର କ୍ରମାଗତ ୧୨ତମ ଦିନିକିଆ ବିଜୟ। ଗତ ୨୦୧୪ ଡିସେମ୍ବରଠାରୁ ନ୍ୟୁଜିଲାଣ୍ଡ କଦାପି ପାକିସ୍ତାନ ଠାରୁ ପରାସ୍ତ ହୋଇନାହିଁ। ଭେଟେରାନ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ୮୦ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ ଲାଥମଙ୍କ ୬୮ ରନ୍ ଯୋଗୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଦଳ ଧାର୍ଯ୍ୟ ୫୦ ଓଭରରେ ୯ ଉଇକେଟ ହରାଇ ୨୬୬ ରନ୍ କରିଥିଲା। ଜବାବରେ ପାକିସ୍ତାନ ୮୫ ରନ୍ ମଧ୍ୟରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ସରଫାଜ ଅହମ୍ମଦ(୬୪) ଓ ଇମାଦ ୱାସିମ (୫୦)ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ଯୋଗୁ ପାକିସ୍ତାନ ଦଳ ୨୦୦ ରନ୍ ଅତିକ୍ରମ କରିପାରିଥିଲା।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
LEFT CANAL DIVISION NO.I, SUKINDA
POST: SUKINDA, DIST: JAJPUR.
e-mail ld-roecfdv@rediffmail.com, Tel./Fax- 06726 -244743

No.726-A:- Quotation Call Notice No-19/2018-19

| Sl. No. | Name of work | Cost in Rs. | EMD (in Rs.) | Starting Date of Submission of Quotation Paper | Last Date of Submission of Quotation Paper | Date of Opening of the Quotation |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of Air Conditioners for GIS & MIS room at 1st floor in PMU Building at Rengali Irrigation Colony,Sukinda | 94800 | Rs. 1000/- | 12.11.2018 from 10.00 hrs | 22.11.2018 upto 16.00 hrs | Dt.24.11.2018 at 12.30 hrs |

Sd./- Executive Engineer
Left Canal Division No.I, Sukinda
32224/11/0009/1819

# ଅଂଶୁମାନ ମେମୋରିଆଲ୍ ମହିଳା କ୍ରିକେଟ୍: ଯାଜପୁର ଚାମ୍ପିୟନ




ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ଧର୍ମଶାଳା, ୮।୧୧(ଡି.ଏନ୍.ଏ)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ୍ ମେମୋରିଆଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ମହିଳା କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଫାଇନାଲ ମ୍ୟାଚ୍‌ରେ କଟକ ଏକାଦଶକୁ ୯ ଉଇକେଟରେ ହରାଇ ମେରିନୋ ମହିଳା ଏକାଦଶ ଯାଜପୁର ଚାମ୍ପିୟନ ହୋଇଛି। କଟକ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ଉଇକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମଧୁସ୍ମିତା ବେହେରା ୩୬ ବଲ୍‌ରେ ୨୮ ରନ୍ ଓ ସଙ୍ଗୀତା ଖଡ଼ିଆ ୩୨ ବଲ୍‌ରେ ୨୩ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଯାଜପୁର ଦଳ ପକ୍ଷରୁ କାଜଲ ଜେନା ୪ ଉଇକେଟ୍ ଓ ବର୍ଷା ସିଂ ୨ଟି ଉଇକେଟ ପାଇଥିଲେ। ଜବାବ୍‌ରେ ଯାଜପୁର ଦଳ ବ୍ୟାଟିଂ କରି ୨୨.୧ ଓଭର୍‌ରେ ୧ ଉଇକେଟ ହରାଇ ମ୍ୟଚ୍‌ର ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପୁନମ୍ ନାୟକ ୪୦ ବଲ୍‌ରୁ ୪୨ରନ୍, ଅଞ୍ଜଳି ସିଂ ୫୮ବଲ୍‌ରୁ ୪୦ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ କଟକ ଦଳର ତନ୍ମୟୀ ବେହେରା ୧ଟି ଉଇକେଟ ପାଇଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ପୁନମ ନାୟକଙ୍କୁ ଓମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ମହିଳା କମିଶନ୍ ଅଧକ୍ଷା ନମିତା ପଣ୍ଡା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର କୋରେଇ ଥାନା ଅଧିକାରୀ ଚିନ୍ମୟୀ ସାହୁ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ।

## ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ: ପଏଣ୍ଟ ଭାଗ କଲା ଭାରତ

**ୟାନଗୋନ(ମାଇନମାର),୮।୧୧(ପି.ଟି.)**

ଏଠାରେ ଚାଲିଥିବା ୨୦୨୦ ଏଏଫ୍‌ସି ମହିଳା ଫୁଟ୍‌ବଲ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳ ଡ୍ର' ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ନେପାଳ ବିପକ୍ଷ ମ୍ୟାଚ୍‌କୁ ଭାରତ ୧-୧ ଗୋଲରେ ବରାବର ରଖି ପଏଣ୍ଟ ଭାଗ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ନେପାଳ ଅପେକ୍ଷା ଭାରତୀୟ ଦଳ ଅଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ଡିଫେଣ୍ଡର ସ୍ୱିଟି ଦେବୀଙ୍କୁ ଆହତ ସମସ୍ୟା କାରଣରୁ ମ୍ୟାଚ୍‌ର ୮ମ ମିନିଟ୍‌ରେ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଏହାର ଫାଇଦା ଉଠାଇ ପ୍ରତିପକ୍ଷ ଦଳର ଅଧିନାୟିକା ନିରୁ ଥାପା ଗୋଲ ଦେଇଥିଲେ। ଏହାର ତୁରନ୍ତ ଜବାବ ଦେବା ଲାଗି ଭାରତୀୟ ଦଳ ପକ୍ଷରୁ ସଞ୍ଜୁ, ଅଞ୍ଜୁ ତାମାଙ୍ଗ ଓ ବାଲା ଦେବୀ ପ୍ରୟାସ କରିଥିଲେ। ମାତ୍ର କେହି ସଫଳ ହୋଇପାରି ନ ଥିଲେ। ୨୯ତମ ମିନିଟ୍‌ରେ ବାଲାଙ୍କ ସ୍ଥାନରେ ଆସିଥିବା କମଳା ଦେବୀ ମ୍ୟାଚ୍‌କୁ ସମାନ ସ୍ଥରକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ କମଳା ଅଳ୍ପକେ ନିଶ୍ଚିତ ଗୋଲ ହାତଛଡ଼ା କରିଥିଲେ। ତାଙ୍କ ବ୍ୟତୀତ ଗୋଲକିପର ଆଦିତି ଚୌହ୍ୱାନଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ଦଳ ପଏଣ୍ଟ ଭାଗ କରିପାରିଛି।

Office of the Medical Officer I/C, CHC, Kaniha, Dist.- Angul

TENDER CALL NOTICE

Sealed tenders are invited from the registered suppliers / distributors / firms for supply of medical equipments to CHC, Kaniha. The tender papers in details along with term & condition of tender can be downloaded from district website i.e. **www.angul.nic.in**. The sealed tender should be reached to undersigned on or before **24.11.2018** by **12 Noon** by Registered Post / Speed Post only. The technical bid will be opened on **01.12.2018** at **12 Noon** in the presence of tenderers or their authorized representatives by the Chairman of purchase committee. The undersigned reserve to right to cacel any or all tender without assigning any reason thereof. The undersigned is not reponsible for any postal of despatched delay.

Sd./- S. K. Patel
Medical Officer I/C
CHC, Kaniha, Angul

OFFICE OF THE DIRECTOR OF AGRICULTURE & FOOD PRODUCTION, ODISHA, BHUBANESWAR

NOTICE FOR EXPRESSION OF INTEREST (EoI)

No. 104-L: Sealed tenders are invited in two bid system i.e. Technical Bid & Financial Bid from reputed Manufacturers/MSME Units for supply of different Agricultural machinery as detailed in the following table:-

| Sl. No. | Name of the Machinery Implements | Approximate value (in Rs.) | Cost of tender documents (in Rs.) Bank draft No./Date |
|---|---|---|---|
| 1. | Ragi Thresher cum Pearler with Comprehensive Maintenance for another 2 years beyond 1 year warranty | Rs. 5.50 crore | Rs. 10000/- |
| 2. | Ragi Pre Cleaning Unit (cleaner cum grader with destoner / grader cum cleaner cum destoner Separator) | | |

The tender documents may be downloaded from the website of Government of Odisha (**www.odisha.gov.in**) from **09.11.2018 to 26.11.2018**. The appropriate tender paper cost of Rs.10000/- in shape of Bank Draft drawn in favour of "Development Engineer, OFMRDC, Bhubaneswar" payable at Bhubaneswar must be given while submitting the tender documents. The tender papers may be sent by Registered Post / Speed Post addressed to the Development Engineer OFMRDC, Satyanagar, Bhubaneswar. The last date of receipt of the tender is 26.11.2018 upto 5.00 PM. The tenders shall be opened on next working day i.e. on 27.11.2018 at 3.00 P.M. in presence of the tenderers or their authorized representatives. Any clarification may be obtained from the Office of the Development Engineer (Phone / Fax: 0674 - 2571860) on working days only from 09.11.2018 to 25.11.2018 during office hours between 11 AM to 5 PM. The undersigned reserves the right to cancel any or all tenders without assigning any reason and without incurring any liabilities thereof.

Sd./- Director of Agriculture & Food Production
Odisha, Bhubaneswar
01051/11/0001/1819



ମୋ ନାସା କର୍କଟ ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ମୁଁ ବର୍ତ୍ତମାନ ବ୍ୟାଡ୍‌ମିଣ୍ଟନ୍‌ରୁ ଅବସର କଥା ଚିନ୍ତା କରୁନି ।

–ଲି' ଚୋଙ୍ଗ୍ ୱି, ମାଲେସିଆ ବ୍ୟାଡ୍‌ମିଣ୍ଟନ ଖେଳାଳି



ଭାରତ ବିପକ୍ଷ ଟେଷ୍ଟ ସିରିଜ ବେଳକୁ ମୁଁ ଇଞ୍ଜୁରୀ ମୁକ୍ତ ହୋଇଯାଇଥିବି ବୋଲି ମୋର ଦୃଢ଼ ବିଶ୍ୱାସ ।

–ଉସ୍‌ମାନ ଖ୍ୱାଜା, ଅଷ୍ଟ୍ରେଲୀୟ ଓପନର

## ସଂକ୍ଷେପରେ

### ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ସନ୍ଦେହ

କରାଚୀ, ୮ା୧୧ (ପି.ଟି.)-ଆର୍ଥିକ ସଙ୍କଟ ଯୋଗୁ ଆଗାମି ହକି ବିଶ୍ୱକପ୍‌ରେ ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଭୁବନେଶ୍ୱରରେ ଏହି ମେଗା ଇଭେଣ୍ଟ ନଭେମ୍ବର ୨୮ରୁ ଖେଳାଯିବ। ଏଥିଲାଗି ଦଳ ପଠାଇବା ଏବଂ ଖେଳାଳିମାନଙ୍କୁ ସେମାନଙ୍କ ବକେୟା ପାଉଣା ଦେବା ଉଦ୍ଦେଶ୍ୟରେ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ପାକିସ୍ତାନ କ୍ରିକେଟ ଆସୋସିଏଶନଠାରୁ ଋଣ ଆକାରରେ ଆର୍ଥିକ ସହାୟତା ଲୋଡିଥିଲା। ମାତ୍ର ପିସିବି ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଖବର ଅନୁସାରେ ପାକିସ୍ତାନ ହକି ଦଳର ନୂଆ ମୁଖ୍ୟ କୋଚ୍ ତୌକିର ଦର୍ ଓ ମ୍ୟାନେଜର ହସନ ସର୍ଦ୍ଦାର ପିସିବି ଚେୟାରମାନ ଏହେସାନ ମନିଙ୍କ ସହିତ ଆର୍ଥିକ ଋଣ ନେଇ କଥାବାର୍ତ୍ତା ହୋଇଥିଲେ। ମନି ସେମାନଙ୍କୁ କହିଥିଲେ ୨୦୦୦ ପ୍ରାରମ୍ଭରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ତୌକିର ଜିଆଙ୍କ କାର୍ଯ୍ୟକାଳ ସମୟରେ ପିଏଚ୍‌ଏଫ୍ କ୍ରିକେଟ ବୋର୍ଡଠାରୁ ନେଇଥିବା ଋଣ ଏପର୍ଯ୍ୟନ୍ତ ପରିଶୋଧ କରିପାରିନି। ଯଦି ପୁଣି ଋଣ ପ୍ରଦାନ କରାଯାଉଛି ତେବେ ଆମ୍ଭମାନଙ୍କୁ ଅଡିଟର ଓ ଆର୍ଥିକ ପରାମର୍ଶଦାତାମାନଙ୍କ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ। ମନି ଅନ୍ୟପକ୍ଷରେ ପ୍ରତିଶ୍ରୁତି ଦେଇ କହିଥିଲେ ସେ ସରକାରଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବେ ଏବଂ ପ୍ରାୟୋଜକ ଯୋଗାଡ଼ କରିବାରେ ସହାୟତା କରିବେ। ଆର୍ଥିକ ସଙ୍କଟ ଯୋଗୁ ବିଶ୍ୱକପ୍‌ରେ ଜାତୀୟ ଦଳର ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖା ଦେଇଛି ବୋଲି ପିଏଚ୍‌ଏଫ୍ ସମ୍ପାଦକ ଶାହବାଜ ଅହମ୍ମଦ ମଧ ପ୍ରକାଶ କରିଛନ୍ତି। ସେ କହିଛନ୍ତି ହକି ଫେଡେରେଶନକୁ ୮ ନିୟୁତ ପାକିସ୍ତାନୀ ଟଙ୍କା ମଞ୍ଜୁର କରିବା ଲାଗି ବାରମ୍ବାର ସରକାରଙ୍କୁ ଅନୁରୋଧ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ପ୍ରତ୍ୟୁତ୍ତର ମିଳିନାହିଁ।

### ଅନ୍ ଲାଇନ୍ କ୍ରେତାଙ୍କୁ ଟିକେଟ ବଣ୍ଟନ ଆରମ୍ଭ

ଭୁବନେଶ୍ୱର, ୮ା୧୧ (ସ୍ପୋର୍ଟ୍ସ ବ୍ୟୁରୋ): ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍‌ର ଟିକେଟ ବିକ୍ରି ଜୋରଦାର ଚାଲିଛି। ଷ୍ଟାଡିୟମର ବକ୍ସ ଅଫିସ୍ ଭୁବନେଶ୍ୱର ଓ କଟକର ବିଭିନ୍ନ ଆଉଟ୍‌ଲେଟ୍‌ରେ ଟିକେଟ କ୍ରୟ କରିବାକୁ ପ୍ରଶଂସକମାନଙ୍କ ମଧ ପ୍ରବଳ ଉତ୍ସାହ ଓ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଗତ ୫ ତାରିଖରୁ ଆଉଟଲେଟ୍‌ରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୨୦ ଦିନ ବାକିଥିବା ବେଳେ ଟିକେଟ ବିକ୍ରିରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ବୋଲି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ତେବେ ଯେଉଁମାନେ ଅନ୍ ଲାଇନ୍ ଟିକେଟ କ୍ରୟ କରିଥିଲେ ସେମାନେ ଭାଉଚର ଦେଖାଇ ପ୍ରକୃତ ଟିକେଟ ସଂଗ୍ରହ କରିପାରିବେ। ଏହି ଅନ୍ ଲାଇନ୍ ଟିକେଟ ବିମୋଚନ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ୪ ନମ୍ବର ଗେଟ୍‌ରେ ପ୍ରଶଂସକମାନେ ପ୍ରତ୍ୟେକ ଦିନ ୧୦ଟାରୁ ୫ଟା ମଧ୍ୟରେ ଟିକେଟ ସଂଗ୍ରହ କରିପାରିବେ। ତେବେ ଯେଉଁ ପ୍ରଶଂସକମାନେ ଅନ୍ ଲାଇନ୍ ଟିକେଟ କ୍ରୟ କରିଥିଲେ ସେମାନେ ୪ ନମ୍ବର ଗେଟ୍ ସ୍ଥିତ ବକ୍ସ ଅଫିସ୍‌କୁ ସାଥିରେ ସେମାନଙ୍କର ଭାଉଚର ଆଣିବା ଆବଶ୍ୟକ ବୋଲି ହକି ଇଣ୍ଡିଆ ସଧାରଣ ସମ୍ପାଦକ ରାଜିନ୍ଦର ସିଂ କହିଛନ୍ତି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମ ଓ ୧୧ ନମ୍ବର ଦଳ କାନାଡ଼ା ପରସ୍ପରକୁ ଭେଟିବେ। ଉଦ୍‌ଘାଟନୀ ଦିବସରେ ଆୟୋଜକ ଭାରତ ମଧ ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଶ୍ୱର ୧୫ ନମ୍ବର ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

### କ୍ୱାର୍ଟରରେ ଶ୍ରୀକାନ୍ତ, ସିନ୍ଧୁ

ଫୁଝୁ(ଚାଇନା),୮ା୧୧(ପି.ଟି.)-ଭାରତୀୟ ଶଟଲର କିଡାମ୍ବି ଶ୍ରୀକାନ୍ତ ଓ ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ଚାଇନା ଓପନ ୱାର୍ଲ୍ଡ ଟୁର ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସିନ୍ଧୁ ୨୧-୧୨, ୨୧-୧୫ ଗେମ୍‌ରେ ଥାଇଲାଣ୍ଡ ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଖେଳାଳି ଶ୍ରୀକାନ୍ତ ଇଣ୍ଡୋନେସିଆର ଟମି ସୁଗିଆର୍ଟୋଙ୍କୁ ୩ ଗେମ୍ ବିଶିଷ୍ଟ ମୁକାବିଲାରେ ହରାଇ ଦେଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଭାରତୀୟ ଖେଳାଳି ୧୦-୨୧, ୨୧-୧୯, ୨୧-୯ ଗେମ୍‌ରେ ମ୍ୟାଚ୍‌କୁ ଜିତି ନେଇଛନ୍ତି।

# ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷିତ



ଅଧିନାୟକ ମନପ୍ରୀତ ସିଂ।

**ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି), ରାଉରକେଲା ଅଫିସ,୮ା୧୧**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଯାଉଥିବା ହକି ପୁରୁଷ ବିଶ୍ୱକପ୍ ଲାଗି ଗୁରୁବାର ହକି ଇଣ୍ଡିଆ ପକ୍ଷରୁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳରେ ଚିଙ୍ଗଲେନ୍‌ସାନା ସିଂ କାଙ୍ଗୁଜାମ ଉପ ଅଧିନାୟକ ଭାର ତୁଲାଇବେ। ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ଓଡ଼ିଶାର ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଜାତୀୟ ଦଳକୁ ଫେରିଛନ୍ତି। ଯୁବ ଓଡ଼ିଆ ଖେଳାଳି ଅମିତ ରୋହିଦାସ, ସୁରେନ୍ଦ୍ର କୁମାର, କୋଠାଜିତ ସିଂ ଓ ୨୦୧୬ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ହରମନପ୍ରୀତ ସିଂ ଓ ବରୁନ କୁମାରଙ୍କ ସହ ବୀରେନ୍ଦ୍ର ଦଳର ଡିଫେନ୍ସ ଭାଗ ସମ୍ଭାଳିବେ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଚାମ୍ପିୟନ ଭାରତୀୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନପ୍ରୀତ ସିଂ ମିଡ୍‌ଫିଲ୍ଡ ବିଭାଗର ନେତୃତ୍ୱ ନେବେ। ଏହି ବିଭାଗରେ ଅଭିଜ୍ଞ ଚିଙ୍ଗଲେନସାନାଙ୍କ ସମେତ ଯୁବ ଖେଳାଳି ସୁମିତ, ନୀଳକାନ୍ତ ଶର୍ମା ଓ ହାର୍ଦ୍ଦିକ ସିଂ ରହିଛନ୍ତି। ସେହିଭଳି ଭାରତୀୟ ଦଳର ଆକ୍ରମଣ ଦାୟିତ୍ୱରେ ଆକାଶଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ ଉପାଧ୍ୟାୟ ଓ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ମନଦୀପ ସିଂ ଓ ସିମରନଜିତ ସିଂ ରହିବେ। ଭାରତୀୟ ଦଳ ଗ୍ରୁପ ସି'ରେ ବିଶ୍ୱର ୩ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ବେଲଜିୟମ ସମେତ କାନାଡା ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଘରୋଇ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଦ. ଆଫ୍ରିକାକୁ ଭେଟିବ। ଗ୍ରୁପର ଶୀର୍ଷ ସ୍ଥାନ ହାସଲ କରିଥିବା ଦଳ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବ। ଅନ୍ୟ ଦଳଗୁଡ଼ିକୁ କ୍ରସ ଓଭର ପର୍ଯ୍ୟାୟର ସମ୍ମୁଖୀନ ହେବାକୁ ପଡ଼ିବ। "ହକି ବିଶ୍ୱକପ୍ ପାଇଁ ଉପଲବ୍ଧ ଥିବା ଖେଳାଳିଙ୍କ ମଧ୍ୟରୁ ଆମେ ଶ୍ରେଷ୍ଠ କମ୍ବିନେଶନ ଦେଖି ଦଳ ଚୟନ କରିଛୁ। ୩୪ କୋର ଗ୍ରୁପରୁ ୧୮ ଜଣଙ୍କୁ ଚୟନ କରିବା ଲାଗି ଆମେ କେତେକ କଠିନ ନିଷ୍ପତ୍ତି ନେଇଛୁ। ଅନ୍ତିମ ୧୮ ଜଣିଆ ଦଳରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିଛି। ଫର୍ମ ଓ ଫିଟ୍‌ନେସକୁ ଦୃଷ୍ଟିରେ ରଖି ଏମାନଙ୍କୁ ଚୟନ କରାଯାଇଛି। ମୁଁ ନିଶ୍ଚିତ ଯେ, ଏହି ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିବ" ବୋଲି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି।

ବୀରେନ୍ଦ୍ର ସେଲ ହକି ଏକାଡେମି ଛାତ୍ର ହୋଇଥିବା ବେଳେ ଅମିତ ହେଉଛନ୍ତି ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଛାତ୍ର। ସେ ବିଭିନ୍ନ ସମୟରେ କୋଚ୍ ବିଜୟ ଲାକ୍ରା ଓ ଅମୂଲ୍ୟ ବିହାରୀଙ୍କ ଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବା ବେଳେ ତାଙ୍କ ଚୟନ ନେଇ ମିଲଟନ ବିଲୁଙ୍ଗ, ଅମୂଲ୍ୟ ବେହେରା, ପିତର ସୋରେନ ଓ ଫ୍ଲୋରେସିଆ ଏକ୍କା ପ୍ରମୁଖ ସନ୍ତୋଷ ପ୍ରକାଶ କରିଛନ୍ତି। ଅଲିମ୍ପିଆନ ବୀରେନ୍ଦ୍ର ରାଜୁକାନ୍ତ ସାଇନି ଓ ପିତର ତିର୍କୀଙ୍କ ଭଳି ଦକ୍ଷ କୋଚ୍‌ଙ୍କ ଠାରୁ ତାଲିମ ପାଇଥିବା ବେଳେ ତାଙ୍କ ସଫଳତା ନେଇ ରାଉରକେଲାରେ ଆଶା ସଞ୍ଚାର ହୋଇଛି। ଉଭୟ ଖେଳାଳିଙ୍କୁ ଭେଟେରାନ ହକି ଆସୋସିଏସନ ସମେତ ପାନପୋଷ କ୍ରୀଡା ସଂଗଠନ ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା ଓ ଅନ୍ୟମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଭାରତୀୟ ଦଳ

- ଗୋଲକିପର: ପି.ଆର. ଶ୍ରୀଜେଶ ଓ କ୍ରିଷନ ବାହାଦୁର ପାଠକ।
- ଡିଫେଣ୍ଡର: ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ବରୁନ କୁମାର, କୋଠାଜିତ ସିଂ ଖାଡାଙ୍ଗବାମ, ସୁରେନ୍ଦ୍ର କୁମାର ଓ ଅମିତ ରୋହିଦାସ।
- ମିଡ୍‌ଫିଲ୍ଡର: ମନପ୍ରୀତ ସିଂ (ଅଧିନାୟକ), ଚିଙ୍ଗଲେନସାନା ସିଂ କାଙ୍ଗୁଜାମ (ଉପଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ ଓ ସୁମିତ।
- ଫରୱାର୍ଡ: ଆକାଶଦୀପ ସିଂ, ମନଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ ସିଂ।

## ଦିଲୀପ, ଲାଜରୁସ୍‌ଙ୍କ ପରେ ବୀରେନ୍ଦ୍ର ଲାକ୍ରା



ଦିଲୀପ ତିର୍କୀ

**ଭୁବନେଶ୍ୱର, ୮ା୧୧(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପର ୧୪ତମ ସଂସ୍କରଣ ପାଇଁ ଗୁରୁବାର ଘୋଷିତ ୧୮ ଜଣିଆ ଖେଳାଳି ତାଲିକାରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଭାରତୀୟ ହକି ବିଶ୍ୱକପ ଦଳରେ ଏକାଧିକ ଖେଳାଳି ସାମିଲ ହେବାର ସୁଯୋଗ ପାଇଛନ୍ତି। ପୂର୍ବରୁ ୨୦୦୬ରେ ଏହା ହୋଇଥିଲା। ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲାଙ୍କ ପରେ ତୃତୀୟ ଓଡ଼ିଆ ଖେଳାଳି ଭାବେ ବୀରେନ୍ଦ୍ର ଏକାଧିକ ବିଶ୍ୱକପରେ ଖେଳିବାକୁ ଯାଉଛନ୍ତି।



ଲାଜରୁସ ବାର୍ଲା

ହକି ବିଶ୍ୱକପ ୧୯୭୧ ମସିହାରୁ ଆରମ୍ଭ ହୋଇଥିଲେ ହେଁ ଓଡ଼ିଶା ଖେଳାଳିଙ୍କ ପ୍ରତିନିଧିତ୍ୱ ୧୯୯୮ରେ ଆରମ୍ଭ ହୋଇଥିଲା। ଅର୍ଥାତ୍ ୮ଟି ସଂସ୍କରଣ ପରେ ଭାରତ ପକ୍ଷରୁ କୌଣସି ଓଡ଼ିଶା ଖେଳାଳି ପ୍ରତିନିଧିତ୍ୱ କରିବାର ଗୌରବ ପାଇଥିଲେ। ନେଦରଲାଣ୍ଡର ଉଟ୍ରେଟ୍‌ଠାରେ ଅନୁଷ୍ଠିତ ଏହି ବିଶ୍ୱକପରେ ୨ ଜଣ ଓଡ଼ିଆ ଖେଳାଳି ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲା ଭାରତ ପକ୍ଷରୁ ଖେଳିଥିଲେ। ଏହି ବିଶ୍ୱକପରେ ୧୨ ଦଳ ମଧ୍ୟରେ ଭାରତ ୯ମ ସ୍ଥାନରେ ରହିଥିଲା। ୨୦୦୨ କୁଆଲାଲମ୍ପୁର ବିଶ୍ୱକପରେ ମଧ ଖେଳିବାର ସୁଯୋଗ ପାଇଥିଲେ ଦିଲୀପ ଓ ଲାଜରୁସ। ଏଥିରେ ଭାରତ ୧୬ ଦଳ ମଧ୍ୟରେ ୧୦ମ ସ୍ଥାନ ପାଇଥିଲା। ୨୦୦୬ରେ ଜର୍ମାନୀର ମନଚେନ୍‌ଗ୍ଲାଡ୍‌ବ୍ୟାକ୍‌ଠାରେ ଅନୁଷ୍ଠିତ ବିଶ୍ୱକପରେ ଜଣେ ଓଡ଼ିଆ ଖେଳାଳିଙ୍କ ଉପରେ ଅଧିନାୟକ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେ ଥିଲେ ଦିଲୀପ ତିର୍କୀ। ଏହି ବିଶ୍ୱକପରେ ଦିଲୀପ, ଇଗ୍ନେସ ତିର୍କୀ ଓ ପ୍ରବୋଧ ତିର୍କୀ ଭାରତ ପକ୍ଷରୁ ଖେଳିଥିଲେ। ଏଥିରେ ଭାରତ ୧୨ ଦଳ ମଧ୍ୟରେ ୧୧ତମ ସ୍ଥାନ ପାଇଥିଲା। ୨୦୧୦ ବିଶ୍ୱକପ ନୂଆଦିଲ୍ଲୀରେ ହୋଇଥିବାବେଳେ ଜଣେ ହେଲେ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ଖେଳିବା ସୁଯୋଗ ପାଇ ନ ଥିଲେ। ୨୦୧୪ ନେଦରଲାଣ୍ଡର ଦି ହଗ୍‌ଠାରେ ଅନୁଷ୍ଠିତ ବିଶ୍ୱକପରେ ବୀରେନ୍ଦ୍ର ଲାକ୍ରା ଖେଳିଥିଲେ। ଏଥିରେ ଭାରତ ୯ମ ସ୍ଥାନ ଅଧିକାର କରିଥିଲା। ରେକର୍ଡ ଦେଖିଲେ ଏହା ପୂର୍ବରୁ ୨୦୦୬ରେ ଏକାଧିକ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏବେ ୧୨ ବର୍ଷ ପରେ ତାହାର ପୁନରାବୃତ୍ତି ଘଟାଇ ୨ ଜଣ ଖେଳାଳି ଏହି ସୁଯୋଗ ପାଇଛନ୍ତି। ହକି ମହାକୁମ୍ଭ ଏଥର ଘରୋଇ ପରିବେଶରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଭାରତ ପୂର୍ବ ୫ ସଂସ୍କରଣ ତୁଳନାରେ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ୨୦୧୪ରେ ବୀରେନ୍ଦ୍ର ବିଶ୍ୱକପ୍ ଖେଳିବାର ଅଭିଜ୍ଞତା ରଖିଥିବାରୁ ଏଥର ଦ୍ୱିତୀୟ ଥରପାଇଁ ଏହି ମହାକୁମ୍ଭରେ ନିଜ ଯାଦୁ ଦେଖାଇବାର ସୁଯୋଗ ପାଇଛନ୍ତି। ଅନ୍ୟ ପକ୍ଷରେ ନିଜ ଦକ୍ଷତା ଦ୍ୱାରା ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପାରିଥିବା ଅମିତ ଏଥର ପ୍ରଥମଥର ପାଇଁ ବିଶ୍ୱକପର ଅନୁଭୂତି ଲାଭ କରିବେ। କଳିଙ୍ଗ ଷ୍ଟାଡିୟମ ଘରୋଇ ପଡ଼ିଆ ହୋଇଥିବାରୁ ଉଭୟ ବୀରେନ୍ଦ୍ର ଓ ଅମିତ ଦର୍ଶକଙ୍କ ସମର୍ଥନ ଲାଭ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ହକି ପ୍ରେମୀଙ୍କ ଆଶା ରହିଛି।

### ଏକାଧିକ ବିଶ୍ୱକପ୍ ଖେଳିବାରେ ଓଡ଼ିଆ

## ବୀରେନ୍ଦ୍ର ଲାକ୍ରା



**ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ବୀରେନ୍ଦ୍ରଙ୍କ ପାଇଁ ଏହା ଦ୍ୱିତୀୟ ବିଶ୍ୱକପ୍ ହୋଇଥିବାବେଳେ ଅମିତ ପ୍ରଥମଥର ପାଇଁ ଏହି ହକି ମହାକୁମ୍ଭରେ ନିଜ ପ୍ରତିଭା ଦେଖାଇବେ।**

ସୁନ୍ଦରଗଡ଼ ଜିଲା ଲାଚଡ଼ାରେ ଏକ ଆଦିବାସୀ ପରିବାରରେ ଜନ୍ମିତ ବୀରେନ୍ଦ୍ର ଜଣେ ଶ୍ରେଷ୍ଠ ଡିଫେଣ୍ଡର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ୨୮ ବର୍ଷୀୟ ବୀରେନ୍ଦ୍ର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ବଡ଼ ଭାଇ ବିମଲ ଓ ଭଉଣୀ ଅସୁନ୍ତା ଭାରତ ପାଇଁ ଖେଳି ବେଶ୍ ସଫଳତା ହାସଲ କରିଥିଲେ। ଅସୁନ୍ତା ଭାରତୀୟ ମହିଳା ଦଳର ନେତୃତ୍ୱ ମଧ ନେଇଥିଲେ। ରାଉରକେଲ ଷ୍ଟିଲ ପ୍ଲାଣ୍ଟର ସେଲ ହକି ଏକାଡେମୀରୁ ବୀରେନ୍ଦ୍ର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୭ରେ ସେ ପ୍ରଥମଥର ପାଇଁ ଭାରତୀୟ ଜୁନିୟର ଦଳରେ ସାମିଲ ହୋଇଥିଲେ। ୨୦୧୧ରେ ସେ ଦକ୍ଷିଣ ଆଫ୍ରିକାରେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫିରେ ଭାରତ ପାଇଁ ଖେଳିଥିଲେ। ପୁଣି ୨୦୧୨ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତେବେ ସେ ଏହା ପୂର୍ବରୁ ୨୦୦୯ରେ ସିଙ୍ଗାପୁରରେ ଭାରତ ପାଇଁ ଜୁନିୟର ବିଶ୍ୱକପ୍ ଖେଳିଥିଲେ। ଏହି ବର୍ଷ ସେ ସିଡନୀରେ ଅନୁଷ୍ଠିତ ଯୁଥ ଅଲିମ୍ପିକ୍ସରେ ମଧ ଭାରତ ପାଇଁ ପଡିଆକୁ ଓହ୍ଲାଇଥିଲେ। ସେହିପରି ୨୦୧୦ରେ ଢାକାରେ ଖେଳାଯାଇଥିବା ସାଫ୍ ଗେମ୍ସରେ ମଧ ଭାରତ ପାଇଁ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଥିଲେ।

ବୀରେନ୍ଦ୍ର ୨୦୧୪ ଏସିଆନ ଗେମ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ରେ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ ସେ ରୌପ୍ୟ ପଦକ ଜିତିଥିଲେ। ସେହିପରି ୨୦୧୨ରେ ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକିରେ ସେ ଦେଶ ପାଇଁ ବ୍ରୋଞ୍ଜ୍ ପଦକ ଜିତିଥିଲେ।

୨୦୧୨ ଚାମ୍ପିୟନ୍ସ ଟ୍ରଫି ରେ ଭାରତକୁ ସେମିଫାଇନାଲରେ ପହଞ୍ଚାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବୀରେନ୍ଦ୍ରଙ୍କ ପାସ୍ ବଳରେ ଭାରତ ବେଲଜିୟମକୁ ଏକମାତ୍ର ଗୋଲରେ ପରାସ୍ତ କରି ଦୀର୍ଘ ୮ ବର୍ଷ ପରେ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଥିଲା। ସେ ମଧ ଫ୍ରାନ୍ସରେ ଅନୁଷ୍ଠିତ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ପ୍ରଥମ ଗୋଲ ଦେଇ ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ହାଇପ୍ରୋଫାଇଲ ହକି ଇଣ୍ଡିଆ ଲିଗ୍‌ରେ ମଧ ଅଂଶଗ୍ରହଣ କରି ସେ ବେଶ୍ ସଫଳ ହୋଇ ପାରିଥିଲେ। ଭାରତ ପାଇଁ ୭୧ଟି ମ୍ୟାଚ ଖେଳି ବୀରେନ୍ଦ୍ର ଏପର୍ଯ୍ୟନ୍ତ ୭ଟି ଗୋଲ ସ୍କୋର କରିଛନ୍ତି।

## ଅମିତ ରୋହିଦାସ




ଜଣେ ପ୍ରତିଭା ସମ୍ପନ୍ନ ଡିଫେଣ୍ଡର ଭାବେ ନିଜ ଦକ୍ଷତା ପ୍ରମାଣିତ କରିଥିବା ଅମିତ ରୋହିଦାସ ଜାତୀୟ ଦଳରେ ଜଣେ ନିୟମିତ ସଦସ୍ୟ ବନିଯାଇଛନ୍ତି। ୨୫ ବର୍ଷୀୟ ଅମିତ୍ ହକିର ଅନ୍ତୁଡିଶାଳା କୁହାଯାଉଥିବା ସୁନ୍ଦରଗଡ଼ ଜିଲାର ସଉନାମରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ନିଜ ଗାଁରୁ ସେ ହକି ଖେଳିବା ଆରମ୍ଭ କରିଥିଲେ। ସେ ୨୦୦୪ରେ ରାଉରକେଲାର ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗ ଦେଇଥିଲେ। ୨୦୦୯ରେ ସେ ଜାତୀୟ ଜୁନିୟର ଦଳରେ ସ୍ଥାନ ପାଇବା ପରେ ପଛକୁ ଫେରି ଚାହିଁ ନ ଥିଲେ। ଏହାପରେ ଦମ୍‌ଦାର ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଇପୋରେ ୨୦୧୩ରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ସିନିୟର ଦଳ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏହି ଟୁର୍ନାମେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା। ଏହା ପରେ ସେ ୨୦୧୭ରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏପର୍ଯ୍ୟନ୍ତ ସେ ଭାରତ ପାଇଁ ୪୧ଟି ମ୍ୟାଚରେ ପ୍ରତିନିଧିତ୍ୱ କରି ୨ଟି ଗୋଲ ସ୍କୋର କରିଛନ୍ତି।





ହକି ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳ।

DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଶୁକ୍ରବାର, ନଭେମ୍ବର ୯/୨୦୧୮ | Berhampur, Friday, November, 9/ 2018

## ସଂକ୍ଷେପରେ

### ଜଳିଗଲା ୫ ବଖରା



ଦିଗପହଣ୍ଡି,୮।୧୧(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ କୁଶପଡା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୫ ବଖରା ଘର ପୋଡି ଯାଇଛି। ବୁଧବାର ଦିପାବଳୀ ପାଇଁ ଗ୍ରାମରେ ଏସ. ସନ୍ତୋଷ ଦୋରାଙ୍କ ଘରେ ପିଠା ପ୍ରସ୍ତୁତ ହେଉଥିଲା। ଚୁଲିରେ ପିଠା ଛଣା ଯାଉଥିବା ବେଳେ ଅପରାହ୍ନ ପ୍ରାୟ ୩ଟାରେ ଅସାବଧନତା କାରଣରୁ ଘର ଚାଳରେ ନିଆଁ ଲାଗି ଯାଇଥିଲା। ଫଳରେ ସନ୍ତୋଷଙ୍କ ୩ ବଖରା ଓ ପଡ଼ୋଶୀ ଦୁଃଖିଶ୍ୟାମ ଦୋରାଙ୍କ ୨ ବଖରା ଘର ଜଳି ଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଲକ୍ଷାଧିକ ଟଙ୍କା ମୂଲ୍ୟର ଆସବାବପତ୍ର ଓ ଧାନ ଚାଉଳ ପୋଡି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି।

### ନାବାଳିକା ଗଣ ବଳାତ୍କାର ଘଟଣା
### ପୀଡିତାଙ୍କ ଗାଁରେ ପାଳନ ହେଲାନି ଦୀପାବଳି

ପୋଲସରା/ହାତୀଓଟ, ୮।୧୧ (ଡି.ଏନ.ଏ.)- ପୋଲସରାରେ ବୁଧବାର ଆଲୋକର ପର୍ବ ଦୀପାବଳି ଧୁମ୍‌ଧାମରେ ପାଳିତ ହୋଇଥିବାବେଳେ ପୀଡିତାଙ୍କ ଗାଁରେ ଦୀପାବଳି ପାଳନ ହୋଇନାହିଁ। ବୁଧବାର ଚାରିଆଡେ ଲୋକେ ରଙ୍ଗୀନ ଆଲୋକମାଳାରେ ଘର ସଜାଇ ବାଣ ଫୁଟାଇ ଦୀପାବଳି ପାଳନ କରୁଥିବାବେଳେ ପୀଡିତାଙ୍କ ଗାଁ ଥିଲା ଅନ୍ଧାର। ଗ୍ରାମବାସୀ ପୀଡିତାଙ୍କୁ ସମ୍ମାନ ଜଣାଇବାକୁ ଏପରି ନିଷ୍ପତ୍ତି ନେଇଥିଲେ। ପ୍ରକାଶ ଯେ, ଗତମାସ ୩୧ ତାରିଖ ରାତିରେ ୩ଜଣ ଦୁର୍ବୃତ୍ତ ଜନୈକ ବ୍ୟକ୍ତିଙ୍କ ଘରେ ପଶି ଲୁଟ୍‌ପାଟ କରିବା ପରେ ତାଙ୍କ ନାବାଳିକା ଝିଅଙ୍କୁ ଟେକିନେଇ ଗଣ ବଳାତ୍କାର କରିଥିଲେ। ନାବାଳିକା ଜଣକ ଏବେ ବ୍ରହ୍ମପୁର ବଡ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କବିସୂର୍ଯ୍ୟନଗର ଥାନାରେ ନଂ.୨୪୮/୧୮ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବାବେଳେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରିପାରିନାହିଁ।

### ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର, ସ୍ୱାମୀ ଗିରଫ

ଭଞ୍ଜନଗର,୮।୧୧(ଡି.ଏନ.ଏ.)-ତାରସିଂ ଥାନା କ୍ଷେତମୁଣ୍ଡାଳି ଗ୍ରାମରେ ଗୁରୁବାର ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି । ଆହତ ଜଣକ ହେଲେ ସୁଷମା ନାୟକ। ତାଙ୍କୁ ପ୍ରଥମେ ଭଞ୍ଜନଗର, ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି । ତାରସିଂ ପୋଲିସ ଅଭିଯୁକ୍ତ ସ୍ୱାମୀ ପ୍ରକାଶ ନାୟକଙ୍କୁ ଗିରଫ କରିଛି। ଗୁରୁବାର ସକାଳେ ପ୍ରକାଶ ଶୋଇଥିବା ବେଳେ କାମକୁ ଯିବା ପାଇଁ ସୁଷମା ତାଙ୍କୁ ଉଠାଇଥିଲେ। ପ୍ରକାଶ ଉଠିପଡ଼ି ସ୍ତ୍ରୀଙ୍କୁ ପାଟିତୁଣ୍ଡ କରିବା ସହ ଟାଙ୍ଗିଆ ଆଣି ମୁଣ୍ଡକୁ ପିଟିଥିଲେ। ଫଳରେ ସୁଷମା ଗୁରୁତର ଆହତ ହୋଇଥିଲେ। ଝିଅ ରୀତା ଚିକିତ୍ସା ପାଇଁ ମା'ଙ୍କୁ ଭଞ୍ଜନଗର ଡାକ୍ତରଖାନାକୁ ଆଣିଥିଲେ । ରୀତାଙ୍କ ଏତଲା ପ୍ରକାରେ ନଂ.୧୪୭/୧୮ରେ ମାମଲା ରୁଜୁ ହୋଇଛି। ସନ୍ଧ୍ୟାରେ ପ୍ରକାଶଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଭଗବାନ ପୂଜାରୀ କହିଛନ୍ତି ।

### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୀପଦାନ

ବୁଗୁଡ଼ା,୮।୧୧(ଡି.ଏନ.ଏ.)-ଦେଶ ସୁରକ୍ଷା ପାଇଁ ସୀମାନ୍ତ ଥାଇ ଶହୀଦ ହୋଇଥିବା ଯବାନମାନଙ୍କ ଆତ୍ମାର ସଦଗତି ପାଇଁ ବୁଗୁଡ଼ା ନିକଟସ୍ଥ ବୀରଧନଞ୍ଜୟପୁର ବୁଦ୍ଧଗିରି ଯୁବ ସଂସଦ ତରଫରୁ ଦୀପାବଳୀ ଅବସରରେ ସମୂହ ଦୀପଦାନ କରାଯାଇଛି। ଗ୍ରାମର ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ସଂସଦର ସଭ୍ୟମାନେ ଦୀପଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ବୈଷ୍ଣବ ଚରଣ ଦାଶ, ରାଜଶ୍ରୀ ଶେଖର ଦାଶ, ପ୍ରଦୀପ ଦାଶ, ସିଦ୍ଧାନ୍ତ ଦାଶ, କମ୍ବୁପାଣି ଦାଶ, ଭାଗ୍ୟଧର ରଥଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ ।




■ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରରେ ପାଣି ଅଭାବ

# ପ୍ରକୃତ ତଥ୍ୟ ଦେବାକୁ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶ

ଛତ୍ରପୁର,୮।୧୧(ଡି.ଏନ.ଏ)

ଗଞ୍ଜାମ ଜିଲାର ଅଧିକାଂଶ ସରକାରୀ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ପାଣି ଅଭାବ ରହିଛି। ଏହାକୁ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ (ଆରଡବ୍ଲ୍ୟୁଏସଏସ) ଏବଂ ଶିକ୍ଷା ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ରିପୋର୍ଟ ମଧ୍ୟରେ ତାଳମେଳ ରହୁନି। ଅକ୍ଟୋବର ୨୧ ତାରିଖରେ ଛତ୍ରପୁରସ୍ଥିତ ସର୍କିଟ ହାଉସଠାରେ ରାଜ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ଅତିରିକ୍ତ ସଚିବଙ୍କ ସମୀକ୍ଷା ବୈଠକରେ ଏହା ଜଣାପଡ଼ିଥିଲା। ସରକାରୀ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ କେତୋଟି ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ରହିଛି ଏବଂ କେଉଁଠାରେ ନାହିଁ ତଥ୍ୟ ଦେବାକୁ ଅତିରିକ୍ତ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆରଡବ୍ଲ୍ୟୁଏସଏସର ବ୍ରହ୍ମପୁର ଓ ଭଞ୍ଜନଗର ଡିଭିଜନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସରକାରୀ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ କେତୋଟି ନଳକୂପ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରହିଛି ଏବଂ ସ୍ଥିତି କ'ଣ ଅଛି ତଦନ୍ତ କରିବାକୁ ଉକ୍ତ ୨ ଡିଭିଜନର ନିର୍ବାହୀଯନ୍ତ୍ରୀଙ୍କ ପକ୍ଷରୁ ଆସିକା, ଭଞ୍ଜନଗର, ପୋଲସରା, ଛତ୍ରପୁର ଆଦି ସମସ୍ତ ସବଡିଭିଜନର ସହକାରୀ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକୃତ ତଥ୍ୟ ହାସଲ ପାଇଁ ସହକାରୀ ଯନ୍ତ୍ରୀମାନେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଓ ସିଡିପିଓମାନଙ୍କ ସହାୟତା ନେବେ। ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସହାୟତା ଯୋଗାଇ ଦେବାକୁ ମଧ୍ୟ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଚିଠି କରି ଆରଡବ୍ଲ୍ୟୁଏସଏସ ନିର୍ବାହୀଯନ୍ତ୍ରୀଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ୫ ତାରିଖରେ ଚିଠି (ନଂ-୧୬୪୫୦) କରି ସହାୟତା ପ୍ରଦାନ ପାଇଁ ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲରେ ପାଣି ସୁବିଧାର କିଭଳି ସ୍ଥିତି ରହିଛି ରିପୋର୍ଟ ଦେବାକୁ କୁହାଯାଇଛି। ସେହିପରି ସିଡିପିଓ ମାନଙ୍କୁ ମଧ୍ୟ ଏନେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ଚିଠି କରିଥିବା ଜଣାପଡିଛି। ଗଞ୍ଜାମ ଜିଲାରେ ୩୫୪୩ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ ରହିଛି। ଏଥିମଧ୍ୟରୁ ୨୫୧୮ ଟି ସ୍କୁଲକୁ ନଳକୂପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ ୭୨ଟି କୂଅ, ୪୮୨ ସ୍କୁଲରେ ପାଇପ ଯୋଗେ ପାଣି ଯୋଗାଣ ହେଉଥିବା ରିପୋର୍ଟ ଅତିରିକ୍ତ ସଚିବଙ୍କୁ ଦିଆଯାଇଥିଲା। ଏଥିସହ ୪୭୫ ସ୍କୁଲ ବାହାରେ ପାଣିର ବ୍ୟବସ୍ଥା ଥିବା କୁହାଯାଇଛି।

# ଆତ୍ମ ସୁରକ୍ଷା ତାଲିମ ଶିବିର

ଧରାକୋଟ,୮।୧୧(ଡି.ଏନ୍.ଏ.)



ଶିବିରରେ ଉପସ୍ଥିତ ଛାତ୍ରୀମାନେ।

ଧରାକୋଟସ୍ଥିତ ଅନନ୍ତ ନାରାୟଣ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅକ୍ଷୟ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏଥିରେ ସଭାପତିତ୍ୱ କରିଥିଲେ। ସୋମନାଥ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଦିଗାମ୍ବର ବିଶୋୟୀ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିବାବେଳେ ଅଧାପିକା ଡ. ସୁମିତ୍ରା ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡିଆ ଅଧାପକ ଲଡୁ କିଶୋର ବେହେରା ସଂଯୋଜନା କରିଥିବାବେଳେ ସଂଯୋଜିକା ଭାବେ ଅଧାପିକା କ୍ଷୀରାବ୍ଧି ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଶିବିରରେ କଲେଜର ୨ଶହ ଛାତ୍ରୀଙ୍କୁ ୮ରୁ ୨୬ ନଭେମ୍ବର ପର୍ଯ୍ୟାନ୍ତ ଆତ୍ମ ସୁରକ୍ଷା ତାଲିମ ମାଷ୍ଟର ଟ୍ରେନର ବନିତା ସାହୁ, ସୋନାଲି ଗୌଡ ପ୍ରଦାନ କରିବେ। ଅଧାପକ ବଳରାମ ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହେଉଛି।

## ମୃତକଙ୍କ ପରିବାରକୁ ସହାୟତା

କୁକୁଡ଼ାଖଣ୍ଡି,୮।୧୧(ଡି.ଏନ.ଏ.)

ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ଗୁରୁବାର କୁକୁଡ଼ାଖଣ୍ଡି ତହସିଲଦାର ସୁବାସ ଚନ୍ଦ୍ର ରଇତ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ସିହଳା ରାଜସ୍ୱ ନିରୀକ୍ଷକ ଉଲ୍ଲାସ ଗୌଡ଼ ଓ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ। କୁକୁଡ଼ାଖଣ୍ଡି ବ୍ଲକ ଗୋଳନ୍ଥରା ଥାନା ସିହଳା ଗ୍ରାମର କାଶିନାଥ ପାତ୍ର ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ମୃତ କାଶିନାଥଙ୍କ ସ୍ତ୍ରୀ କୁମାରିଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି କୁକୁଡ଼ାଖଣ୍ଡି ବ୍ଲକ ଦିଗପହଣ୍ଡି ଥାନା ଅନ୍ତର୍ଗତ ଲଙ୍ଗଳଦେଇ ଗ୍ରାମରେ କିଛିଦିନ ପୂର୍ବେ ନରସିଂହ ଦାସଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ତାଙ୍କ ପୁତ୍ର ନାରାୟଣଙ୍କୁ ମଧ୍ୟ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ୨ ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟରେ ସହାୟତା ରାଶି ଜମା କରାଯାଇଥିବା ତହସିଲ ପକ୍ଷରୁ ସୂଚନା ମିଳିଛି।

## ପାଟିକା, ସହାୟିକା ସଂଘ ଗଠିତ



ଉପସ୍ଥିତ ପାଚିକା ଓ ସହାୟିକାମାନେ।

ପାତ୍ରପୁର,୮।୧୧(ଡି.ଏନ.ଏ.):

ପାତ୍ରପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଓ ସହାୟିକାମାନଙ୍କୁ ନେଇ ସାମନ୍ତିଆପଲ୍ଲୀସ୍ଥିତ ମା' ବାଗ୍‌ଦେବୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମା' ବାଗ୍‌ଦେବୀ ପାଚିକା ସଂଘ ଗଠନ କରାଯିବା ସହ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିସହ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ଇନ୍ଦୁମତି ପାଢୀଙ୍କୁ ସଂଘ ସଭାନେତ୍ରୀ, ସୁଜାତା ସାହୁ ଉପସଭାନେତ୍ରୀ, ରୁବିତା କୁମାରୀ ସାମଲ ସମ୍ପାଦିକା, ଶାରଳା ପ୍ରଧାନ ସହସମ୍ପାଦିକା, କୁମାରୀ ସାହୁ କୋଷାଧକ୍ଷା ଓ ଉପଦେଷ୍ଟା ଭାବେ ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ମାଧବ ବାଡ଼ତ୍ୟା, ସ୍ୱର୍ଣ୍ଣଲତା ସାହୁ ଓ ସରୋଜିନୀ ସାହୁଙ୍କୁ ମନୋନୀତ କରାଯାଇଛି।

## ବିଜୁ ଯୁବ ବାହିନୀ ବୈଠକରେ ଜିଲାପାଳ

ଶେରଗଡ,୮।୧୧(ଡି.ଏନ୍.ଏ.)

ଶେରଗଡ ବ୍ଲକ ସଭାଗୃହରେ ଗୁରୁବାର ବ୍ଲକ ବିଜୁ ଯୁବ ବାହିନୀର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧୀ ଶରତ ଚନ୍ଦ୍ର ମହାପାତ୍ର ଓ ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ବିଜୁ ଯୁବବାହିନୀର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ କୁହାଯାଇଥିଲା। ଆସନ୍ତା ୧୦ରେ ମୁଖ୍ୟମନ୍ତ୍ରୀ ଶେରଗଡ ଗସ୍ତ କରିବେ। ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଆୟୋଜିତ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସଭାରେ ଉପସ୍ଥିତ ଲୋକମାନଙ୍କ ସମସ୍ୟା ବୁଝିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଯୁବ ବାହିନୀର ସଭ୍ୟମାନଙ୍କୁ କୁହାଯାଇଥିଲା । ବୈଠକରେ ପ୍ରତିନିଧି ଓ ବିଡିଓଙ୍କ ସମେତ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ଯୁବ ବିଜେଡି ସଭାପିତ ସନ୍ତୋଷ କୁମାର ପଟ୍ଟନାୟକ, ବ୍ଲକ ସଂଯୋଜକ ଆଲୋକ କୁମାର ପଟ୍ଟନାୟକ, ନୋଡାଲ ଅଧିକାରୀ ତଥା ବ୍ଲକ ପ୍ରଗତି ସହାୟକ ଭଗବାନ ବେହେରା ଉପସ୍ଥିତ ଥିବାବେଳେ ବ୍ଲକର ସମସ୍ତ ପଞ୍ଚାୟତର ବିଜୁ ଯୁବ ବାହିନୀର ସଭାପତି ସମ୍ପାଦକ, କୋଷାଧକ୍ଷ ଯୋଗ ଦେଇଥିଲେ।

## ୨ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୨ ଗୁରୁତର

ସୋରଡା,୮।୧୧(ଡି.ଏନ୍.ଏ.)

ବଡଗଡରୁ ସୋରଡା ଅଭିମୁଖେ ଆସୁଥିବା ଏକ ବାଇକ ସହ ବିପରୀତ ଦିଗରୁ ଆସୁଥିବା ଅନ୍ୟଏକ ବାଇକର ଗୁରୁବାର ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସନ୍ଦିକେନ୍ଦୁ ଗ୍ରାମର ନଣ୍ଡା ସ୍ୱାଇଁ। ଅନ୍ୟ ବାଇକରେ ଥିବା ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଗଡଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ପରିଚୟ ମିଳିପାରିନାହିଁ। ପ୍ରକାଶ ଯେ, ନଣ୍ଡା ଅପରାହ୍ନ ପ୍ରାୟ ସାଢେ ଗୋଟାଏବେଳେ ବଡଗଡରୁ ସୋରଡା ଅଭିମୁଖେ ଆସୁଥିବାବେଳେ ବଡଗଡ-ସୋରଡା ରାସ୍ତା ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ବାଇକ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ନଣ୍ଡାଙ୍କ ମୃତ୍ୟୁ ଘଟିଥିବାବେଳେ ଆହତ ଦ୍ୱୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବଡଗଡ-ସୋରଡା ରାସ୍ତାର ପାତ୍ରପୁର ଠାରୁ ସିଙ୍ଗିପୁର ପର୍ଯ୍ୟନ୍ତ ସୁଦୀର୍ଘ ରାସ୍ତାରେ ବାଇକ ଚାଳକମାନେ ଦ୍ରୁତ ଗତିରେ ଗାଡି ଚଳାଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଅଞ୍ଚଳବାସୀ ଏଠାରେ ସ୍ପିଡ୍ ବ୍ରେକ୍‌ର ଲଗାଇବାକୁ ଦାବି କରୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି।

## କଲଭର୍ଟରେ ଧକ୍କାହୋଇ ବାଇକ ଆରୋହୀ ମୃତ

ଆସିକା,୮।୧୧(ଡି.ଏନ୍.ଏ.):

ଆସିକା ଥାନା ବାଲିଛାଇ ଛକ ନିକଟ କଲଭର୍ଟରେ ବୁଧବାର ରାତି ପ୍ରାୟ ସାଢେ ୮ଟାରେ ଧକ୍କା ହୋଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଆସିକା ସୁନାମ୍ବ ସାହିର ପଣ୍ଟୁ ସ୍ୱାଇଁ। ବାଇକ୍ (ନଂ.ଓଡି୩୨ ବି-୭୪୮୨)ରେ ପିଣ୍ଟୁ ଗୁଣ୍ଠପଡାରୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ କଲଭର୍ଟରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ଆସିକା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଗୁରୁବାର ଆସିକା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୩୫୫/୧୮ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି।

# ସରକାରୀ ଯୋଜନା ଅଗ୍ରଗତି ସମୀକ୍ଷା

ଦିଗପହଣ୍ଡି/ପାଟପୁର,୮।୧୧(ଡି.ଏନ.ଏ.)

**ସାନଖେମୁଣ୍ଡି ବ୍ଲକ**
- ■ କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ପ୍ରଦତ୍ତ ପାଣ୍ଠି ଶୀଘ୍ର ବିନିଯୋଗ ନିଷ୍ପତ୍ତି
- ■ ଆବାସ ଯୋଜନା, ଶୌଚାଳୟ ନିର୍ମାଣକୁ ଅଗ୍ରାଧିକାର

ସାନଖେମୁଣ୍ଡି ବ୍ଲକ ୨୬ ପଞ୍ଚାୟତ ଅଧୀନ ଗାଁ ଗୁଡ଼ିକରେ ସରକାରୀ ଉନ୍ନୟନ ଯୋଜନାରେ ଚାଲିଥିବା ସମସ୍ତ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଙ୍ଗଳବାର ସମୀକ୍ଷା କରାଯାଇଥିଲା। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ ଅଧକ୍ଷା ସଙ୍ଗୀତା ବେହେରା। ବିଡିଓ ଶିବ ଶଙ୍କର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଗଞ୍ଜାମ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷ ସୁବାସ ବେହେରା ଅତିଥି ଭାବେ ମଞ୍ଚାସୀନ ଥିଲେ। କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ପ୍ରଦତ୍ତ ପାଣ୍ଠି ବ୍ୟୟରେ ଚାଲିଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଉପସ୍ଥିତ କ୍ଷେତ୍ର କର୍ମଚାରୀ, ପଞ୍ଚାୟତ ବୈଷୟିକ ସହାୟକ, ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବିଡିଓ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ବିକାଶ ଯୋଜନା, ଆମ ଗାଁ ଆମ ବିକାଶ ଯୋଜନାର ସମସ୍ତ ପ୍ରକଳ୍ପ ସମେତ ଏମ୍‌ଜିଏନଆରଇଜିଏସ୍, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, ପାନୀୟ ଜଳ ପ୍ରକଳ୍ପ, କଲ୍ୟାଣ ମଣ୍ଡପ ଓ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପୂର୍ଣ୍ଣାଙ୍ଗ ପାଇଁ ସମସ୍ତ ପଦକ୍ଷେପ ନେବାକୁ ବୈଠକରେ ନିର୍ଦ୍ଧାରଣ କରାଯାଇଥିଲା। ବିଜୁ ପକ୍କାଘର ଓ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ହିତାଧିକାରୀଙ୍କୁ ନିର୍ମାଣ କାର୍ଯ୍ୟ ଶେଷ ପାଇଁ ପ୍ରୋତ୍ସାହିତ କରିବାକୁ ଯତ୍ନବାନ ହେବାକୁ କ୍ଷେତ୍ର ଅଧିକାରୀମାନଙ୍କୁ ଅତିଥିବୃନ୍ଦ କହିଥିଲେ। ବିଭିନ୍ନ ସରକାରୀ ଯୋଜନାରେ ବ୍ୟୟବରାଦ ଅର୍ଥରାଶି ପଞ୍ଚାୟତ ଜମାଖାତାରେ ଦୀର୍ଘଦିନ ହେଲା ପଡ଼ି ରହିଛି, ବିଭିନ୍ନ ଜନହିତକର ପ୍ରକଳ୍ପ ନିମନ୍ତେ ମଞ୍ଜୁର ଅର୍ଥରାଶି ବିନିଯୋଗ ହୋଇପାରି ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉପସ୍ଥିତ ବହୁ ସଂଖ୍ୟକ ସରପଞ୍ଚ, ସମିତିସଭ୍ୟ ଏନେଇ ହଟ୍ଟଗୋଳ କରିଥିଲେ। ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଉପାଧକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ଶଙ୍କର୍ଷଣ ସ୍ୱାଇଁ, ଗୋଲାପ ସେଠୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ